

୨୦୨୭ରେ
'କ୍ରିସ୍-୪'
▸ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-78 ◆THURSDAY ◆11 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୮ ◆ଗୁରୁବାର ◆୧୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ତୃତୀୟ ଦିନରେ ଥମିଲା ଆନ୍ଦୋଳନ

# ସେନା କବ୍‌ଜାରେ ନେପାଳ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ନିଷିଦ୍ଧ ଏବଂ ଦୁର୍ନୀତି ବିରୋଧରେ ନେପାଳରେ ଆରମ୍ଭ ହୋଇଥିବା 'ଜେନ୍ ଜେଡ୍' ଆନ୍ଦୋଳନ ସରକାର ଭୁଶୁଡ଼ାଇବା ପରେ ତୃତୀୟ ଦିନରେ କ୍ରମଶଃ ଶିଥିଳ ହୋଇଛି। ତେବେ ହିଂସା ୩୦ ଜଣଙ୍କ ଜୀବନ ନେଇଛି। ୧୦୩୩ରୁ ଅଧିକ ଆହତ ହୋଇଛନ୍ତି। ହିଂସ୍ର ପ୍ରଦର୍ଶନ ଯୋଗୁଁ ସାରା ଦେଶ ସେନା ନିୟନ୍ତ୍ରଣରେ ରହିଛି। ଅନ୍ତରୀଣ ସରକାର ଗଠନ ପାଇଁ ସେନା ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ୬ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହୋଇଛି।

ସମ୍ବିଧାନ ସଂଶୋଧନ ଦାବିକଲେ ଆନ୍ଦୋଳନକାରୀ

୩ ଦଶନ୍ଧି ଧରି କରାଯାଇଥିବା ଲୁଟ୍‌ର ତଦନ୍ତ ଦାବି

ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଝିଅର ପୋଡ଼ାଶବ ଉଦ୍ଧାର

ଜେଲ୍‌ରୁ ଚମ୍ପଟମାରିଲେ ୧୧ ହଜାର କଏଦୀ

ନେପାଳରେ ଫସିଛନ୍ତି ୨୦୦ ଭାରତୀୟ ଡ୍ରାଇଭର

ନେପାଳ ହିଂସା ଅନେକ ନିରୀହଙ୍କ ଜୀବନ ନେଇଛି। ଏହାକୁ ନେଇ ବୁଧବାର ଅନେକ ଖବର ସାମ୍ନାକୁ ଆସିଛି। ସିପିଏନ ଅଧ୍ୟକ୍ଷ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଝିଅ ଗଙ୍ଗା ଦହଲଙ୍କ ମୃତଦେହକୁ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରଚଣ୍ଡ ଏବଂ ତାଙ୍କ ସ୍ତ୍ରୀକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆନ୍ଦୋଳନକାରୀ ତାଙ୍କ ଘର ଉପରେ ଆକ୍ରମଣ କରି ▸ପୃଷ୍ଠା-୭

## ସୁଶୀଳା କାର୍କି ହେବେ କାମଚଳା ପ୍ରଧାନମନ୍ତ୍ରୀ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ଦେଶର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଁ ଜେନ୍ ଜେଡ୍ ଆନ୍ଦୋଳନକାରୀ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସେନା ଏବଂ ଅନ୍ୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ମଧ୍ୟରେ ଦୀର୍ଘ ୬ ଘଣ୍ଟାର ଅନ୍‌ଲାଇନ ଚର୍ଚ୍ଚା ପରେ ତାଙ୍କ ନାମରେ ମୋହର ବାଜିଛି। ଏହି ଭର୍ଚୁଆଲ ବୈଠକରେ ପ୍ରାୟ ୫ ହଜାର ଆନ୍ଦୋଳନକାରୀ ସାମିଲ ହୋଇଥିଲେ। କୌଣସି ଯୁବଗୋଷ୍ଠୀ ରାଜନୈତିକ ଦଳରେ ସାମିଲ ହୋଇ ସରକାର ଗଠନ ନିମନ୍ତେ ପ୍ରୟାସ କରିବେ ନାହିଁ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। କାର୍କି କୌଣସି ରାଜନୈତିକ ଭିତ୍ତିଭୂମିରୁ ଆସି ନାହାନ୍ତି। ସ୍ୱଚ୍ଛତା ଏବଂ ସମାନତା ପାଇଁ ତାଙ୍କୁ ବଛାଯାଇଛି। ସେ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ଥିଲେ। ସେ ମଧ୍ୟ ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି। ନାମ ପ୍ରସ୍ତାବ ଦେବା ପରେ ସୁଶୀଳା ସେନା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେନା ସହମତ ହେଲେ ସୁଶୀଳା ଦେଶର ନେତୃତ୍ୱ ନେବେ।

୧୯୫୨ ଜୁନ୍ ୭ରେ ଜନ୍ମିତ ସୁଶୀଳା ବନାରସ ହିନ୍ଦୁ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର୍ସ କରିଥିଲେ। ସେ ୧୯୭୯ ରେ ଓକିଲାତିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୬ ଜୁଲାଇ ୧୧ରୁ ୨୦୧୭ ଜୁନ୍ ୬ ପର୍ଯ୍ୟନ୍ତ ନେପାଳର ପ୍ରଧାନ ବିଚାରପତି ଥିଲେ। କାର୍ଯ୍ୟପାଳିକାରେ ହସ୍ତକ୍ଷେପ ଅଭିଯୋଗରେ ୨୦୧୭ରେ ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା।

## କାଠମାଣ୍ଡୁରେ ଫସିଛନ୍ତି କେନ୍ଦ୍ରାପଡ଼ାର ଶତାଧିକ

### ଭାରତ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ

■ ପଟ୍ଟାମୁଣ୍ଡାଇ, ୧୦।୯ (ସମିସ): ନେପାଳରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇ ଥିବାରୁ ସମ୍ପ୍ରତି ସେଠାକାର ଜାତୀୟ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ପରେ ସରକାରର ପତନ ହେବା ସଙ୍ଗେ ସଙ୍ଗେ ବିଦ୍ରୋହୀମାନଙ୍କ କବଜାରେ ରହିଛି ନେପାଳ। ଅନ୍ୟପକ୍ଷରେ ସରକାର ପତନ ହେବା କାରଣରୁ ଦେଶର ଦାୟିତ୍ୱ ସେନା ହାତକୁ ନେଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନେପାଳରେ ଫସିରହିଥିବା ଭାରତର ଲକ୍ଷାଧିକ ନାଗରିକଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ନେପାଳ କାଠମାଣ୍ଡୁରେ ରହି କାମ କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ଜୀବନଜୀବିକା ବିପନ୍ନ ହେବା ସହ ନେପାଳ ସେନା ଦେଶର ସୀମାକୁ ସିଲ୍ କରିଦେଇଥିବାରୁ ସେମାନଙ୍କର ଭାରତ ଫେରିବା ଆଶା ମଉଳିଯାଇଛି। ନିଜ ଦେଶକୁ ଫେରିପାରୁ ନ ଥିବାରୁ ସେମାନଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି।

ନେପାଳରେ ଫସିଥିବା ପଟ୍ଟାମୁଣ୍ଡାଇ ଲୋକମାନଙ୍କ ମଧ୍ୟରେ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ ଓ ଠିକାଦାର ଥିବା ଜଣାପଡ଼ିଛି। ଫସିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ସେମାନଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ନେପାଳର କାଠମାଣ୍ଡୁରେ ଅବସ୍ଥାନ କରୁଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପବିତ୍ର ପଣ୍ଡା(୪୬), ତାଙ୍କ ପତ୍ନୀ ତୁଳସୀ ପଣ୍ଡା (୪୨), ଝିଅ ପ୍ରିୟଙ୍କା ପଣ୍ଡା(୧୪), ସାଇରାମ ପଣ୍ଡା(୧୦) ପ୍ରମୁଖ ଆସନ୍ତା ୨୩ ତାରିଖରେ ଦୁର୍ଗାପୂଜା ପାଇଁ ଘରକୁ ଫେରିବାର ଥିଲା। କିନ୍ତୁ ସେମାନଙ୍କ ଆସିବା ବାଟ ଏବେ ବନ୍ଦ ହୋଇଯାଇଛି। ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ୮୭ ବର୍ଷର ବୃଦ୍ଧା ମାଆ କୁନ୍ତଳା ପଣ୍ଡା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଓଉପଦା ଅଞ୍ଚଳର ସ୍ୱର୍ଗତ ନରେନ୍ଦ୍ର କୁମାର କରଙ୍କ ପୁଅ ଅଜିତ କୁମାର କର କାଠମାଣ୍ଡୁ ▸ପୃଷ୍ଠା-୭

## ଅକ୍ଟୋବରରୁ ସାରା ଦେଶରେ ଏସ୍‌ଆଇଆର୍

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଅକ୍‌ଟୋବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇପାରେ। ଆଜି ଏଠା।।ରେ ଅନୁଷ୍ଠିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ହୋଇଥିବା ଆଲୋଚନାରୁ ଏଭଳି ସୂଚନା ମିଳିଛି। ସରକାରୀ ଭାବେ ତାରିଖ ଘୋଷଣା କରାଯାଇନଥିଲେ ମଧ୍ୟ ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତର ନିର୍ବାଚନ କମିସନ। ବିହାରରେ ଏସ୍‌ଆଇଆର୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଏବେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ବିପୁଳ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି କମିସନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିବା ବେଳେ କମିସନ ଏହା ସପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

ଦେଶବ୍ୟାପୀ ଏସ୍‌ଆଇଆର୍ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିବା ବେଳେ ଆଜି ଏଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ କେବଳ ଏସ୍‌ଆଇଆର୍ ପ୍ରସଙ୍ଗରେ ହିଁ ଆଲୋଚନା କରାଯାଇଛି। ସାଢ଼େ ତିନି ଘଣ୍ଟା ଧରି ହୋଇଥିବା ବୈଠକରେ ନିର୍ବାଚନ ଅଧିକାରୀମାନେ ସେମାନଙ୍କ ରାଜ୍ୟ ସଂପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏସ୍‌ଆଇଆର୍ ପାଇଁ ସେମାନେ ପ୍ରସ୍ତୁତ ବୋଲି କହିଥିଲେ। ନିର୍ବାଚନ କମିସନ ଏହି ପ୍ରସ୍ତୁତିର ସମୀକ୍ଷା କରିବା ସହିତ ବୁଥ ସ୍ତରରେ ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେମାନଙ୍କୁ ଆବଶ୍ୟକ ତାଲିମ ଦେବାପାଇଁ କହିଥିଲେ। ନିଜ ନିଜ ରାଜ୍ୟରେ ଥିବା ଭୋଟରଙ୍କ ସଂଖ୍ୟା, ତାଲିକାରେ ନୂଆ ▸ପୃଷ୍ଠା-୭

ପ୍ରସ୍ତୁତ ରହିବା ଲାଗି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ କମିସନଙ୍କ ନିର୍ଦ୍ଦେଶ

## ଶିଥିଳ ପଡ଼ିଲା ମନ୍ତ୍ରିମଣ୍ଡଳ ଚର୍ଚ୍ଚା

### ଠିକ୍ ସମୟରେ ନିଆଯିବ ନିଷ୍ପତ୍ତି: ମନମୋହନ

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ମନ୍ତ୍ରିମଣ୍ଡଳ ପୁନର୍ଗଠନକୁ ନେଇ ଚାଲିଥିବା ଚର୍ଚ୍ଚା ପୁଣିଥରେ ଶିଥିଳ ପଡ଼ିଛି। ଗତ କିଛିମାସ ହେଲା ଏକାଧିକବାର ଉଭୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଏକ ସମୟରେ ଦିଲ୍ଲୀ ଗସ୍ତ ମନ୍ତ୍ରୀ ଆଶାୟୀଙ୍କ ମନରେ ସୃଷ୍ଟି କରିଥିବା ଆଶା ମଉଳି ଯାଇଛି। ପ୍ରାୟ ସପ୍ତାହେ ଧରି ଉତ୍ସାହିତ ଥିବା ମନ୍ତ୍ରୀ ଆଶାୟୀଙ୍କ ଆଶାରେ ପାଣି ଢାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି। ବୁଧବାର ଦିଲ୍ଲୀରୁ ଫେରିବା ପରେ ଶ୍ରୀ ସାମଲ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଠିକ୍ ସମୟରେ ହେବ ବୋଲି ଦେଇଥିବା ମନ୍ତବ୍ୟ ଅନେକଙ୍କୁ ନିରାଶ କରିଛି।

ମନମୋହନ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନେଇ କୌଣସି ଆଲୋଚନା ହୋଇନାହିଁ। ଏନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ▸ପୃଷ୍ଠା-୭

ନିଗମ ଓ ବୋର୍ଡରେ ନିଯୁକ୍ତି ଆଶାୟୀଙ୍କ ଅସନ୍ତୋଷ ବଢ଼ୁଛି

ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ଉନ୍ନୟନ କାମ ବାଧାପ୍ରାପ୍ତ

## ଅସହ୍ୟ ହେଲାଣି ଦରଦାମ୍ ବୃଦ୍ଧି

# ୩ ବର୍ଷରେ ୩୩% ବଢ଼ିଗଲାଣି ଘର ଖର୍ଚ୍ଚ

### ପରିବାର ଚଳାଇବାକୁ ସଂଘର୍ଷ କରୁଛନ୍ତି ୪୫% ମଧ୍ୟବିତ୍ତ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ବଜାର ଦରର ମହଙ୍ଗା ମାଡ଼ରେ ଖାଉଟି ନୟାନ୍ତ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକ ଦରଦାମରେ ଅତିଷ୍ଠ। ଖାଦ୍ୟପାନୀୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଖର୍ଚ୍ଚକୁ ନେଇ ସାଧାରଣ ଉପଭୋକ୍ତା ତ୍ରାହିତ୍ରାହି ଡାକୁଛନ୍ତି। ଗରିବ ଲୋକମାନଙ୍କୁ ସରକାର ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଥିଲେ ହେଁ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ଉଚ୍ଚ ବଜାର ଦର ଯୋଗୁଁ ୩ ବର୍ଷରେ ଭାରତୀୟଙ୍କ ପାରିବାରିକ ଖର୍ଚ୍ଚ ୩୩ ପ୍ରତିଶତ ବୃଦ୍ଧି ପାଇଛି ଓ ୪୫% ଭାରତୀୟ ପରିବାର ଘର ଚଳାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ମୂଲ୍ୟ ବୃଦ୍ଧିଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ମଧ୍ୟବିତ୍ତ ପରିବାରଗୁଡ଼ିକ ଖର୍ଚ୍ଚକାଟ କରୁଛନ୍ତି ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ସଞ୍ଚୟ ହ୍ରାସ ପାଇଛି। ଜୁନ୍ ୨୦୨୨ରେ ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ହାରାହାରି ସାପ୍ତାହିକ ଖର୍ଚ୍ଚ ୫୨୭୧୧ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚ ମାସରେ ଏହା ବୃଦ୍ଧି ପାଇ ୭୩୫୭୯ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାରାହାରି ସାପ୍ତାହି ଖର୍ଚ୍ଚ ଜୁନ୍ ୨୦୨୨ରେ ୩୬୧୦୪ ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ରେ ଏହା ୪୬୬୨୩ ଟଙ୍କାରେ ପହଞ୍ଚିଛି। ପାରିବାରିକ ଖର୍ଚ୍ଚକୁ ନେଇ ୱାର୍ଲ୍ଡ ପ୍ୟାନେଲ ସର୍ଭେ ପ୍ରକାଶ କରିଛି ଏପରି ତଥ୍ୟ।

'ୱାର୍ଲ୍ଡପ୍ୟାନେଲ୍ ବାଇ ନ୍ୟୁମେରେଟର୍' ରିପୋର୍ଟ ଅନୁସାରେ ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟ ପରିବାରଗୁଡିକର ଖର୍ଚ୍ଚ ▸ପୃଷ୍ଠା-୭

ୱାର୍ଲ୍ଡ ପ୍ୟାନେଲ୍ ଇଣ୍ଡିଆ ସର୍ଭେ ରିପୋର୍ଟ

ବର୍ଷକ ମଧ୍ୟରେ ଉପଭୋକ୍ତା ଆତ୍ମବିଶ୍ୱାସ ୩% ହ୍ରାସ

ଦେଶରେ ସ୍ୱଚ୍ଛନ୍ଦ ଜୀବନ କାଟୁଛନ୍ତି ମାତ୍ର ୧୭%

## ପେଟ୍ରୋଲ ଢାଳି ନିଜକୁ ଜାଳିଦେଲେ

### ୯୦ ପ୍ରତିଶତ ଦଗ୍ଧ



■ ବ୍ରହ୍ମପୁର, ୧୦।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ମେଣ୍ଟୁଛକଠାରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଛି। ଗୁରୁତର ଯୁବକଜଣଙ୍କ ହେଲେ, ପୁରୁଣା ବ୍ରହ୍ମପୁର ରାଧାକୃଷ୍ଣ ସାହିର ସୂରଜ ସାହୁ(୨୧)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର ▸ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଚାରିଚକିଆ ଗାଡ଼ି କିଣା ଓ ଧାନ ବିକ୍ରି ପଞ୍ଜୀକରଣ

## ସୁଭଦ୍ରାରୁ ୨ ଲକ୍ଷ ହିତାଧିକାରୀ ବାଦ୍

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୨ଟି କିସ୍ତିରେ ଅର୍ଥ ପାଇସାରିବା ପରେ ମଧ୍ୟ ଏହି ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁ ପରିବାରରେ ଚାରିଚକିଆ ଗାଡ଼ି କିଣାଯାଇଛି, ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି ଓ ଆୟକରଦାତା ରହିଛନ୍ତି, ସେମାନଙ୍କୁ ସରକାର ଏହି ଯୋଜନାରୁ ବାଦ୍ ଦେଇଥିବା ଜଣାପଡ଼ିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର କରିଥିବା ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକରୁ ଏହି ତଥ୍ୟ ଜଣାପଡ଼ିଛି। ଏଥିରେ ଦର୍ଶାଯାଇଛି ଯେ ମୃତ୍ୟୁ ଯୋଗୁଁ ୧୫,୯୮୪ଜଣ, ଚାରିଚକିଆ ଗାଡ଼ି କିଣିଥିବାରୁ ୩୬ ହଜାର ୭୦୨ଜଣ, ଆୟ କର ରିଟର୍ଣ୍ଣ ଦାଖଲ କରିଥିବା ୨୧ ହଜାର ୩୫ଜଣ ଏବଂ ଧାନ ବିକ୍ରି ପାଇଁ କୃଷକ ଭାବେ ପଞ୍ଜୀକରଣ କରିଥିବା ୧ ଲକ୍ଷ ୩୩ ହଜାର ୬୯୧ ଜଣ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ତେବେ ସରକାରଙ୍କ ମୃତ୍ୟୁ ତାଲିକାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। କାରଣ ଯେଉଁ ୧୫ ହଜାର ୯୮୪ ଜଣଙ୍କୁ ମୃତ ଘୋଷଣା କରାଯାଇଛି, ସେମାନଙ୍କ ▸ପୃଷ୍ଠା-୭

### ମୃତ ଦର୍ଶାଇ ୧୮୦୫ ଜଣଙ୍କୁ କାଟିଦେଲେ

## ରକ୍ତ ଭଣ୍ଡାରରେ ଚିହ୍ନଟ ହୋଇପାରୁନି ଏଚ୍‌ଆଇଭି

### ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

■ କଟକ, ୧୦।୯ (ସମିସ): ରାଜ୍ୟର ସମସ୍ତ ୫୫ ରକ୍ତଭଣ୍ଡାରରେ ଇଣ୍ଡିଭିଜୁଆଲ ଡୋନର୍ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିଫିକେସନ୍ ଟେକ୍ନୋଲୋଜି (ଆଇଡି-ଏନ୍ଏଟି) ପରୀକ୍ଷା ସୁବିଧା ନଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ହେଉଥିବା ରକ୍ତର ଏଚ୍‌ଆଇଭି, ଏଚ୍‌ସିଭି ଭଳି ମାରାତ୍ମକ ସଂକ୍ରମଣର ଚିହ୍ନଟ ହୋଇପାରୁନାହିଁ। ଫଳରେ ଏଡ୍‌ସ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଅବସରପ୍ରାପ୍ତ ଚିକିତ୍ସା ବିଜ୍ଞାନୀ ଡା. ଅମରେନ୍ଦ୍ର ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତର ପୁରୁଣା ଏଲିସା ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଛି। ଏହି ପଦ୍ଧତିରେ ଏଚ୍‌ଆଇଭି ଭଳି ଭୂତାଣୁ ସଂକ୍ରମଣ ନିର୍ଦ୍ଦିଷ୍ଟ ଅବଧିରେ ଜଣାପଡୁନଥିଲା। ହାଇକୋର୍ଟରେ ରୁଜୁ ଆଉ ଏକ ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶାନୁସାରେ ସରକାର ଏନଏଟି-ପିସିଆର୍ ଟେଷ୍ଟ କେତେକ ରକ୍ତଭଣ୍ଡାରରେ ଉପଲବ୍ଧ କରାଇଲେଣି। ହେଲେ ଏହି ପ୍ରକ୍ରିୟାରେ ମଧ୍ୟ ଏଚ୍‌ଆଇଭିର ବିଭିନ୍ନ ଭାରିଆଣ୍ଟ ଓ ହେପାଟାଇଟିସି ବି' ଭଳି ମାରାତ୍ମକ ସଂକ୍ରମଣ ୱିଣ୍ଡୋ ପିରିୟଡ୍‌ରେ ଜଣାପଡ଼ିବ ନାହିଁ। ଏଣୁ, ଓଏସଏମସିଲକୁ ସମସ୍ତ ରକ୍ତଭଣ୍ଡାରରେ ଅତ୍ୟାଧୁନିକ ଆଇଡି-ଏନଏଟି ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ, ପୂର୍ବରୁ ବିଚାରାଧୀନ ▸ପୃଷ୍ଠା-୭

ଆଇଡି-ଏନଏଟି ପରୀକ୍ଷା ସୁବିଧା ନ ଥିବାରୁ ହୋଇପାରୁନି ଏଚ୍‌ଆଇଭି, ଏଚ୍‌ସିଭି ରକ୍ତ ସଂକ୍ରମଣ ଚିହ୍ନଟ

## ଆଜିର ଇତିହାସ

- ୧୮୯୩- ସିକାଗୋରେ ବିଶ୍ୱ ଧର୍ମ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।
- ୧୮୯୫- ଭୂଦାନ ଆନ୍ଦୋଳନର ପ୍ରବର୍ତ୍ତକ ସନ୍ଥ ବିନୋବା ଭାବେଙ୍କ ଜନ୍ମ।
- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା।
- ୧୯୬୧-ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା।
- ୨୦୦୧-ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣଙ୍କର ମୃତ୍ୟୁ ହୋଇଥିଲା।

## ୨୦୨୭ରେ 'କ୍ରିସ୍ ୪'



ହ୍ରିତିକ୍ ରୋଶନ ଚଳିତବର୍ଷ ବଲିଉଡ୍‌ରେ ୨୫ ବର୍ଷ ପୂରଣ କରିଛନ୍ତି। ଏଇବର୍ଷ 'କ୍ରିସ୍ ୪'କୁ ନେଇ ମଧ୍ୟ ବଡ଼ ଅପଡେଟ୍ ଆସିଛି। ରାକେଶ ରୋଶନଙ୍କ ବଦଳରେ ନିଜେ ଏଥିରେ ହ୍ରିତିକ୍ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି। ନିକଟରେ ରାକେଶ ତାଙ୍କ ୭୬ ତମ ଜନ୍ମଦିନ ପାଳନ ଅବସରରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'କ୍ରିସ୍ ୪' ର କାହାଣୀ ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ। ବଜେଟ୍ ପାଇଁ ଆମେ ଚାପରେ ଅଛୁ। ଆମେ ଏକ ସୀମିତ ବଜେଟ୍ ମଧ୍ୟରେ ଫିଲ୍ମଟିକୁ ନିର୍ମାଣ କରିବୁ। ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ୨୦୨୭ରେ ଆମେ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା ରଖିଛୁ।' ଏଠାରେ ପ୍ରକାଶ ଥାଉ କି, 'କ୍ରିସ୍ ୪' 'କ୍ରିସ୍' ସିରିଜ୍‌ର ଚତୁର୍ଥ ଫିଲ୍ମ ହେବ। ଏହାର ପ୍ରଥମ ଫିଲ୍ମ 'କୋଇ ମିଲ ଗୟା(୨୦୦୩), 'କ୍ରିସ୍'(୨୦୦୬) ଓ 'କ୍ରିସ୍ ୩'(୨୦୧୩)ରେ ଆସିଥିଲା। ହ୍ରିତିକ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ୱାର୍ ୨' ଫିଲ୍ମରେ ଦେଖାଯାଇଥିଲେ। ଏଥିରେ ତାଙ୍କ ସହ ଜୁନିୟର୍ ଏନ୍‌ଟିଆର୍, କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିଥିଲେ। ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସେତେଟା ଭଲ ବ୍ୟବସାୟ କରି ନଥିଲା। ଏହି କାରଣରୁ ହ୍ରିତିକ୍‌ଙ୍କ କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି।

## ଶ୍ରମିକଙ୍କ କାମ କରିବ ରୋବଟ୍

### ଥରକରେ ଉଠାଇବ ୨୫୦ କେଜି ଓଜନର ଜିନିଷ



ଚୀନ୍ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲଜି ବିକଶିତ କରୁଥିବା ଦେଖାଯାଉଛି। ଏହି କ୍ରମରେ ଚୀନ୍ ରୋବଟିକ୍ସ ଦୁନିଆରେ ଏକ ବଡ଼ ସଫଳତା ହାସଲ କରିଛି। ଏଆଇ ସହାୟତାରେ ଏହା ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହାକୁ ଲୋକେ ବାହୁବଳି ରୋବଟ୍ କହୁଛନ୍ତି। କାରଣ ଏହା ୨୫୦ କେଜି ଓଜନର ଜିନିଷକୁ ବେଶ୍ ସହଜରେ ଉଠାଇ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ରୋବଟ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଚୀନ୍‌ର ଷ୍ଟାର୍ଟଅପ୍ କମ୍ପାନି 'ମ୍ୟାଜିକ୍‌ଲ୍ୟାବ୍' 'ମ୍ୟାଜିକବଟ୍' ନାମକ ଏକ ହ୍ୟୁମାନଏଡ୍ ରୋବଟ୍ ବିକଶିତ କରିଛି। ଏହା ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ବୋହିବାକୁ ସକ୍ଷମ। ଏହି ରୋବଟ୍‌ର ଏକ ଭିଡିଓ ଜାରି କରାଯାଇଛି। ତେବେ ଆଗାମୀ ଦିନଗୁଡ଼ିକରେ ଏହା କାରଖାନାରେ ଶ୍ରମିକଙ୍କ ସ୍ଥାନ ନେଇପାରେ ବୋଲି କୁହାଯାଉଛି। ରୋବଟ୍‌ଟି ପ୍ରଥମେ ୮୦ କିଲୋଗ୍ରାମ ଓଜନ ବୋହିଥିବା ବେଳେ ଏହା ପରେ ୧୭୦ କିଲୋଗ୍ରାମ ଏବଂ ଶେଷରେ ୨୫୦ କିଲୋଗ୍ରାମ ଓଜନ ବୋହିଥିବା ଦେଖାଯାଇଛି। ହାଲୁକା ଜିନିଷ ଉଠାଇବା ସମୟରେ ଏହି ରୋବଟ୍‌ର ବେଗ ସେକେଣ୍ଡ ପ୍ରତି ୦.୭ ମିଟର ଥିବା ବେଳେ ଭାରି ଓଜନ ଉଠାଇବା ସମୟରେ ଏହା ସେକେଣ୍ଡ ପ୍ରତି ୦.୩ ମିଟର ଥିଲା। ଅବଶ୍ୟ ରୋବଟ୍‌ଟି କେବଳ ଶକ୍ତିଶାଳୀ ନୁହେଁ, ବରଂ ଏକାଧିକ କାର୍ଯ୍ୟ ମଧ୍ୟ କରିବାକୁ ସକ୍ଷମ। ମୁଖ୍ୟତଃ ଉକ୍ତ ରୋବଟ୍‌କୁ କାରଖାନାରେ କାମ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି। ଏହା ହେଉଛି ତୃତୀୟ ପିଢ଼ିର ଏଆଇ ରୋବଟ୍। ଏହା ଜିନିଷ ଉଠାଇବା ସହ ପରୀକ୍ଷା କରିବା, ସ୍କାନିଂ କରିବା ସହିତ ଗୋଦାମରେ ମଧ୍ୟ କାମ କରିପାରିବ। କେବଳ ସେତିକି ନୁହେଁ, ଏହା ପୋଷାକ ସଫା କରିବା, ପିଲାଙ୍କ ପାଇଁ ରୋଷେଇ କରିବା, ଗଛରେ ପାଣି ଦେବା ଭଳି ଅନ୍ୟାନ୍ୟ ଘରୋଇ କାମ ବି କରିପାରିବ। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ଅତି ସୂକ୍ଷ୍ମ ଜିନିଷକୁ ମଣିଷଙ୍କ ଭଳି ସର୍ତକତାର ସହ ରଖିଥାଏ। ଏହି ରୋବଟ୍‌ରେ ଆରଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଏବଂ ଅଲଟ୍ରାସୋନିକ ସେନସର୍ ଲାଗିଛି। ଥରେ ଚାର୍ଜ କଲେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଏହା ମଣିଷ ଭଳି ଚଲାବୁଲା, ଦୌଡ଼ାଦୌଡ଼ି କରିଥାଏ। ସେହିପରି ଏଆଇ ସାହାଯ୍ୟରେ ଏହାର ବେଗକୁ କମ୍ ବେଶି ବି କରାଯାଇ ପାରିବ। ଏହି ରୋବଟ୍ ଏଆଇ ଇଞ୍ଜିନ୍‌ର ବ୍ୟବହାର କରିଥାଏ। ଯାହାକି ଏହାକୁ ନୂଆ କାମ ଶିଖିବାରେ ସାହାଯ୍ୟ କରେ। ଅନ୍ୟପଟେ ଏହାକୁ ଚୀନ୍‌ର କିଛି କାରଖାନାରେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି।

## ବୟସ ୧୫, ଉଚ୍ଚତା ୭ ଫୁଟ

ଅନେକ ଲୋକ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ବିହାର ଦରଭଙ୍ଗାର ଜଣେ ବାଳକ ନିଜର ଉଚ୍ଚତା ପାଇଁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୫ ବର୍ଷୀୟ ହରିଓମ୍‌ଙ୍କ ଉଚ୍ଚତା ୭ ଫୁଟ। ସେ ଏବେ ଏକାଦଶ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ଭବିଷ୍ୟତରେ ସେ ପୁଲିସ ଚାକିରିରେ ଯୋଗଦେବାକୁ ଆଶା ରଖିଛନ୍ତି। ଘରର ଅନ୍ୟ ସଦସ୍ୟଙ୍କ ଉଚ୍ଚତା ସାଧାରଣ ଥିବାବେଳେ, କେବଳ ହରିଓମ୍‌ଙ୍କ ଉଚ୍ଚତାରେ ଏପରି ଭିନ୍ନତା ଦେଖାଯାଇଛି। ସେହିପରି ହରିଓମ୍‌ଙ୍କ ବାପା ପୁଅର ଉଚ୍ଚତାକୁ ଦୃଷ୍ଟିରେ ରଖି ତାଙ୍କ ଘରକୁ ତିଆରି କରିଛନ୍ତି। ସେ ତାଙ୍କ ଶୌଚାଳୟ, ଶୋଇବା ଘର ଓ ରୋଷେଇ ଘରର ଉଚ୍ଚତାକୁ ସାଢ଼େ ସାତଫୁଟ ରଖିଛନ୍ତି। ଯଦ୍ୱାରା ହରିଓମ୍ ଘର ମଧ୍ୟରେ ଆରାମରେ ଆତଯାତ କରିପାରିବେ। ଏହାକୁ ନେଇ ହରିଓମ୍ କୁହନ୍ତି, ତାଙ୍କ ଉଚ୍ଚତା ବୟସ ବଢ଼ିବା ସହ ବଢ଼ି ଚାଲିଥିଲା। ଏହାକୁ ନେଇ ତାଙ୍କର କୌଣସି ସମସ୍ୟା ମଧ୍ୟ ହୋଉ ନ ଥିଲା। ଅଧିକ ଉଚ୍ଚତା ପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଲମ୍ବୁ' ଡାକୁଥିବା ହରିଓମ୍ କୁହନ୍ତି। ସେ ଏବେ ପୁଲିସ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି।



## ସ୍ୱାମୀଙ୍କ ସ୍ମୃତିରେ ସାଇତି ରଖିଛନ୍ତି ଟାଟୁ



ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କ ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି। ପତି ପତ୍ନୀଙ୍କ ମଧ୍ୟରୁ ଜଣକର କାହାର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାକୁ ପ୍ରତି ମୁହୂର୍ତ୍ତରେ ଝୁରି ହେଉଥାଏ। ସେ ଛାଡ଼ି ଯାଇଥିବା ଜିନିଷଗୁଡ଼ିକୁ ସ୍ମୃତି ଭାବେ ନିଜ ପାଖେ ସାଇତି ରଖିଥାନ୍ତି। ପଶ୍ଚିମ ଭର୍ଜିନିଆର ଏଞ୍ଜେଲିକା ରାଡେକ୍ସି ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇବା ପରେ ଏପରି କିଛି କରିଛନ୍ତି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିବ। ଏଞ୍ଜେଲିକା ଓ ତାଙ୍କ ସ୍ୱାମୀ ଟିଜେ ପିଲାଦିନର ବନ୍ଧୁ ଥିଲେ। ୨୦୨୧ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନଙ୍କର ପ୍ରେଷ୍ଟନ ନାମକ ୧୦ ବର୍ଷର ପୁଅ ଅଛି। ୫୫ ବର୍ଷ ବୟସରେ ଟିଜେଙ୍କର ଅଚାନକ ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀ ଚାଲିଯିବା ପରେ ଏଞ୍ଜେଲିକା ପୂରା ଭାଙ୍ଗି ପଡ଼ିଥିଲେ। ସେ ଏକ ନିଆରା ଉପାୟରେ ସ୍ୱାମୀଙ୍କ ସ୍ମୃତିକୁ ସାଉଁଟି ରଖିବାକୁ ଇଚ୍ଛା କରିଥିଲେ। ଟିଜେଙ୍କ ଶରୀରରେ ୭୦ରୁ ଅଧିକ ଟାଟୁ ଥିଲା। ଏଞ୍ଜେଲିକା ଟିଜେଙ୍କ ହାତରେ ଥିବା ପିଟ୍‌ସବର୍ଗ ଷ୍ଟିଲର୍ସ ହେଲମେଟ୍ ଟାଟୁକୁ ସାରା ଜୀବନ ସାଇତି ରଖିବାକୁ ଚାହିଁଥିଲେ। ଖପୁରୀ ଆକୃତିର ଏହି ଟାଟୁଟି ଟିଜେ ଏବଂ ତାଙ୍କ ପୁଅଙ୍କର ବହୁତ ପସନ୍ଦ ଥିଲା। ତେଣୁ ଏହି ଟାଟୁଟିକୁ ଏଞ୍ଜେଲିକା ସାରା ଜୀବନ ସାଇତି ରଖିବାକୁ ଇଚ୍ଛା କରିଥିଲେ। ତେଣୁ ଅନ୍ତିମସଂସ୍କାର ସମୟରେ ଏଞ୍ଜେଲିକା ମାର୍କରରେ ଟାଟୁର ସଠିକ୍ ଅଂଶକୁ ଚିହ୍ନିତ କରିଥିଲେ। ଏହାପରେ ଟିଜେଙ୍କର ସେହି ଅଂଶକୁ କଟାଯାଇ ସେଭ୍ ମାଇଁ ଇଙ୍କ୍ ଫରଏଭର ନାମକ କମ୍ପାନି ନିକଟକୁ ପଠାଇ ଦିଆଯାଇଥିଲା। ଏହି କମ୍ପାନି ଚର୍ମରେ ଥିବା ଟାଟୁକୁ ବହୁଦିନ ଧରି ସଂରକ୍ଷିତ ରଖିବା ପାଇଁ ଜଣାଯାଏ। ଏହି ପ୍ରକ୍ରିୟା ୯୦ ଦିନ ଧରି ଚାଲିଥିଲା। ଶେଷରେ କମ୍ପାନି ପକ୍ଷରୁ ଟିଜେଙ୍କ ଟାଟୁଟିକୁ କାଠ ଓ କାଚ ଯୁକ୍ତ ଫ୍ରେମରେ ବନ୍ଦ କରି ପଠାଯାଇଥିଲା। ଏହି ଫ୍ରେମ୍ ଦେଖି ଏଞ୍ଜେଲିକା ଭାବବିହ୍ୱଳ ହୋଇଯାଇଥିଲେ। ଯେତେବେଳେ ସେ ଏହି ଟାଟୁକୁ ହାତରେ ନେଇଥିଲେ କିଛି ହଜିଗଲା ଜିନିଷ ହଠାତ୍ ଫେରି ଆସିଲା ପରି ତାଙ୍କୁ ଲାଗିଥିଲା। ଏନେଇ ଏଞ୍ଜେଲିକା ଏବଂ ପ୍ରେଷ୍ଟନ କୁହନ୍ତି, ଯେତେବେଳେ ସେମାନେ ଟିଜେଙ୍କୁ ମନେ ପକାନ୍ତି, ଏହି ଫ୍ରେମ୍‌କୁ ଆଲିଙ୍ଗନ କରନ୍ତି। ଅନ୍ୟପଟେ ଏଞ୍ଜେଲିକା ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ କେହି କେହି ତାଙ୍କର ପ୍ରଶଂସା କରିଥିବାବେଳେ ଆଉ କେହି କେହି ସେ ସିରିଏଲ୍ କିଲର୍‌ଙ୍କ ଭଳି କାମ କରିଥିବା କହିଛନ୍ତି।

## ନୁଡୁଲ୍ସ କଞ୍ଚା ଖାଉଥିଲେ ସାବଧାନ

ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ ଏବେ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ ପ୍ରିୟ ଖାଦ୍ୟ ପାଲଟିଛି। ଏହା କମ୍ ସମୟରେ ପ୍ରସ୍ତୁତ ହୋଇଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ଶରୀର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ନିକଟରେ ଇଜିପ୍ଟର ଜଣେ ୧୩ ବର୍ଷର ପିଲା ଜଳଖିଆରେ ତିନି ପ୍ୟାକେଟ୍ କଞ୍ଚା ନୁଡୁଲ୍ସ ଖାଇଥିଲା। ଖାଇବାର କିଛି ସମୟ ମଧ୍ୟରେ ତାର ପେଟରେ ଯନ୍ତ୍ରଣା ହୋଇ ବାନ୍ତି ହେବାରୁ ପରିବାର ଲୋକେ ପିଲାଟିକୁ ହସ୍‌ପିଟାଲକୁ ନେଇଥିଲେ। ହେଲେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ଅଧିକ କଞ୍ଚା ନୁଡୁଲ୍ସ ଖାଇବାରୁ ପିଲାଟିର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ସାଧାରଣତଃ ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ସହଜରେ ହଜମ ହୋଇ ନ ଥାଏ। ଏହାଦ୍ୱାରା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବ୍ଲକ୍ ହେବା ଆଶଙ୍କା ଥାଏ। ସେହିପରି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ସୋଡିୟମ୍ ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଦିନକରେ ୨୦୦୦ମିଲିଗ୍ରାମ୍‌ରୁ ଅଧିକ ସୋଡିୟମ୍ ଗ୍ରହଣ କରିବା ବିପଜ୍ଜନକ। ଗୋଟିଏ ପ୍ୟାକେଟ୍ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ପାଖାପାଖି ୧୮୨୯ ମିଲିଗ୍ରାମ୍ ସୋଡିୟମ୍ ଥାଏ। ଜଣେ ଏଭଳି ନୁଡୁଲ୍ସ ଦୁଇ ଚାରି ପ୍ୟାକେଟ୍ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଅଧିକ ସୋଡିୟମ୍ ଯୋଗୁ ରକ୍ତଚାପ ଅଚାନକ ବଢ଼ିଯାଏ। କେବଳ ସେତିକି ନୁହେଁ ଏହା ହୃତ୍‌ପିଣ୍ଡ ଓ ବୃକକ୍ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ସେହିପରି ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ସୃଷ୍ଟି ହେବା ସହ ମଧୁମେହ, କର୍କଟ ଆଦି ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ନୁଡୁଲ୍ସକୁ କଞ୍ଚା ନ ଖାଇ ରାନ୍ଧିକି ଖାଇବା ଉଚିତ।



## ଗୁମ୍ଫାରେ ପାଠାଗାର

ଚୀନ୍‌ର ଗୁଆନ୍ସି ଅଞ୍ଚଳରେ ଥିବା ମିୟାଁହୁଆ ପାଠାଗାର ଏବେ ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି। ମେ ମାସରେ ଏହି ପାଠାଗାର ଖୋଲିବା ପରେ ଚୀନ୍ ସାମାଜିକ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଏହି ପାଠାଗାର ସମ୍ପର୍କରେ ଖାସ୍ କଥାଟି ହେଉଛି, ଏହା ଏକ ବଡ଼ ଗୁମ୍ଫା ମଧ୍ୟରେ ନିର୍ମାଣ କରାଯାଇଛି। ଏହା ପୁସ୍ତକ ପ୍ରେମୀଙ୍କ ସହ ପ୍ରକୃତି ପ୍ରେମୀଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରିଛି। ଏହି ଲାଇବ୍ରେରୀ ଏକ ପାହାଡ଼ ଚଟ୍ଟାଣ ମଧ୍ୟରେ ନିର୍ମାଣ କରାଯାଇଥିବାବେଳେ, ଏହାର ଚତୁଃପାର୍ଶ୍ୱରେ ସବୁଜିମା ଭରି ରହିଛି। ଦୂରରୁ ଦେଖିଲେ ଏହା ଏଆଇ ଦ୍ୱାରା ନିର୍ମିତ ଏକ ସ୍ଥାନ ପରି ମନେ ହୁଏ। ଏହି ପାଠାଗାରକୁ ଚାଲି ଚାଲି ଯିବାକୁ ହୋଇଥାଏ। ସେହିପରି ପାଠାଗାରକୁ ଯିବା ନିମନ୍ତେ ଉଦ୍ଦିଷ୍ଟ କାଠ ନିର୍ମିତ ରାସ୍ତା ଓ ଝୁଲନ୍ତା ବାଲକୋନୀ ସଭିଙ୍କ ମନ ଜିଣିଥାଏ। ଗୁମ୍ଫା ମଧ୍ୟରେ ଲୋକଙ୍କ ପଢ଼ିବା ପାଇଁ ହଜାର ହଜାର ସଂଖ୍ୟକ ବହିକୁ ସଜାଇ ରଖାଯାଇଛି। ଏଠାରେ ଲୋକେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ଏହି ସ୍ଥାନ ଉଭୟ ପୁସ୍ତକପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ସ୍ୱର୍ଗ ଭାବେ ଜଣାଯାଏ। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ମାନ ସମ୍ମାନ ବୃଦ୍ଧି ପାଇବ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ମିଳିବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ଦାନ ଧର୍ମ କରନ୍ତୁ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।




ନେପାଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ସ୍ତ୍ରୀ ଓ ପ୍ରେମିକକୁ ଅର୍ଦ୍ଧଉଲଗ୍ନ କରି ରାସ୍ତାରେ ଚଲାଇଲେ

- ପରକୀୟା ପ୍ରୀତି ସନ୍ଦେହ
- ସ୍ୱାମୀ ଓ ସହଯୋଗୀ ଗିରଫ

ନିମାପଡ଼ା, ୧୦।୯ (ସମିସ): ନିମାପଡ଼ା ଏନ୍ଏସି ଅଞ୍ଚଳରେ ଗତ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିମାପଡ଼ା ଥାନା ନିକଟ ଅମଲାପଡ଼ାଠାରେ ଘରଭଡ଼ା ନେଇ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ସ୍ୱାମୀ ଓ ସାଙ୍ଗମାନେ ମିଶି ତାଙ୍କର ଜଣେ ସମ୍ପର୍କୀୟ ଶିକ୍ଷକଙ୍କ ସହ ହାତ, ଗୋଡ଼ ବାନ୍ଧି ମାଡ଼ମାରି ଅର୍ଦ୍ଧ ଉଲଗ୍ନ କରି ବେକରେ ଫୁଲମାଳ ପକାଇ ଜନଗହଳିପୂର୍ଣ୍ଣ ରାସ୍ତାରେ ଚଲାଇ ଚଲାଇ ନିମାପଡ଼ା ଥାନାକୁ ନେବା ଘଟଣା ନିମାପଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଅଧ୍ୟାପକ ଥିବା ସ୍ୱାମୀ କାକଟପୁର ଥାନା ଅଞ୍ଚଳର ଗିରିଧାରୀ ଖଟୁଆ ଓ ତାଙ୍କ ସହଯୋଗୀ ସୁବ୍ରତ ପଢ଼ିଆରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ନିଆଳି ବ୍ଲକ୍ ଅଞ୍ଚଳରେ ଶିକ୍ଷୟିତ୍ରୀ ଥିବା ମହିଳାଜଣଙ୍କ ନିମାପଡ଼ା ଅମଲାପଡ଼ାଠାରେ ଭଡ଼ା ଘର ନେଇ ରହିଆସୁଛନ୍ତି। ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଗିରିଧାରୀ ଖଟୁଆ ଜଗତସିଂହପୁର ନାଉଗାଁ ଅଞ୍ଚଳରେ ଏକ ଘରୋଇ କଲେଜରେ ଅଧ୍ୟାପକ ଥିବା ଜଣାପଡ଼ିଛି। କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ରହିଥିଲା। ମଙ୍ଗଳବାର ରାତିରେ ଅଧ୍ୟାପକ ଗିରିଧାରୀ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀ ଓ ଜଣେ ସମ୍ପର୍କୀୟ ଶିକ୍ଷକଙ୍କୁ ଅର୍ଦ୍ଧଉଲଗ୍ନ କରିବା ସହ ମାଡ଼ ମାରି, ବେକରେ ଫୁଲମାଳ ପକାଇ, ହାତବାନ୍ଧି ଦୁହିଁଙ୍କୁ ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ। ଏହି ଘଟଣା ଦେଖଣାହାରୀଙ୍କୁ ଆଶ୍ଚର୍ଯ୍ୟ କରିବା ସହ ନିମାପଡ଼ା ଅଞ୍ଚଳରେ ଆଇନଶୃଙ୍ଖଳା ସବୁ କୁଆଡ଼େ ହଜିଗଲା ବୋଲି ଦେଖଣାହାରୀଙ୍କଠାରୁ ଶୁଣିବାକୁ ମିଳିଛି। ଶିକ୍ଷୟିତ୍ରୀ ପତ୍ନୀଙ୍କ ସହ ଶିକ୍ଷକ ନେତାଙ୍କ ଖରାପ ସମ୍ପର୍କ ଥିବା ନେଇ ତାଙ୍କ ସ୍ୱାମୀ କହୁଥିବା ଶୁଣିବାକୁ ମିଳିଛି। ଅପରପକ୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀଜଣଙ୍କ ତାଙ୍କ ସ୍ୱାମୀଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରେ ଏକୁଟିଆ ଥିବା ବେଳେ ହଠାତ୍ ତାଙ୍କ ସ୍ୱାମୀ ଗିରିଧାରୀ ଓ ଶିକ୍ଷକଜଣଙ୍କ ଘରକୁ ଆସିଥିଲେ। ଶିକ୍ଷକଜଣଙ୍କ ଘର



ଭିତରକୁ ପଶିବା କ୍ଷଣି ସ୍ୱାମୀ ଓ ତାଙ୍କ ସହିତ ଆସିଥିବା ଅନ୍ୟ ଜଣେ ସହଯୋଗୀ ସୁବ୍ରତ ପଢ଼ିଆରୀ ମିଶି ପତ୍ନୀ ଓ ଶିକ୍ଷକଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଉଲଗ୍ନ କରି ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ଆଣିଥିଲେ। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ସ୍ୱାମୀ ଗିରିଧାରୀ ଓ ତାଙ୍କ ସହଯୋଗୀ ସୁବ୍ରତଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି।

## ସିଂହଦ୍ୱାରରେ ଅଭାବନୀୟ ଦୃଶ୍ୟ

# ଚପଲ ପିନ୍ଧି ଶ୍ରୀମନ୍ଦିରକୁ ପଶିବାକୁ ଯୁବକଙ୍କ ଜିଦ୍

ପୁରୀ, ୧୦।୯ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ କରିବା ପାଇଁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ସୂଚନାନୁଯାୟୀ, ଯୁବକଜଣଙ୍କ ହାତରେ ଏକ ବାଡ଼ି ଧରି ବାଇକ୍‌ରେ ଆସିଥିଲେ। ରାଧାବଲ୍ଲଭ ମଠ ବାହାରେ ଦୁଇ ଚକିଆ ଯାନ ପାର୍କିଂ କରିଥିଲେ। ଭୋର୍ ସମୟରେ ଭକ୍ତମାନଙ୍କ ପାଇଁ ସିଂହଦ୍ୱାର ଖୋଲିବା ପୂର୍ବରୁ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଜେଟିପି ତାଙ୍କୁ ଅଟକାଇବା ବେଳେ ଯୁବକଜଣଙ୍କ ଶୁଣି ନଥିଲେ। ଶେଷରେ ସୁରକ୍ଷାକର୍ମୀ ଓ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ। ତାଙ୍କର ଏବେ ଚିକିତ୍ସା ଚାଲିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୧୦।୯ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ମାମଲାର ବିଚାର କରି ଆଜି ରାୟ ଶୁଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନାଞ୍ଚଳର ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନ (୩୨)କୁ ଦଫା ୩୬୩/୩୬୬/୩୭୬/(୨)(ଏନ୍)ଓ ପୋକ୍ସୋ ଧାରା ୬ ଅନୁସାରେ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

୨୦୨୩ ଏପ୍ରିଲ ୧୧ ତାରିଖରେ ୧୭ ବର୍ଷୀୟା ଜଣେ ନାବାଳିକା କଲେଜକୁ ପରୀକ୍ଷା ଦେବାକୁ ଯାଇଥିବା ବେଳେ ଶୁଭେନ୍ଦୁ ତାକୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ କେନ୍ଦୁଝର ଜିଲ୍ଲା ପାଟଣା ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ପୀଡ଼ିତାକୁ ବେଙ୍ଗାଲୁରୁରୁ ଉଦ୍ଧାର କରିଥିଲା। କିନ୍ତୁ ଶୁଭେନ୍ଦୁ ସେତେବେଳେ ଚମ୍ପଟ ମାରିଥିଲା। ପରେ ଭୁବନେଶ୍ୱର ରେଳଷ୍ଟେସନ ନିକଟରୁ ପୁଲିସ୍ ତାକୁ ଗିରଫ କରିଥିଲା। ପୀଡ଼ିତା ଅଭିଯୁକ୍ତ ଦ୍ୱାରା ବିଭିନ୍ନ ସ୍ଥାନରେ ବାରମ୍ବାର ଦୁଷ୍କର୍ମର ଶିକାର ହେବା ସହ ନିର୍ଯାତିତ ହୋଇଥିବା ପୁଲିସ ବୟାନ ରେକର୍ଡ କରିଥିଲା। ବୁଧବାର କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏହି ମାମଲାରେ ୧୫ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଶୁଭେନ୍ଦୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ବିଇଓଙ୍କୁ ମିଳିବ ସରକାରୀ ଗାଡ଼ି

ଭୁବନେଶ୍ୱର, ୧୦।୯ (ସମିସ): ବିଦ୍ୟାଳୟ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ତୃଣମୂଳସ୍ତରରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଏଣିକି ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ବିଦ୍ୟାଳୟ ବୁଲିବେ। ଶିକ୍ଷାଦାନ ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଇଓଙ୍କୁ ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯିବ। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଇଛି ଯେ ବିଇଓମାନଙ୍କୁ ଗାଡ଼ି ଯୋଗାଇବାକୁ ସରକାର ଆବଶ୍ୟକ ମନେ କରୁଛନ୍ତି। ଏଣୁ କେତେ ସଂଖ୍ୟାରେ ଗାଡ଼ି ଆବଶ୍ୟକ ତା'ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଫଳରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ତଦାରଖ କରାଯିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ।

# ଭିଜିଲାନ୍ସ ଜାଲରେ କିରାଣି

## ପେନସନ୍ କରାଇଦେବାକୁ ୩୦ ହଜାର ଲାଞ୍ଚ ନେଉଥିଲେ

ଚମ୍ପୁଆ, ୧୦।୯ (ସମିସ): ଭିଜିଲାନ୍ସ ଜାଲରେ କେନ୍ଦୁଝର ଜିଲ୍ଲା ଚମ୍ପୁଆସ୍ଥିତ ନିକୋଲସନ୍ ବନ ବିଦ୍ୟାଳୟର କନିଷ୍ଠ କିରାଣି ରୂପଚାନ୍ଦ ନାଏକ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନସନ୍ ଆବେଦନ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି।

ସୂଚନାନୁସାରେ, ସ୍କୁଲରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ୨୦୨୪ରୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କର ପେନସନ୍ ପାଇବା ପାଇଁ ଏଚ୍ଆର୍ଏମ୍ଏସ୍‌ରେ ସର୍ଭିସ୍ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଅପଲୋଡ୍ କରିବା ପାଇଁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଶ୍ରୀ ନାଏକ। ଏ ସଂପର୍କରେ ସେ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି କିରାଣି ଶ୍ରୀ ନାଏକ ତାଙ୍କ କାର୍ଯ୍ୟାଳୟରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଭାବେ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ଚଢ଼ଉ କରାଯାଇଥିଲା।

କିରାଣି ଶ୍ରୀ ନାଏକ ଏହି ଫରେଷ୍ଟ ଟ୍ରେନିଂ ସ୍କୁଲରେ ୨୦୦୪ରୁ କାର୍ଯ୍ୟ କରି ଆସୁଛନ୍ତି। ଚଢ଼ଉ ଦଳରେ କେନ୍ଦୁଝର ଭିଜିଲାନ୍ସ



ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଇନସପେକ୍ଟର୍ ଉଲପି ବେହେରା, ସବଇନ୍ସପେକ୍ଟର୍ ସୁଶାନ୍ତ କୁମାର ସେଠୀ, ଷ୍ଟେନୋ ଧ୍ରୁବେନ୍ଦ୍ର କୁମାର ପାତ୍ର, କନେଷ୍ଟବଳ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ଏବଂ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ। ଏନେଇ ଭିଜିଲାନ୍ସ ନମ୍ବର ୯/୨୫ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଥିବା ଡିଏସ୍‌ପି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

## ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

# ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୯ (ସମିସ): ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ରାଜ୍ୟ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା- ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଏପରି ପୋଷ୍ଟ କରି ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଛନ୍ତି।

ଉକ୍ତ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି, ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ସରକାରଙ୍କ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖଦୁର୍ଦ୍ଦଶା ଦେଇଥାଏ। ଆଜିର ଦିନରେ ଆଉ ଥରେ ସଂକଳ୍ପ ନେବା ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

# ଚଳିତ ମାସରେ ନୂଆ ଅବକାରୀ ନୀତି

## ଆସନ୍ତା ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହ ହେବ ସବିଶେଷ ଆଲୋଚନା

ଭୁବନେଶ୍ୱର, ୧୦।୯ (ସମିସ): ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏ ସଂପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଅବକାରୀ ନୀତି କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ଭିତରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେବ। ଦଶହରା ପୂର୍ବରୁ ନୂଆ ନୀତି ପ୍ରଣୟନ ପ୍ରକ୍ରିୟା ସରିବ। ଇତିମଧ୍ୟରେ ଅବକାରୀ ବିଭାଗର ପ୍ରତିନିଧି ଦଳ ଦୁଇ ରାଜ୍ୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ସେଠାରେ ପ୍ରଚଳିତ ଅବକାରୀ ନୀତି ଶ୍ରେଷ୍ଠ ଦିଗକୁ ପ୍ରତିନିଧିଦଳ ଅନୁଧ୍ୟାନ କରିଥିବା ବେଳେ ତାହା ନୂଆ ନୀତିରେ ବିନିଯୋଗ କରାଯାଇଛି। ନୂଆନୀତିରେ ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଯିବ।

ସେହିପରି ବର୍ତ୍ତମାନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ଉ ଜୋରଦାର କରାଯାଇଛି। ଯେଉଁମାନେ ଚୋରା କାରବାରରେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଆସନ୍ତା ଅକ୍ଟୋବର ୨ତାରିଖ ଅର୍ଥାତ୍ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାର ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବେ। ମାସେ ବ୍ୟାପୀ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା

# ଅଧ୍ୟାପକଙ୍କୁ ୨୦ ବର୍ଷ ଜେଲ୍

ବାରିପଦା, ୧୦।୯ (ସମିସ): ମୟୂରଭଞ୍ଜ ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତ ଅଧ୍ୟାପକ ମାନସ ରଞ୍ଜନ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ୍ ଓ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାନସଙ୍କ ଘର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବୁଢ଼ୀମୁହାଁଣ ଅମର୍ଦ୍ଦା ଗ୍ରାମରେ। ସେ ଉଦଳାସ୍ଥିତ ସାଇସାଧନା ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଅପରପକ୍ଷେ, ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, କଲେଜରେ ପାଠ ପଢ଼ାଇବା ବେଳେ ମାନସ ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ବିଭିନ୍ନ ସମୟରେ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଗୋଚରରେ ଉକ୍ତ ସମୟର ଭିଡିଓ ଏବଂ ଫଟୋ ଉତ୍ତୋଳନ କରି ରଖିଥିଲେ। ତେବେ ନାବାଳିକାଜଣଙ୍କ ତାଙ୍କ ସହ ସଂପର୍କ ଭାଙ୍ଗିଦେବାରୁ ପରବର୍ତ୍ତୀ ସମୟରେ ମାନସ ସମସ୍ତ ଅଶ୍ଳୀଳ ଭିଡିଓ ଓ ଫଟୋକୁ ଭାଇରାଲ କରିଦେଇଥିଲେ। ଏ ବାବଦରେ ପୀଡ଼ିତାଙ୍କ ପରିବାରଲୋକେ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ୪ କୋଟିର ସାଇବର୍ ଠକେଇ


# ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୁଲିସ

ଭୁବନେଶ୍ୱର, ୧୦।୯ (ସମିସ): ପଶ୍ଚିମବଙ୍ଗରେ ଠକେଇ କରି ଓଡ଼ିଶାରେ ଆତ୍ମଗୋପନ କରିଥିବା ଏକ ଠକକୁ ଉଠାଇନେଇଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିହର ମହାପାତ୍ର। ମିଳିଥିବା ସୂଚନା ଅନୁସାରେ, ହରିହର ଟ୍ରେଡିଂ କରିବା ପାଇଁ ବିଭିନ୍ନ ଲୋକଙ୍କୁ ପ୍ରବର୍ତ୍ତାଇଥିଲା। ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ସେହି ଆପରେ ଟଙ୍କା ବିନିଯୋଗ କରିଥିଲେ। ହେଲେ ଲାଭ କଥା ଦୂରରେ ଥାଉ, ମୂଳ ମଧ୍ୟ ମିଳିନଥିଲା। ଏହିପରି ଉପାୟରେ ହରିହର ପ୍ରାୟ ୪ କୋଟି ଟଙ୍କା ଠକି ନେଇଥିଲା। ଏନେଇ ପଶ୍ଚିମବଙ୍ଗର ପ୍ରଗତି ମଇଦାନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାପରେ ହରିହର ପଶ୍ଚିମବଙ୍ଗ ଛାଡ଼ି ଓଡ଼ିଶା ପଳାଇ ଆସିଥିଲା। ଦୁଇ ଦିନ ପୂର୍ବେ ଖଣ୍ଡଗିରି ଥାନା ଅଧିନସ୍ଥ ଏକ ତାରକା ହୋଟେଲରେ ଆସି ଆତ୍ମଗୋପନ କରିଥିଲା। ହରିହରକୁ ଧରିବାକୁ ପଶ୍ଚିମବଙ୍ଗ ପୁଲିସ କାଲିଠାରୁ ଭୁବନେଶ୍ୱରରେ ଡେରା ପକାଇଥିଲା। ଫୋନ୍ ଟ୍ରାକିଂ ଜରିଆରେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ତାରକା ହୋଟେଲରେ ଥିବା ଜାଣିବାକୁ ପାଇଥିଲା। ବୁଧବାର ଭୋରରୁ ଖଣ୍ଡଗିରି ଥାନା ପୁଲିସ ସହାୟତାରେ ଉକ୍ତ ତାରକା ହୋଟେଲରେ ଚଢ଼ଉ କରିଥିଲା। ସେଠାରୁ ହରିହରକୁ ଗିରଫ କରି ପଶ୍ଚିମବଙ୍ଗ ନେଇଛି।

# ଖରସ୍ରୋତାରେ ଭାସିଗଲେ ମହିଳା

## ଉଦ୍ଧାର କଲେ ଗ୍ରାମବାସୀ

ଗୋବିନ୍ଦପୁର, ୧୦।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଗୋବିନ୍ଦପୁର ଗ୍ରାମର ସମୀର ଦାସଙ୍କ ପତ୍ନୀ ସ୍ନିଗ୍ଧା ସରିତା ଦାସ(୩୫) ଆଜି ସାଢ଼େ ୧୦ଟା ବେଳେ ନଦୀକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଦୀର୍ଘ ସମୟ ପରେ ନଦୀରେ ମହିଳାଜଣଙ୍କ ଭାସି ଯାଉଥିବା ଦେଖି ଗ୍ରାମର କିଛି ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀ ମଧ୍ୟକୁ ଡେଇଁଥିଲେ। ବନ୍ୟାର ପ୍ରଖରସ୍ରୋତ ସତ୍ତ୍ୱେ ସାହସୀ ଯୁବକ ଅମରେଶ ଦାସ, ରବୀନ୍ଦ୍ର ଧଳ, ରଞ୍ଜିଆ ଦାସ, ସୁଶାନ୍ତ ଦାସ, ବ୍ରଜକିଶୋର ମହାନ୍ତି ଓ



ଗ୍ରାମବାସୀଙ୍କ ସହଯୋଗରେ ସ୍ନିଗ୍ଧାଙ୍କୁ ନଦୀରୁ ଉଦ୍ଧାର କରାଯାଇଛି। ତାଙ୍କୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍‌ର ଶୁଭାରମ୍ଭ

## ୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା, ବାରଣାସୀ ଯାତ୍ରା

ଭୁବନେଶ୍ୱର, ୧୦।୯ (ସମିସ): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରୁ କାଶୀ ବିଶ୍ୱନାଥ ଧାମକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ



ଟ୍ରେନ୍‌ର ଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮୦୦୦ ବରିଷ୍ଠ ନାଗରିକମାନଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।

ଆଜି ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ, ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଅଯୋଧ୍ୟା– ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ୬ଟି ଜିଲ୍ଲାରୁ ୭୭୫ଜଣ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ୧୬୯ ଜଣ, ପୁରୀରୁ ୧୨୭ ଜଣ, କଟକରୁ ୧୯୭ଜଣ, ଜଗତସିଂହପୁର ୮୫ଜଣ, କେନ୍ଦ୍ରାପଡ଼ାରୁ ୮୯ଜଣ, ଢେଙ୍କାନାଳରୁ ୧୦୮ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ଯାତ୍ରା କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କୁ ଦର୍ଶନ କରିବା ସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରି ପବିତ୍ର ଗଙ୍ଗା ଆରତୀ କରିବେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସଙ୍କ ସମେତ ବିଧାୟକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଥମ ଟ୍ରେନ ଯାତ୍ରା ପାଇଁ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଥିଲେ।

## ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ

# ହାତଗୋଡ଼ ବାନ୍ଧି ହତ୍ୟା କରି ଫିଙ୍ଗିଦେଲା

## ଅଭିଯୁକ୍ତ ଅଟକ, ପୁଲିସ ତନାଘନା ଜାରି

ରାମଚନ୍ଦ୍ରପୁର, ୧୦।୯ (ସମିସ): ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ। ସ୍ୱାମୀଙ୍କଠାରୁ ଅଧିକ ବିଶ୍ୱାସ କରିଥିଲେ, ସେ ହିଁ ବଇରୀ ସାଜିଲା। ହତ୍ୟା କରି ହାତଗୋଡ଼ ବାନ୍ଧି ବୁଦାମୂଳକୁ ଫିଙ୍ଗିଦେଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଆଜି ଏପରି ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ଅଭିଯୁକ୍ତକୁ ଧରିଛି। ମୃତ ମହିଳା ହେଲେ, ଅଳତି ପଞ୍ଚାୟତ ଜନାର୍ଦ୍ଦନପୁର-ପାଟଣା ଗାଁର ବୁଲୁ ଦାସଙ୍କ ପତ୍ନୀ ସୁକାନ୍ତୀ ଦାସ (୫୦)। ଆଜି ଗାଁ ନିକଟ ଏକ ପରିତ୍ୟକ୍ତ ନାଳ ନିକଟ ବେଣାବୁଦା ମୂଳରୁ



ପୁଲିସ ତାଙ୍କ ହାତଗୋଡ଼ବନ୍ଧା ଗଳିତ ଶବ ଜବତ କରିଛି। ସେ ୪ ଦିନ ହେଲା ନିଖୋଜ ଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ କୃପାସିନ୍ଧୁ ଦାସ(୫୨)କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ତାକୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇବା ପରେ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁସାରେ, ସୁକାନ୍ତୀଙ୍କ ସହ କୃପାସିନ୍ଧୁର ପ୍ରେମସଂପର୍କ ଥିଲା। କିନ୍ତୁ କୌଣସି କଥାକୁ ନେଇ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି, ସୁକାନ୍ତୀ ମାସେ ତଳେ କୃପାସିନ୍ଧୁ ବିରୋଧରେ ଥାନାରେ ଏତଲା ଦେବାରୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୭ ଦିନ ତଳେ ସେ ଜାମିନରେ ଆସିଥିଲା। ତେବେ ଗତ ରବିବାର ରାତିରୁ ହଠାତ୍ ସୁକାନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ପରିବାରଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଗାଁ ନାଳ ନିକଟରେ ଏକ କୋଦାଳ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ।



ପୁଲିସ ପହଞ୍ଚି ସରଜମିନ ତଦନ୍ତ କରିଥିଲା। କିନ୍ତୁ ମହିଳାଙ୍କ ସମ୍ପର୍କରେ କିଛି ସୁରାକ୍ ମିଳିପାରିନଥିଲା। ଆଜି ଗାଁ ନିକଟ ସେହି ନାଳ କୂଳରେ ଥିବା ବେଣାବୁଦା ମୂଳରୁ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି କରିବାରୁ ସୁକାନ୍ତୀଙ୍କ ଗଳିତ ମୃତଦେହ ଠାବ କରାଯାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କ ହାତଗୋଡ଼ ବନ୍ଧା ହୋଇଥିବା ଦେଖିଥିଲା।

# ସାର ପାଇଁ ବ୍ଲକ୍ ଘେରିଲା ବିଜେଡି



ବେଲପଡା,୧୦।୯(ସମିସ): ବେଲପଡା ଅଞ୍ଚଳରେ ସାର ସଙ୍କଟକୁ ନେଇ ବିଜୁ ଜନତା ଦଳ ବେଲପଡ଼ା ବ୍ଲକ କାର୍ଯ୍ୟାଳୟ ଘେରଉ କରିଛି। ବିଡ଼ିଓଙ୍କ ଅନୁପସ୍ଥିତି ଯୋଗୁଁ ଅତିରିକ୍ତ ବିଡିଓ ସାରଥୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରଥମେ ସ୍ଥାନୀୟ ତାରିଣି ମନ୍ଦିର ନିକଟରୁ ଶତାଧିକ ବିଜେଡ଼ି କର୍ମୀ ସରକାର ବିରୋଧରେ ନାରାବାଜି କରି ବ୍ଲକ୍ କାର୍ଯ୍ୟାଳୟ ପହଞ୍ଚିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ପୂର୍ବତନ ବିଜେଡ଼ି ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭପତି ସରୋଜ ମେହେର ସାମିଲ ହୋଇଥିଲେ। ସରକାରଙ୍କ ସହ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀଙ୍କୁ ସମସ୍ତେ ଜୋରଦାର ବିରୋଧ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଧାୟକ ତଥା କୃଷିମନ୍ତ୍ରୀଙ୍କ ଅଞ୍ଚଳର ଲୋକଙ୍କୁ ସାର ମିଳିପାରୁନାହିଁ। ଲୋକ ୭୦୦ରୁ ଅଧିକ ଟଙ୍କାରେ କିଣୁଛନ୍ତି। ଦଳୀୟ କର୍ମୀ ଏହି ସାର କଳାବଜାର କରୁଥିବା ସରୋଜ ଅଭିଯୋଗ ଆଣିଛନ୍ତି। ଯଦି ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଦେଇ ପାରୁନାହାନ୍ତି କେମିତି ସରକାର ଚଳାଇବେ ବୋଲି ସରୋଜ ପ୍ରଶ୍ନ କରିଛନ୍ତି। ଏହି ଆନ୍ଦୋଳନ ବେଳେ କୁମୁଦ ମହାକୁଡ, ବନିତା ବିଶ୍ୱାଳ, ସୁନିଲ ଶବର, ଅରୁଣ ପାଣିଗ୍ରାହୀ, କିଶାନ ରଣା, ଗୌତମ ପଟେଲ, ଜଗନ୍ନାଥ ଖମାରୀ, ଦେବେନ୍ଦ୍ର ମଲ୍ଲିକ, ଶୁକ୍ରୁ ସୁନାନି, ଦେବରାଜ ସେଠ, ଚତ୍ରୁ ବୁଡ଼େକ, ଡୋଳାମଣି ହଂସ, ଦୁଲେଶ୍ୱର ମେହେର, ସନ୍ତୋଷ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟିତୁଣ୍ଡରେ ସରିଲା ଦେଓଗାଁ ପଞ୍ଚାୟତ ସମିତି ବୈଠକ

# ଚୌକିରୁ ଉଠି ଗର୍ଜିଲେ ଜନପ୍ରତିନିଧି

ଦେଓଗାଁ,୧୦।୯(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସଭାକକ୍ଷରେ ବୁଧବାର ଅନୁଷ୍ଠିତ ପଞ୍ଚାୟତ ସମିତି ସାଧାରଣ ବୈଠକରେ ପ୍ରବଳ ପାଟିତୁଣ୍ଡ ହୋଇଛି। ଉନ୍ନୟନ କାମରେ ମନ୍ଥର, ଦୁର୍ନୀତି, ବିଭନ୍ନ ସମସ୍ୟା ଇନେଇ ଜନ ପ୍ରତିନିଧିମାନେ ସଭାରେ ଗର୍ଜନ କରିଥିଲେ।

ଦେଓଗାଁ ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ବର୍ତ୍ତମାନ ସ୍ୱଳ୍ପବୃଷ୍ଟିପାତ ଯୋଗୁଁ ଏବେ ମଧ୍ୟ ଅନେକ ପଞ୍ଚାୟତରେ ୬୦ରୁ ୭୦ ପ୍ରତିଶତ ଜମିରେ ଧାନଚାଷ ହୋଇ ନ ପାରି ପଡିରହିଛି। ଆଉ କେତେକ ଜମିରେ ବେଉଷଣ ଧାନ ପାଣି ଅଭାବରୁ ଶୁଖିଲା ପଡିଛି। ଏଣୁ ଦେଓଗାଁ ବ୍ଲକକୁ ମରୁଡି ଘୋଷଣା କରିବାପାଇଁ ସମସ୍ତ ଜନପ୍ରତିନିଧିମାନେ ଦାବି ଉପସ୍ଥାପନ କରିଥିଲେ। ଯେଉଁ ଜମିରେ ପାଣି ମଡାଇ ଚାଷୀ ଚାଷ ବଞ୍ଚାଇ ରଖିଛନ୍ତି ସେହି ଜମିରେ ଏବେ ୟୁରିଆ ସାର ସଙ୍କଟ ଦେଖାଦେଇଛି। ବୁଧବାର ସକାଳେ ଗୌରଗୋଠ ପେକ୍ସରେ ଚାଷୀ ଆଧାରକାର୍ଡର ଲମ୍ବାଲାଇନ ଲଗାଇବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ନେି ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତ ରବିଋତୁରେ ଚାଷୀଙ୍କୁ ବିହନ ମାଗଣାରେ ଯୋଗାଇଦେବାକୁ ଜନପ୍ରତିନିଧିମାନେ ଦାବି ଉଠାଇଥିଲେ। ବ୍ଲକରେ ଉନ୍ନୟନ କାମ ଠିକ୍ ରୂପେ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅଭିଯୋଗ ଉଠିଛି। ଇଣ୍ଡେଷ୍ଟ ମନିକୁ ପକ୍ଷପାତିତା କରି ଭାଗ ବଣ୍ଟା ଯାଇଥିବା ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ ମେହେର ଅଭିଯୋଗ ଉଠାଇଥିଲେ। ବ୍ଲକରେ ମନରେଗା ଯୋଜନାରେ ଶ୍ରମିକ ମାନେ କାମକରି ବର୍ଷ ବର୍ଷ କାଳ ଧରି ପାଉଣା ପାଉ ନ ଥିବା ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ଏଦିଗରେ ପଦକ୍ଷେପ ନେବାକୁ ସମସ୍ତ ଜନପ୍ରତିନିଧି ଦାବି ଉଠାଇଥିଲେ। କୁତୁର୍ଲା ପଞ୍ଚାୟତର ଶିଆଳବାହାଲି, ହାତୀସରା ପଞ୍ଚାୟତର ହାତୀସରା ଓ ସାଲେପାଲି ପଞ୍ଚାୟତର କୁଲିଆବାହାଲ କଲୋନୀପଡାରେ ନିର୍ମାଣ ହୋଇଥିବା ଅଙ୍ଗନବାଡି କୋଠା ବାବଦକୁ ମନରେଗା ଟଙ୍କା ନ ମିଳିବାରୁ କାମ ଅସମପୂର୍ଣ୍ଣ ହୋଇପଡିଛି। ଏହାଫଳରେ କୋମଳମତୀ ଶିଶୁମାନେ ପରପିଣ୍ଡାରେ ବସୁଥିବା ସମିତି ସଭ୍ୟ ପାତ୍ର ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସୋଲର ପାୱାର ପ୍ଲାଣ୍ଟ ବସିଥିବା ମୁରସିଂହ, ସାଲେପାଲି ଓ ମହଲେଇର କୁକୁରଖାଇ ଅଞ୍ଚଳରେ ବହୁ ମୂଲ୍ୟବାନ ଗଛ କାଟି ଦିଆଯାଇଛି। କମ୍ପାନୀ ତା ବିପକ୍ଷରେ ଅଦ୍ୟାବଧି ବନୀକରଣ ନ କରିନି। ଏଣୁ ଏ ଦିଗରେ ତଦନ୍ତ ପୂର୍ବକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମିତି ସଭ୍ୟ ପାତ୍ର ଦାବି ଉପସ୍ଥାପନ କରିଥିଲେ। ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ଉଦ୍ୟାନ କୃଷି, ଗ୍ରାମ୍ୟ ଉନ୍ନୟନ ଓ ରାଜସ୍ୱ ସଂପର୍କିତ ବିଭିନ୍ନ ଆଲୋଚନା ହୋଇଥିଲା। ବିଡିଓ ପ୍ରୀୟରଞ୍ଜନ କୁମାର ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ପୂର୍ବ ବିବରଣୀ ପଠନ କରିଥିଲେ। ବୈଠକରେ ବ୍ଲକ୍ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସିଡିପିଓ ମିନତିରାଣୀ ମିଶ୍ର, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ସମେତ ସମସ୍ତ ଯନ୍ତ୍ରୀ, ସରପଞ୍ଚ ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସାର ପାଇଁ ଆଧାର ରଖି ଲମ୍ବା ଲାଇନରେ ଚାଷୀ



ଦେଓଗାଁ,୧୦।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ଏବେ ଧାନଚାଷ ପାଇଁ ୟୁରିଆ ସାରର ଘୋର ସଙ୍କଟ ଦେଖା ଦେଇଛି। ଚଳିତ ବର୍ଷ ଠିକ ସମୟରେ ଚାଷୀଙ୍କୁ ୟୁରିଆ ସାର ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ବ୍ଲକର ପ୍ରାୟ ସମସ୍ତ ସାର ବିକ୍ରୟ କେନ୍ଦ୍ରରେ ଚାଷୀଙ୍କ ଭିଡ ଦେଖିବାକୁ ମିଳିଛି। ବ୍ଲକର ୧୨ଟି କୃଷି ସେବା ସମବାୟ ସମିତିରେ ୟୁରିଆ ସାର ଆସିବା ଜଣା ପଡିବା କ୍ଷଣି ଚାଷୀଙ୍କ ଭିଡ ପରିଲକ୍ଷିତ ହେଉଛି। ଗୌରଗୋଠ ପେକ୍ସରେ ୭୬୦ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଥିବାବେଳେ ୩୧୫ ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଛି। ସାର ଆସିବା ଖବର ପ୍ରଚାରିତ ହେବାପରେ ବୁଧବାର ପାହାନ୍ତିଆ ୩ଟାରୁ ପେକ୍ସ ସମ୍ମୁଖରେ ପ୍ରାୟ ୭ ଶହରୁ ଅଧିକ ଚାଷୀ ଆଧାର କାର୍ଡଗୁଡିକୁ ଧାଡିରେ ରଖି ଲମ୍ବା ଲାଇନରେ ସାର ପାଇବା ଆଶାରେ ଅପେକ୍ଷାରେ ଥିଲେ; ମାତ୍ର ୩୧୫ ପ୍ୟାକେଟ ସାର ଆସିଥିବାରୁ ପେକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣୀ ଚାଷୀଙ୍କୁ ଅଗ୍ରାଧିକାରଭିତ୍ତିରେ ଚାଷୀ ପ୍ରତି ଗୋଟିଏ ପ୍ୟାକେଟ ଲେଖାଏଁ ସାର ଦେବାର ନିଷ୍ପତ୍ତି ନେଇଥିଲେ। ଏହାଫଳରେ ରାତି ୩ଟାରୁ ଅପେକ୍ଷାରେ ଥିବା ଅନେକ ଚାଷୀ ସାର ପାଇବାରୁ ବଞ୍ଚିତ ରହିଥିଲେ। ସାର ପାଇପାରି ନ ଥିବା ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେବାସହ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପେକ୍ସ ସମ୍ମୁଖରେ ବିକ୍ଷୋଦଗାର କରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ନିଜର ବିରକ୍ତି ପ୍ରକାଶ କରିଥିଲେ।

# ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟରଙ୍କ ଦ୍ୱାରା ତଦନ୍ତକୁ ବିରୋଧ

ବଲାଙ୍ଗିର,୧୦।୯(ସମିସ):ବଲାଙ୍ଗିର ଅନୁସୂଚିତ ଜାତି ଜନଜାତି କ୍ରିୟାନୁଷ୍ଠାନ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ତରଫରୁ ଅଗଷ୍ଟ ୩୦ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି ଯେ, ଅନୁସୂଚିତ ଜାତି/ଜନଜାତି ନିର୍ଯାତନା ଆଇନ ଅନୁସୂଚି ୯ ଅନୁସାରେ ଡେପିଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ବଦଳରେ ଇନ୍ସପେକ୍ଟର ଓ ସବ୍‌ଇନ୍ସପେକ୍ଟର ମାମଲାର ତଦନ୍ତ କରିବେ; କିନ୍ତୁ ଅନୁସୂଚି ୭ରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସରୁ ତଳ ସ୍ତରର ଅଧିକାରୀ ମାମଲାର ତଦନ୍ତ କରି ପାରିବେ ନାହିଁ; ହେଲେ ଆଇନକୁ ଦୁର୍ବଳ କରିବା ପାଇଁ ତରବରିଆ ଭାବେ ରାଜ୍ୟ ସରକାର ଏକ ଅଧିସୂଚନା ଜାରି କରିଛନ୍ତି; ଯାହାକି ମୂଳ ଆଇନର ବିରୁଦ୍ଧାଚରଣ କରୁଛି। ଓଡିଶା ଉଚ୍ଚ ନ୍ୟାୟାଳୟ ସହ ଦେଶର ଅନେକ ଉଚ୍ଚ ନ୍ୟାୟାଳୟ ଏହି ନିର୍ଯାତନା ମାମଲାକୁ ସବ୍-ଇନ୍‌ସପେକ୍ଟର ଓ ଇନ୍ସପେକ୍ଟରମାନେ ତଦନ୍ତ କରିଥିବା ମାମଲାକୁ ଖାରଜ କରିଛନ୍ତି। ତେଣୁ ଆଇନର ଗୁରୁତ୍ୱକୁ ଉପଲବ୍ଧ କରି ଏହି ଅଧିସୂଚନାକୁ ସରକାର ତୁରନ୍ତ ଫେରାଇ ନେବା ପାଇଁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ୨୦୧୬ ମସିହାରୁ ରାଜ୍ୟ ତଥା ଜିଲ୍ଲାସ୍ତରରେ ଥିବା ଭିଜିଲାନ୍ସ ଓ ମନିଟରିଂ କମିଟିର ବୈଠକ ବସିନାହିଁ। ପ୍ରତ୍ୟେକ ଜିଲ୍ଲାର ଅନୁସୂଚିତ ଜାତି/ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ପୋଲିସ ମହକୁମା ସ୍ଥାପନ, ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର ଅଦାଲତା ସ୍ଥାପନ, ମାମଲା ପରିଚାଳନା କରିବା ପାଇଁ ଅନୁସୂଚିତ ଜାତି/ଜନଜାତି ଅଧିବକ୍ତା ନିଯୁକ୍ତି ଓ ଠିକ୍ ସମୟରେ ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଇତ୍ୟାଦି ଅନେକ ଦାବି ଉପସ୍ଥାପନ କରାଯାଇଛି। ସଂଘ ତରଫରୁ ରାଜ୍ୟ ସରକାରଙ୍କୁ ୧୫ ଦିନ ସମୟ ଦିଆଯାଇଛି। ସତ୍ୟ ନାରାୟଣ ଭୋଇ, ଦିନେଶ ନାଗ, ବିଜୟ ବାରିକ, ହିମାଂଶୁ ବିଭାର, ଦେବରାଜ ମହାନନ୍ଦ, ବାସୁଦେବ ମୁଗ୍ରୀ, ଗୋବିନ୍ଦ ବିଭାର, କୁନା ବାବୁ, ସୁଧାଂଶୁ ହରିପାଲ, ବନବିହାରି ମୁନା, ବୃନ୍ଦାବନ ନାଗ ପ୍ରମୁଖ ଉପସ୍ଥିତ ଥିଲେ।



# କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ଟିଟିଲାଗଡ଼,୧୦।୯(ସମିସ): ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସି.ଡ଼ି. ମାୟାପ୍ପାନ ଏବଂ ରାଜ୍ୟ ପର୍ଯ୍ୟବକ୍ଷକ ପୂର୍ବତନ ବିଧାୟକ ନିମାଇଁ ସରକାର ଯୋଗ ଦେଇଥିଲେ। ବୀରେନ୍ଦ୍ର ବାଗ, ସମରେନ୍ଦ୍ର ମିଶ୍ର, ଜିଲା ଷ୍ଟିୟରିଂ କମିଟି ସଦସ୍ୟ ସନ୍ତକ ବହିଦାର, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ବରିଷ୍ଠ ନେତା ଡମ୍ବରୁ ଛତ୍ରିଆ, ରଞ୍ଜନ ଦାଶ, ସୁମନ୍ତ ବେହେରା, ବିଚିତ୍ର ବାଗ, ହୃଷିକେଶ ରାଜପାଲିଆ, ଦେବରାଜ ପଣ୍ଡା, ମୁକେଶ ଜୈନ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁରଜ ବେହେରା, ରିଙ୍କୁ ବର୍ମା, ଅନିଲ ମେହେର, କୁନା ସାହୁ, କୀର୍ତ୍ତି ମଲ୍ଲିକ, ଛନ୍ଦା ଚରଣ କଟା, ଜଗନ୍ନାଥ ସାହୁ, ସୁବାଶ ଭୋଇ, ଲିଙ୍ଗରାଜ ସୁନା, ହୃଦାନନ୍ଦ ମାଝୀ, ଉତ୍ତମ ସୁନା, ମହେଶ ରାଓ, ଅଙ୍କିତ ସାହୁ, କୃଷ୍ଣଚନ୍ଦ୍ର ମହାନନ୍ଦ, ଜୟଦେବ ଭୋଇ, ସଲିମ ଖାନ, ତାଜୁ ଖାନ, ତୀର୍ଥ ଲୁହା, ବିବେକ ଜୈନ, ଦୀପକ ଛତର, ହେମନ୍ତ ବନଛୋର, ମାଧବ ତାଣ୍ଡି, ଛନ୍ଦା ଚରଣ କଟା, ପ୍ରଦୀପ ଭୋଇ, ହର କୁମ୍ଭାର, ଶ୍ୟାମ ପ୍ରସାଦ ଛୁରା, ବେଣୁଧର ଜାନି, କାର୍ତ୍ତିକ ଛତର, ଅରୁଣ ହରପାଲ ପ୍ରମୁଖ ଶତାଧିକ ନେତାକର୍ମୀ ଉପସ୍ଥିତ ଥିଲେ।

## ● ଟାଟା ପାୱାର ବ୍ୟାଡମିଣ୍ଟନ ପ୍ରତିଯୋଗିତା

# ଶଙ୍କର ରାଏ ଜୋନାଲ ଚାମ୍ପିଅନ

ବଲାଙ୍ଗିର,୧୦।୯(ସମିସ): ଟାଟା ପାୱାର ବୁର୍ଲା ଅଧୀନ ୫ଟି ସର୍କଲର କାର୍ଯ୍ୟରତ ବ୍ୟାଡମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଜୋନାଲସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବଲାଙ୍ଗିର ଦଳ ତରଫରୁ ଏକ ୫ଜଣିଆ ଟିମ୍ ଯୋଗ ଦେଇଥିଲେ। ଦଳରୁ ପ୍ରତିନିଧିତ୍ୱ କରୁଥିବା ବଲାଙ୍ଗିର ଟାଟା ପାୱାର ଖେଳାଳି ଶଙ୍କର ରାଏ ୪୦ ବୟସ ବର୍ଗର ସିଙ୍ଗିଲ୍ସ ବିଭାଗରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ବୁର୍ଲା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିମାନେ ଏହି ମାସର ୨୦ତାରିଖରେ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଟାଟା ପାୱାରର ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗତା ଅର୍ଜନ କରିଛନ୍ତି। ଶଙ୍କର ରାଏ ଜୋନ ତରଫରୁ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବଲାଙ୍ଗିରରେ ଅଭ୍ୟାସରତ ଶଙ୍କର ରାଏ ଡବଲ୍ସ କାଟେରୋରିରେ ମଧ୍ୟ ସାଥୀ ଖେଳାଳି ରମେଶ ସାହୁଙ୍କ ସହ ଖେଳି ଉଚ୍ଚ କୋଟିର ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ତରଫରୁ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ସଂପାଦକ ସୁରୁଲାଲ ମଟାରୀ, ପବିତ୍ର ବେହେରା, ଘନଶ୍ୟାମ ମିଶ୍ର, ମାନସ ମହାନ୍ତି, ଅନ୍ତ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାରେ ଟାଟା ପାୱାରର ବୈବସାୟିକ ମୁଖ୍ୟ ଗଜାନନ କାଲେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବଲାଙ୍ଗିର ଦଳ ତରଫରୁ ଶଙ୍କର ରାଏଙ୍କ ସହ ରିଆଜୁଲ ହକ୍, ତେଜନ ମିଶ୍ର, ବୁଦ୍ଧଦେବ ମିଶ୍ର, ନିଳାମ୍ବର ଷାଣ୍ଢ ପ୍ରମୁଖ ଯୋଗ ଦେଇଥିଲେ।




# ସାନଉଡେନ ବେଆଇନ କ୍ଲିନିକରେ ଚଢ଼ଉ

ପାଟଣାଗଡ଼/ଖପ୍ରାଖୋଲ,୧୦।୯(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ସାନଉଡେନ ଗାଁରେ ଦୀର୍ଘ ଦିନରୁ ଚାଲିଥିବା ବେଆଇନ କ୍ଲିନିକ ଉପରେ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ସକାଳ ସାଢେ ୯ଟାରେ ଖପ୍ରାଖୋଲ ମେଡିକାଲ ଅଫିସର ସୁରଜ ଦୀପ ଏହି ବେଆଇନ କ୍ଲିନିକ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଔଷଧ ଦୋକାନରେ ସୁରେନ୍ଦ୍ର ମେହେର ବେଆଇନ ଭାବେ ରୋଗୀ ଚିକିତ୍ସା ସହ ଡାକ୍ତରଙ୍କ ବିନା ଅନୁମତିରେ ଔଷଧ ମଧ୍ୟ ବିକ୍ରି କରୁଥିବା ଶ୍ରୀ ଦୀପ ଦେଖିବାକୁ ପାଇଥିଲେ। ସେଠାରେ ଉପସ୍ଥିତ ରୋଗୀଙ୍କୁ ଦେଇଥିବା ଔଷଧ ବିଷୟରେ ତଦନ୍ତ କରିଥିଲେ। ଡାକ୍ତରଙ୍କ ବିନା ଅନୁମତିରେ କିଭଳି ରୋଗୀଙ୍କୁ ନିଜ ଇଚ୍ଛାରେ ଔଷଧ ଦେଉଥିବା ପ୍ରଶ୍ନ କରିଥିଲେ। ଏପରିକି ଛୋଟ ଛୋଟ ଶିଶୁଙ୍କୁ ମଧ୍ୟ ଚିକିତ୍ସା କରୁଥିବା ସହ ଔଷଧ ଦେଉଥିବା ଦେଖିଥିଲେ। ବେଆଇନ ଭାବେ ଔଷଧ ଦୋକାନ ଭିତରେ ଚଳାଇଥିବା କ୍ଲିନିକରେ ପୂର୍ବରୁ ଚିକିତ୍ସା ପାଇଁ ଆସିଥିବା ଅନେକ ରୋଗୀଙ୍କୁ ଭୟରେ ତାଙ୍କ ଘର ଭିତରକୁ ଲୁଚାଇବାକୁ ଉଦ୍ୟମ କରିଥିଲେ ଏହି ନକଲି ଡାକ୍ତର ଜଣକ। ନକଲି ଡାକ୍ତର ଏକ ସାଧା କାଗଜରେ ରୋଗୀଙ୍କୁ ଔଷଧ ମଧ୍ୟ ପ୍ରେସକ୍ରାଇବ କରୁଥିବା ନଜରକୁ ଆସିଥିଲା। ଏହି ବେଆଇନ କାର୍ଯ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରମାଣ ହସ୍ତଗତ କରାଯାଇଛି। ଏଥିସହ ନକଲି ଡାକ୍ତର ଜଣକ ରୋଗୀଙ୍କୁ ଦେଇଥିବା ଚିଠାଗୁଡିକୁ ମଧ୍ୟ ଶ୍ରୀ ଦୀପ ଜବତ କରିଥିଲେ। ଔଷଧ ଦୋକାନ ନାମରେ ଖୋଲାଖୋଲି ବେଆଇନ ଭାବେ ରୋଗୀଙ୍କୁ ଚିକିତ୍ସା କରୁଥିବା ସମସ୍ତ ପ୍ରମାଣ ସ୍ୱାସ୍ଥ୍ୟ ବିଭାଗର ହସ୍ତଗତ ହୋଇଛି। ଏହି ବେଆଇନ କ୍ଲିନିକ ସହ ଔଷଧ ଦୋକାନଙ୍କୁ ସମ୍ପୂର୍ଣ୍ଣ ସିଲ୍ କରାଯିବା ସହ ଥାନାରେ ଏକ ମାମଲା ମଧ୍ୟ ଦିଆଯିବ ବୋଲି ଖପ୍ରାଖୋଲ ମେଡିକାଲ ଅଫିସର ଶ୍ରୀ ଦୀପ କହିଛନ୍ତି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ସାନଉଡେନରେ ବେଆଇନ କ୍ଲିନିକ ଶୀର୍ଷକ ଖବର ''ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଲିନିକଟି ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଚାଲୁଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ଚୁପ୍ ରହିଥିଲା। ସାନଉଡେନ ଅଞ୍ଚଳରେ ଏହି ନକଲି ଡାକ୍ତର ଜଣକ ସ୍ୱାସ୍ଥ୍ୟ ସେବା ନାଁରେ ବ୍ୟବସାୟ ଚଳାଇଥିବା ଅଭିଯୋଗ ଉଠିଥିଲା। ଔଷଧ ଦୋକାନ ପଛପଟେ କ୍ଲିନିକ ଖୋଲି ଉଭୟ ବାପ ପୁଅ ଡାକ୍ତର ସାଜି ଲୋକଙ୍କୁ ବେଆଇନ ଭାବେ ସାଲାଇନ, ଇଞ୍ଜେକ୍ସନ, ଔଷଧ ଦେଇ ଚିକିତ୍ସା କରୁଥିଲେ। କିଛି ଦିନ ତଳେ ଜଣେ ବ୍ୟକ୍ତିଙ୍କ ଜ୍ୱର ସହ ମୁଣ୍ଡ ଦରଜ ହେବାରୁ ଏହି ନକଲି ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ତାଙ୍କୁ ଦୁଇଟି ଇଞ୍ଜେକ୍ସନ ଦେଇ ଦୁଇ ସହ ଟଙ୍କା ନେଇଥିଲେ। ପରେ ଭୁଲ ଇଞ୍ଜେକ୍ସନ ଯୋଗୁଁ ଉକ୍ତ ବ୍ୟକ୍ତିଙ୍କ ଦେହ ଆହୁରି ବିଗିଡି ଯାଇଥିଲା। ପରେ ଅନ୍ୟତ୍ର ଚିକିତ୍ସା ପରେ ଭଲ ହୋଇଥିଲେ। ଏହି ବେଆଇନ କ୍ଲିନିକର ବେଆଇନ ଚିକିତ୍ସାର ଭିଡିଓ ''ସକାଳ' ହାତରେ ଲାଗିଥିଲା।

## ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ

# ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ ଉପରେ ଗୁରୁତ୍ୱ

ବଲାଙ୍ଗିର,୧୦।୯(ସମିସ)




ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ବଲାଙ୍ଗିର ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟର ବୈଠକ ଗୃହରେ ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ସମୀକ୍ଷା ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବିଜୟାନନ୍ଦ ସେଠି, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗିର ଜିଲ୍ଲାର ସମସ୍ତ ତହସିଲରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବସୁନ୍ଧରା ଯୋଜନା ଅଧୀନ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ, ପୂର୍ବରୁ ପ୍ରଦାନ କରାଯାଇଥିବା ଘରବାଡି ଜମିର ଚିହ୍ନଟ, ଶିକ୍ଷାନୁଷ୍ଠାନ ଗୁଡିକର ଆବଶ୍ୟକତା ମୁତାବକ ଜମିର ନିୟମିତକରଣ, ଜଙ୍ଗଲ ଜମି ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ପଟ୍ଟା ବଣ୍ଟନ, ସିକିମ୍, ବେନ୍ଦୋବସ୍ତ ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅଧୀନ ବିଭିନ୍ନ ସମସ୍ୟାର ସମାଧାନ ଦୁଇ ମାସ ମଧ୍ୟରେ ଫଇସଲା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବେକ୍ଷଣ ମୁତାବକ ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବୃଦ୍ଧ, ଅସହାୟ ଓ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ପଡ଼ିରହିଥିବା ଜମିଜମା ସମ୍ବନ୍ଧୀୟ, ରାଜସ୍ୱ, ଅଦାଲତ ମାମଲାଗୁଡିକର ତ୍ୱରିତ ଫଇସଲା କରିବା, ବିଭିନ୍ନ ସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ, ବିଭାଗ ଇତ୍ୟାଦିର ଅବ୍ୟବହୃତ ଜମିକୁ ସରକାରୀ ଖାତାକୁ ଫେରସ୍ତ ଆଣିବା, ବିଭିନ୍ନ ଉନ୍ନୟନ ଯୋଜନା ନିମନ୍ତେ ପ୍ରଦାନ କରିବା, ବିଭିନ୍ନ ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ଆଦି ବିଷୟରେ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ସମସ୍ୟାଗୁଡିକ ଉପରେ ଯଥା ସମୟରେ ଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଜମିର ସୁରକ୍ଷା ଓ ଏହାର ଜବରଦଖଲକୁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ନିମନ୍ତେ ମନ୍ତ୍ରୀ ତହସିଲଦାର ଏବଂ ଉପଜିଲ୍ଲାପାଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ପସ୍ତାବିତ ରେଳ ପଥ ଓ ତୁଷୁରାର ବିମାନପଥ ଉନ୍ନତିକରଣ ପାଇଁ ଆବଶ୍ୟକ ହେଉଥିବା ଜମି ନିମନ୍ତେ ଜମି ଅଧିଗ୍ରହଣ ଯଥା ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୦୦ କୋଟି ମୂଲ୍ୟର ଜିଲ୍ଲାପାଳ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ପଦକ୍ଷେପ ଗ୍ରହଣ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋୟର ସୁକତେଲ ଯୋଜନାର ବିସ୍ଥାପିତଙ୍କ ସମସ୍ୟା, ଅଭାବ ସାର ବିକ୍ରି ସମ୍ବନ୍ଧରେ ଉପସ୍ଥିତ ଅଧିକାରୀଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରାଜସ୍ୱ ସେବା ଗୁଡିକ କିପରି ଭାବେ ସାଧାରଣ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚି ପାରିବ ସେଥିନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଓ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ରାଜସ୍ୱ ଓ ଭୂ-ଅର୍ଜନ କ୍ଷେତ୍ରର ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଆଲୋକ ପଟେଲ, ଉପଜିଲ୍ଲାପାଳ (ପାଟଣାଗଡ) ସରୋଜ ମେହେର, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସହ ସମସ୍ତ ତହସିଲଦାର ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

- ୨ ମାସରେ ଫଇସଲା କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ
- ସମସ୍ୟା ଉପରେ ଯଥା ସମୟରେ ଠିକ୍ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ
- ସରକାରୀ ଜମିର ସୁରକ୍ଷା, ଜବରଦଖଲ ଉପରେ ଅଧିକ ଗୁରୁତ୍ୱ

# ଟ୍ରେନ୍‌ରୁ ମହିଳାଙ୍କ ଶବ ଉଦ୍ଧାର

ବଲାଙ୍ଗିର,୧୦।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଏକ ଟ୍ରେନରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ତାଙ୍କ ପରିଚୟ ମିଳିନି। ବିଶାଖାପାଟଣା-ରାୟପୁର ପାସେଞ୍ଜରରେ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବଗିରେ ଜଣେ ମହିଳାଙ୍କ ଶବ ଥିବା ନେଇ ଗାର୍ଡ ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଏହାପରେ ଜିଆରପି ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

# ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କୁ ସମ୍ବର୍ଦ୍ଧନା



ମୁରିବାହାଲ,୧୦।୯ (ସମିସ): ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଡିଓ ବାସନ୍ତୀ ସେଠୀ, ଧନଞ୍ଜୟ ପଧାନ, ବିଶ୍ୱବିହାରୀ ଯୋଶୀ, ଅଧ୍ୟାପକ ଦିଲ୍ଲୀପ ପଶାୟତ, ବରିଷ୍ଠ ସାମ୍ବାଦିକ ଭଗବାନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟପକ୍ଷେ ମୁରିବାହାଲ ଦୁର୍ଗାପୂଜା କମିଟି, ଧନୁଯାତ୍ରା କମିଟି, ଗୋପବନ୍ଧୁ ଯୁବକ ସଙ୍ଘ, ରାମଲୀଳା ପ୍ରଚାର ପ୍ରସାର ସମିତି, ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି ବ୍ଲକ ଆକାଉଣ୍ଟ ଅଫିସର ଘେନୁରାମ ତାଣ୍ଡି, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଚକ୍ରଧର ସାହୁ, ନାରାୟଣ ସାହୁ, ଯୁଧିଷ୍ଠିର ବଘାର, ଜିତେନ୍ଦ୍ରିୟ ଭୋଇ, ସଂଜୟ ବାଗ, ରାଧେ ବଘାର ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ହୃଦାନନ୍ଦ ପୁହାଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ପୂଜାରାଣୀ ରଥ ଓ ଶାନ୍ତରାମ ପଧାନ ଓ ପରିଚାଳନା କରିଥଲେ। ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ମହାନନ୍ଦ ରାଜନୀତି ବିଜ୍ଞାନର ଜଣେ ବରିଷ୍ଠ ଅଧ୍ୟାପକ। ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ କେମ୍ବ୍ରିଜ ଡିଜିଟାଲ ୟୁନିଭର୍ସିଟିରୁ ସେ ଡକ୍ଟରେଟ ଉପାଧି ଲାଭ କରିଛନ୍ତି।

■ ହାଇୱା ଧକ୍କାରେ ନାବାଳକ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଲାଞ୍ଜିଗଡ଼, ୧୦।୯(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ବିଲାଟିପଦର ଛକ ନିକଟରେ ଏକ ହାଇୱା ଧକ୍କାରେ ମଙ୍ଗଳବାର ଅପରାହ୍ନରେ ବୁଟି ମାଝୀ(୧୨)ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ଲୋକେ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୯ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା ସୂଚନା ଅନୁସାରେ, ରାୟଗଡ଼ା ଜିଲ୍ଲା

## ୯ ଘଣ୍ଟା ପରେ ସ୍ୱାଭାବିକ ହେଲା ଯାତାୟତ

ଅମ୍ବାଦଳା ଥାନା ଡିମିରିଗୁଡା ପଞ୍ଚାୟତ ନାଣିମୁଟି ଗାଁର ସ୍ୱର୍ଗତ ସଦେଙ୍ଗା ମାଝୀଙ୍କ ପୁଅ ବୁଟି ତାଙ୍କ ସମ୍ପର୍କୀୟ ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ବିଲାଇଟିପଦର ଗାଁର ନବୀନ ସାହୁଙ୍କ ଘରକୁ ଆସିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୧.୩୦ମି.ରେ ସାଇକଲ ନେଇ ବିଲାଇଟିପଦର ଛକ ଆଡ଼େ ବାହାରିଥିଲା। ଏହି ସମୟରେ ବିଶ୍ୱନାଥପୁରରୁ ଲାଞ୍ଜିଗଡ଼ ଯାଉଥିବା ହାଇୱା ନଂ-ଓଡି୦୮ୱାଇ-୫୪୧୮ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୁଟିର ମୃତ୍ୟୁ ଘଟିଥିଲା। ଚାଳକ ଗାଡି ଛାଡି ଫେରାର ହୋଇ ଯାଇଥିଲା। ଏହା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଲାଞ୍ଜିଗଡ଼ ଥାନା ଅଧିକାରୀ ଯଶୋବନ୍ତ ହିଆଲ ସମେତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ମଧ୍ୟ ଘଟଣାସ୍ଥଳରେ ରହି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ବୁଟିଙ୍କ ମା’ଙ୍କୁ ଖବର ଦେଇଥିଲେ। ଖବର ପାଇ ମା’ ମାଧୁରୀ ମାଝୀ ଓ କକା ରାମ ମାଝୀ, ନାଣିମୁଟି ଗାଁର କିଛି ଲୋକଙ୍କ ସହିତ ସନ୍ଧ୍ୟା ୫.୩୦ମି.ରେ ପହଞ୍ଚିଥିଲେ। ଏହାପରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ଚମ୍ପାଦେଇ ପୁର



ସରପଞ୍ଚ ନରେନ୍ଦ୍ର ମାଝୀ, ମୃତକ ମା’ ମାଧୁରୀ ମାଝୀ, କକା ରାମ ମାଝୀ, ନାଣିମୁଟି ଗାଁର କିଛି ଲୋକଙ୍କ ସହିତ ଲାଞ୍ଜିଗଡ଼ ଥାନାକୁ ଆସି ଥାନା ଅଧିକାରୀ ଯଶୋବନ୍ତ ହିଆଲ ଓ ହାଇୱା ମାଲିକ ସହିତ ଆଲୋଚନା ହୋଇଥିଲା। କ୍ଷତିପୂରଣ ବାବଦକୁ ଗାଡି ମାଲିକ ରାଜି ହେବା ପରେ ପ୍ରାୟ ଦିର୍ଘ ୯ ଘଣ୍ଟା ପରେ ରାସ୍ତାରୁ ବାଳକଙ୍କ ମୃତଦେହ ଉଠା ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ରେଡ଼ କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯାଇଛି ବୋଲି ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ପ୍ରକାଶ କରିଛନ୍ତି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି।

# ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ନିଖୋଜ

**ଲାଞ୍ଜିଗଡ଼, ୧୦।୯(ସମିସ):** ଲାଞ୍ଜିଗଡ଼ ବ୍ଲକରେ ଦିନକୁ ଦିନ ଦାଦନ ଶ୍ରମିକ ଦୁଃଖ ଅଞ୍ଚଳରେ ବଢ଼ିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ଛତ୍ରପୁର ପଞ୍ଚାୟତ ଲେପଟାଗୁଡା ଗ୍ରାମର ଦେବରାଜ ମାଝୀ(୨୮) ଦାଦନ ଖଟିବାକୁ ଟ୍ରେନରେ ଯାଉଥିବା ବେଳେ ଅଧା ରାସ୍ତାରେ ନିଖୋଜ ହୋଇଯାଇଛନ୍ତି। ଖବର ପାଇବା ପରେ ଆଜି ଭାଇ ସତ୍ୟ ମାଝୀ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ଲେପଟାଗୁଡା ଗ୍ରାମର ଦେବରାଜ ମାଝୀ ଗତ ୬ ତାରିଖ ଶନିବାର ଅପରାହ୍ନ



୨ ଟା ସମୟରେ ସେହିଗ୍ରାମର ପୁଲୁ ମାଝୀ ସହିତ କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ମୁନିଗୁଡା ଟ୍ରେନ ଷ୍ଟେସନରେ ବସିଥିଲେ। ଟ୍ରେନଟି ଭିଡ ରହିଥିବା ବେଳେ ଦୂର ବାଟ ଯିବାକୁ ଥିବାରୁ ନିଜ ନିଜ ସିଟରେ ସୋଇ ପଡ଼ିଥିଲେ। ତେବେ ଅଧା ବାଟ ଯିବା ପରେ ବିଜୟବାଡ଼ା ଷ୍ଟେସନ ନିକଟରେ ପୁଲୁ ନିଦରୁ ଉଠି ଦେଖିଲା ବେଳକୁ ଦେବରାଜ ନିଜ ସିଟରେ ନାହାଁନ୍ତି। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେ ଦେବରାଜଙ୍କୁ ପାଇନଥିଲା। ଏହା ପରେ ପୁଲୁ ୭ ତାରିଖରେ ଦେବରାଜଙ୍କ ପରିବାର ଲୋକଙ୍କୁ ଜଣାଇବା ପାଇଁ ଫୋନ କରିଥିଲା। କିନ୍ତୁ ଗାଁରେ ମୋବାଇଲ ନେଟୱର୍କ ନଥିବା ଯୋଗୁଁ ୧୦ ତାରିଖରେ ଭାଇ ନିଖୋଜ ହୋଇ ଯାଇଥିବା ଖବର ପାଇ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛି ବୋଲି ନିଖୋଜ ଦେବାରାଜଙ୍କ ଭାଇ ସତ୍ୟ ମାଝୀ ପ୍ରକାଶ କରିଛନ୍ତି। ଏନେଇ ଲାଞ୍ଜିଗଡ଼ ଥାନାରେ ନିଖୋଜ ମାମଲା ରୁଜୁ କରିଥିବା ବେଳେ ଏହାର ତଦନ୍ତ କରିବୁ ବୋଲି ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲ ସୂଚନା ଦେଇଛନ୍ତି।

ପିଡ଼ବ୍ଲ୍ୟୁଡି ବିଭାଗ କହୁଛି ମରାମତି କରିବ ଏନ୍ଏସି

# ଆମ୍ବେଦକର ଛକ-ନର୍ଲା ରାସ୍ତା ଶୋଚନୀୟ

**କେସିଙ୍ଗା, ୧୦।୯(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଆମ୍ବେଦକର ଛକରୁ ରୁପ୍ରାରୁ ନର୍ଲା ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ଆରମ୍ଭରୁ ପ୍ରାୟ ଏକ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଛକ ଠାରୁ ମାତ୍ର ଏକ କିମି ରାସ୍ତାର ଅବସ୍ଥା ନ କହିଲେ ଭଲ ଗ୍ରାମାଞ୍ଚଳ ରାସ୍ତା ଠାରୁ ମଧ୍ୟ ବଳି ଯାଇଛି ଉକ୍ତ ରାସ୍ତା। ସ୍ଥାନେ ସ୍ଥାନେ ବଡ଼ ବଡ଼ ଗାତ ସୃଷ୍ଟି ହୋଇ ରାସ୍ତାରୁ ଗୋଟି ବାହାରି ଗଲାଣି। ଆଗରୁ ରାସ୍ତା ତିଆରିରେ ଲାଗିଥିବା ଲୁହା ଛଡ଼ ଉପର ମୁହାଁ ହୋଇ ଦୁର୍ଘଟଣାକୁ ନିମନ୍ତ୍ରଣ ଦେଉଛି। ଉକ୍ତ ରାସ୍ତା ଟଆଗକୁ କେସିଙ୍ଗା ମହାବିଦ୍ୟାଳୟ, କୋର୍ଟ, ତହସିଲ ଅଫିସ, ଅବକାରୀ କାର୍ଯ୍ୟାଳୟ, ଆର ଡି ଅଫିସ, କେସିଙ୍ଗା ମିନି ଷ୍ଟାଡିୟମ ଓ ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଛି। ତେଣୁ ସଦାବେଳେ ଛୋଟ



ବଡ଼ ଗାଡ଼ିମଟର ଯିବା ଆସିବା କରୁଛି। ଉକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ସବୁଦିନ ଉକ୍ତ ରାସ୍ତାରେ ଯିବା ଆସିବା କରୁଥିଲେ ମଧ୍ୟ କାହାର ନଜର ଉକ୍ତ ରାସ୍ତା ଉପରେ ପଡୁନାହି। ଉକ୍ତ ରାସ୍ତା ଟିପିଡବ୍ଲୁଡି ଅଣ୍ତରରେ ଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ମରାମତି କାମ କେସିଙ୍ଗା ଏନ୍ ଏସି କରିବ ବୋଲି କହିଛନ୍ତି। ଯଦି ମରାମତି କାମ କେସିଙ୍ଗା ଏନ୍ଏସିର ତାହାହେଲେ ଏନ୍ଏସି ରାସ୍ତା ଏତେ ଖରାପ ହେବା ପରେ ମଧ୍ୟ ବିଭାଗ ମରାମତି କାହିଁକି କରୁନି। ରାସ୍ତା ଉପରେ କେସିଙ୍ଗା ଏନ୍ଏସିର ଯନ୍ତ୍ରୀ ନାରାୟଣ ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ ଯେ ଆମେ ସେହି ରାସ୍ତାକୁ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରିବା ପାଇଁ ଅନେକ ଦିନ ଆଗରୁ ଚିଠି କରିଛୁ ହେଲେ ଉକ୍ତ ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ଉତ୍ତର ଦେଇ ନାହିଁ। ଉକ୍ତ ରାସ୍ତାରେ ବିନା ଅନୁମତିରେ ବଡ଼ବଡ଼ ଭାରୀଯାନଯିବା ଆସିବା କରୁଛି ଫଳରେ ରାସ୍ତା ଲୋଡ ସମ୍ଭାଳିନପାରି ବଡ଼ ବଡ଼ ଖାଲ ହୋଇ ଯାଉଛି ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ବିଗତ ଦିନରେ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଠାରୁ ଟିଟଲାଗଡ଼ ଯିବାର ରାସ୍ତା ଆରମ୍ଭରୁ ସେମିତି ପ୍ରାୟ ୫ ଶହରୁ ସାତ ଶହ ମିଟର ରାସ୍ତା ବହୁତ ଖରାପ ଅବସ୍ଥାରେ ଥିଲା ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର କଲାପରେ ରାସ୍ତା ନିର୍ମାଣ ହୋଇ ବର୍ତ୍ତମାନ ରାସ୍ତା ଚକା ଚକ ହୋଇଛି। ବିଭିନ୍ନ ଖବର କାଗଜରେ ଆଗରୁ ଅନେକ ଖବର ପ୍ରସାରଣ କରି ପ୍ରଶାସନକୁ ଜଣାଇଥିଲେ ମଧ୍ୟ ନା ଜିଲ୍ଲା ପ୍ରଶାସନ ପକ୍ଷରୁ ମରାମତି କରାଯାଉଛି ନା ସ୍ଥାନୀୟ ପ୍ରଶାସନ ପକ୍ଷରୁ ମରାମତି କରାଯାଉଛି। ଜିଲ୍ଲାପାଳଙ୍କ ସୁଦୃଷ୍ଟି କେବେ ଉକ୍ତ ରାସ୍ତା ଉପରେ ପଡ଼ିବ ଲୋକ ଅନାଇ ବସିଛନ୍ତି।

# ଆଦର୍ଶ ଶିକ୍ଷକ ପୁରସ୍କୃତ

**ସିନାପାଲି, ୧୦।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଡାଲ ରେ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜ୍ଞାନରଞ୍ଜନ ସୁନାନୀ ସିନାପାଲି ବ୍ଲକରୁ ଜଣେ ଆଦର୍ଶ ଶିକ୍ଷକ ରୂପେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି। ଗୁରୁ ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ପାଳିତ



ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏଡିଓ ସୁଧାଂଶୁ ଶେଖର ମିଶ୍ର, ଡ଼ଃ. ରେଶମଲାଲ ନାଏକ, ବିଇଓ ଗୀତାରାଣୀ ଯୋଶୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଦକ୍ଷ ନରୋତ୍ତମ ଭୋଇ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗ ଦେଇ ଥିଲେ ଏବଂ ପୁରସ୍କାର ପ୍ରଦାନ କରି ଥିଲେ। ପୁରାସ୍କାରପ୍ରାପ୍ତ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଥିବା ବେଳେ ଗୋଡାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁଭେଚ୍ଛା ସହ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ଅଭିନନ୍ଦନ ଜଣାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ହୋଣ୍ଡା ମୋଟରର ୧୨୫ହର୍ନେଟ ଓ ୧୦୦ସିସି ଡିଏକ୍ସ ବାଇକ୍ ବଜାରରେ

**ଭବାନୀପାଟଣା, ୧୦।୯ (ସମିସ):** ହୋଣ୍ଡା ମୋଟରସାଇକେଲ ଏଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ.) କଳାହାଣ୍ଡି ଜିଲ୍ଲାରେ ଅଲ୍‌ନ୍ୟୁ ସିବି ୧୨୫ହର୍ନେଟ ଏବଂ ୧୦୦ସିସି ଡିଏକ୍ସ ବାଇକ୍ ବିକ୍ରୟ ଆରମ୍ଭ କରିଛି। ଭବାନୀପାଟଣାସ୍ଥିତ ମହେଶ ହୋଣ୍ଡା ପକ୍ଷରୁ ଗତ ୯ ତାରିଖ ଦିନ ବିକ୍ରୟର ଶୁଭାରମ୍ଭ କରାଯାଇଛି। ମହେଶ ହୋଣ୍ଡାର ମାଲିକ ମନୋଜ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭବାନୀପାଟଣା ସହରର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୧୨୫ ହର୍ନେଟ ନୂତନ ବିକ୍ରୟ ବାଇକ୍‌କୁ ବୟୋଜ୍ୟେଷ୍ଠ ବ୍ୟବସାୟୀ ଜଗମୋହନ ଅଗ୍ରୱାଲ ଉଦ୍‌ଘାଟିତ କରିଥିବା ବେଳେ ମହେଶ ହୋଣ୍ଡା ପରିବାରର ସଦସ୍ୟ ମହେଶ ଅଗ୍ରୱାଲ, ଓମ୍‌ପ୍ରକାଶ, ସୁନିଲ, ହରେଶ, ଯଶୋବନ୍ତ ଓ ଚୈତନ୍ୟ ଅଗ୍ରୱାଲ ଉପସ୍ଥିତଥିଲେ। ସେହିଭଳି ୧୦୦ ସିସି ଡିଏକ୍ସ ନୂତନ ବାଇକ୍‌କୁ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଶାନ୍ତନୁ କୁମାର ବେହେରା, ଦାୟିତ୍ୱରେ ଥିବା ଜିଲ୍ଲା ଚିକିତ୍ସା ଅଧିକାରୀ ନିହାରେନ୍ଦ୍ର କୁମାର ପଣ୍ଡା ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ନୂତନ ଦୁଇଟି ବାଇକ୍ ଆଗାମି ପିଢିର ଚାଳକମାନଙ୍କୁ ଲକ୍ଷକରି କମ୍ପାନୀ ନିର୍ମାଣ କରିଛି। ଗ୍ରାହକମାନଙ୍କର ପରବର୍ତ୍ତୀ ଆବଶ୍ୟକତା ପୂରଣ କରିବା ସକାଶେ ସାଇନ୍ ୧୦୦



ଡିଏକ୍ସରେ ଏକ ଡିଜିଟାଲ ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍ ଖଞ୍ଜା ଯାଇଛି। ଯାହା ମାଇଲେଜ, ଇନ୍ଧନ ଶେଷ ହେବାକୁ ଥିବା ଦୁରତା ଏବଂ ସର୍ଭିସ୍ ଅବଧି ସମ୍ପର୍କରେ ସୂଚନା ପ୍ରଦାନ କରିବ। ହୋଣ୍ଡା ସୋରୁମ୍‌ର ମାଲିକ ଶ୍ରୀ ଅଗ୍ରୱାଲ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦଳିତ ଆଦିବାସୀ ନିର୍ଯାତନା ଆଇନର ସଂଶୋଧନ ଆଦେଶ ପ୍ରତ୍ୟାହାର ଦାବି

**ଧର୍ମଗଡ଼, ୧୦।୯ (ସମିସ):** ବିଗତ ଦିନମାନଙ୍କରେ ଦଳିତ ଓ ଆଦିବାସୀଙ୍କ ଉପରେ ଉଚ୍ଚବର୍ଗର ନିର୍ଯାତନା ହେତୁ ୧୯୮୯ ମସିହାରେ ପାର୍ଲିଆମେଣ୍ଟରେ ନିର୍ଯାତନା ବିରୋଧୀ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ଅନୁସାରେ ଅଭିଯୋଗର ତଦନ୍ତ, ଚାର୍ଜସିଟ ପ୍ରଦାନ ଓ ଅଭିଯୁକ୍ତକୁ ଗିରଫ ଦାୟିତ୍ୱ ଡ଼ିଏସପି କିମ୍ବା ତଦୁର୍ଦ୍ଧ ଅଫିସର କରିବେ। କିନ୍ତୁ ଗତ ୩୦ ତାରିଖ ଦିନ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତରଫରୁ ଏହି ଦାୟିତ୍ୱ ଡ଼ିଏସପି ବଦଳରେ ଇନ୍‌ସପେକ୍ଟର କିମ୍ବା ସବଇନ୍‌ସପେକ୍ଟର ନିର୍ବାହ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଭଳି ହେଲେ ନିଶ୍ଚିତ ଭାବେ ଆଗାମୀ ଦିନରେ ତଦନ୍ତ ବ୍ୟବସ୍ଥା ଢିଲା ହେବା ସହିତ ଅଭିଯୁକ୍ତ ମାନେ ବହୁମାତ୍ରାରେ ନିର୍ଦ୍ଦୋଷରେ ଖଲାସ ହୋଇଯିବାର ସମ୍ଭାବନା ରହିଛି ବୋଲି, ଆଜି କଳାହାଣ୍ଡି ଦଳିତ-ଆଦିବାସୀ ସମାଜ ତରଫରୁ ଅଭିଯୋଗ କରି ଏହି ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଏକ କେନ୍ଦ୍ରୀୟ ଆଇନ କେବଳ ପାର୍ଲିଆମେଣ୍ଟ ହିଁ ଏହା ଉପରେ




ସଂଶୋଧନ କରି ପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାରେ ଏହି ନିଷ୍ପତ୍ତି ରାଜ୍ୟ କ୍ୟାବିନେଟ କିମ୍ବା ବିଧାନସଭାରେ ଗୃହୀତ ହୋଇନାହିଁ। ଗୋଟିଏ ଅଫିସିଆଲ ଅର୍ଡରରେ ଏଭଳି ଆଇନକୁ ପରିବର୍ତ୍ତନ କରିବା ଅସାମ୍ବିଧାନିକ ଓ ବେଆଇନ କାର୍ଯ୍ୟ ଅଟେ। ଓଡ଼ିଶାରେ ଦଳିତ ଆଦିବାସୀଙ୍କ ସଂଖ୍ୟା ୪୦ପ୍ରତିଶତରୁ ଅଧିକ। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ଓ ସବୁପ୍ରକାର ସାହାଯ୍ୟ କରିବା ପ୍ରତ୍ୟେକ ସରକାରର ନୈତିକ ଦାୟିତ୍ୱ ହେଲେ ସରକାରଙ୍କ ଏଭଳି ଦଳିତ ଆଦିବାସୀ ସ୍ୱାର୍ଥ ବିରୋଧୀ ପଦକ୍ଷେପ ସମସ୍ତଙ୍କୁ ମର୍ମାହତ କରୁଛି। ଏହି ଆଇନକୁ କଡାକଡି ଭାବରେ ଲାଗୁ କରିବା ପାଇଁ ଡ଼ିଏସପି ସଂଖ୍ୟା ବୃଦ୍ଧି କରିବା, ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା, ଏଭଳି ମାମଲା ପରିଚାଳନା ପାଇଁ ସରକାରୀ ଓକିଲ ନିଯୁକ୍ତିରେ ଏହି ଦୁଇବର୍ଗରୁ ନିଯୁକ୍ତି ଦେବାକୁ ମଧ୍ୟ ସଂଘ ତରଫରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଧର୍ମଗଡ଼ରେ ସହକାରୀ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତୀରକ୍କୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆଇନଜୀବୀ ଦିଗାମ୍ବର ଦୁରିଆ, ପ୍ରେମଲାଲ ସାଗର, ଶିଶୁପାଳ ଦୁରିଆ, ବିନୋଦ ନାଏକ, ପଞ୍ଚାନନ ଜାଲ, ପ୍ରତାପ ସୁନାନୀ, ଜୟଦ୍ରଥ ମହାନନ୍ଦ, ଆଦିବାସୀ ନେତା ଗୋବର୍ଦ୍ଧନ ଶବର, ଦୟାନିଧି ମାଝୀ, ଶ୍ୟାମସୁନ୍ଦର ମାଝୀ, ଗୁଣ ଶବର, ଅବସରପ୍ରାପ୍ତ କର୍ମଚାରୀ, ଫୁଲେଶ୍ୱର ସେନାପତି, ଚକ୍ରଧର ବେଣୁପାଣି, କବିରାଜ ଦୁର୍ଗା, ଧରଣୀ ଧଙ୍ଗଡ଼ାମାଝୀ, ସଞ୍ଜୟ ଖମାରୀ, ଅଚ୍ୟୁତ ବାଗ, ତୋଫାନ ବାଗ, ମୁରଲୀ ସତନାମୀ, ଦେବାନନ୍ଦ ସୁନାନୀ ଆଦି ଅନେକ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡ଼ା, ୧୦।୯(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ମା’ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ସହବନ୍ଧିତ ନେସନାଲ କଲେଜ ନୂଆପଡ଼ା ଜାତୀୟ ସେବା ସଂସ୍ଥା ଦ୍ୱାରା ଚାଲିଥିବା ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ




ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ସଂଯୋଜକ ଡ଼. ଚିତ୍ତରଞ୍ଜନ ଖୁଣ୍ଟିଆ, ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରଣତୀ ପଣ୍ଡା, ନେସନାଲ କଲେଜର ପୂର୍ବତନ ଅଧକ୍ଷ ଡ.ରାମଚନ୍ଦ୍ର ମିଶ୍ର, ଜିଲ୍ଲା ଆଞ୍ଚଳିକ ଅଧିକାରୀ ଶର୍ମିଳା ମହାରଣା, ଅଧାପକ ବିଧାନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧକ୍ଷ ହିତେଶ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅଧାପକ କପିଳଦେବ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ହେମଲ ସା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୧୨ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦାନ କରିଥିଲେ। ୧୦ଟି ବିଭିନ୍ନ ବିଷୟ ବସ୍ତୁକୁ ନେଇ ୧୦ଟି ଅଧିବେଶନ ହୋଇଥିଲା। ବକ୍ତୃତା, ରଚନା, କୁଇଜ୍, ସଙ୍ଗୀତ, ନୃତ୍ୟ ୨ ପ୍ରକାରର ଓ ରଙ୍ଗୋଲୀ ଏହିଭଳି ୬ ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଦ୍ୱିତିୟ ଦିନରେ ମା’ ମାଣିକେଶ୍ୱରୀ କୁଳପତି ମୁଖ୍ୟ ଅତିଥି ଓ ଆଲୁମିନି ସଭାପତି ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶେଷ ଦିନରେ ସ୍ୱେଚ୍ଛାସବୀମାନେ ଓ ହେମାଲ ସା, ଡ.କିଶୋର କୁମାର କର୍ଣ୍ଣ, ନଳିନୀକାନ୍ତି ସା, ଦୁଧେଶ୍ୱର ସାହୁ, ସମୀର ବାରିକ ଓ ପୁଷ୍ପାଞ୍ଜଳି ପ୍ରଧାନୀ ପଟୋରା ଯାଇ ମନ୍ଦିର ପାର୍ଶ୍ୱ ସଫେଇ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ହେମାଲ ସା ତ୍ରିଦିବସୀୟ ରାଷ୍ଟ୍ରୀୟ ସେବା ଯୋଜନା ଅନ୍ତର୍ଗତ ଯୁବାବର୍ଗର ନେତୃତ୍ୱ ଶିବିର ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଭୋଇ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡ଼ିଆର ବ୍ୟବହାର ଓ ଦୁରୁପ ଯୋଗ ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରକୃତିପ୍ରେମୀ ମନୋଜ ଡାଗା ପ୍ଲାଷ୍ଟିକ ବର୍ଜନ ଉପରେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼. ଗୁଣନିଧୀ ନାୟକ, ସମସ୍ତ ଅତିଥିଙ୍କୁ ବିଭିନ୍ନ କଲେଜରୁ ଆସିଥିବା ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରି ଉତ୍ସାହ ବଢ଼ାଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ପ୍ରକାଶ କୁମାର ସାହୁ ସମେତ ଅଧ୍ୟାପକ, ଅଧ୍ୟାପିକ ଓ ଅଣ ଶିକ୍ଷକ ମାନେ ସହଯୋଗ କରିଥିଲେ। ଶେଷରେ ବିଧାନ ଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଡୋକରୀ ଚଞ୍ଚରାକୁ ନେଇ ବିବାଦ ଘଟଣା

# ଦୁଇ କମିଟି ସହ ପ୍ରଶାସନର ସ୍ୱତନ୍ତ୍ର ବୈଠକ

**କୋକସରା, ୧୦।୯(ସମିସ)**

ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଖଲିଗଡ଼ ପାଦଦେଶରେ ରହିଥିବା କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳି ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାର ପରିଚାଳନାକୁ ନେଇ ଗତ ରାମନବମୀ ମହୋତ୍ସବ ପୂର୍ବରୁ ଅନେକ ବାଦ୍ ବିବାଦ ଦେଖାଦେଇଥିଲା। ଏମିତି କି ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ପ୍ରଥମେ ଥାନା ଏବଂ ପରେ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚି ସାରିଛି। ପୂର୍ବରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଡୋକରୀ ଚଞ୍ଚରା ପର୍ଯ୍ୟଟନସ୍ଥଳୀକୁ ପରିଚାଳନା କରିବା ସହ ବିଭିନ୍ନ ଯାନିଯାତ୍ରା କରି ଆସୁଥିବାବେଳେ ବିବାଦ ଦେଖାଦେବା ପରେ ପ୍ରଶାସନ ପକ୍ଷରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି)କୁ ଗତ ରାମନବମୀ ଓ ଗୁଡହାଣ୍ଡି




ମହୋତ୍ସବ ସମୟରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କମିଟି ମଧ୍ୟ ସୁଚାରୁରୂପେ ମହୋତ୍ସବକୁ ସମ୍ପନ୍ନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ଏହା ପରେ ମଧ୍ୟ ଉଭୟ କମିଟିର ବାଦ୍ ବିବାଦ ଲାଗି ରହିଛି। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ବୁଧବାର କୋକସରା ବ୍ଲକ ସଭାଗୃହଠାରେ ପ୍ରଶାସନ ସହିତ ଦୁଇ କମିଟି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଭାବରେ ଆଲୋଚନା ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଏଡିଏମ୍ ତନ୍ମୟ ଦରୱାନ ବୈଠକର ଅଧ୍ୟକ୍ଷତା କରିଥିବାବେଳେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ବନାଞ୍ଚଳ ଅଧିକାରୀ ଭବାନୀଶଙ୍କର କାଉଁର, ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲାହାର ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଉଭୟ କମିଟିର ସଦସ୍ୟଙ୍କୁ ପ୍ରଶାସନ ପକ୍ଷରୁ ନିଜ ନିଜ ମତାମତ ଲୋଡ଼ିଥିଲେ। କୌଣସି ଦଳ ଏକ ଚାକିଆ କରି ପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିବା ଏଡିଏମ୍ କହିଥିଲେ। ଉଭୟ କମିଟି ପକ୍ଷରୁ ମତାମତ ରଖିବା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ତେବେ ପରବର୍ତ୍ତୀ ସମୟରେ ଦୁଇ କମିଟି ପକ୍ଷରୁ ନିଜ ନିଜ ମଧ୍ୟରେ ଏକ ଆଲୋଚନା କରିବା ପରେ ଆଗକୁ ପ୍ରଶାସନ ସହିତ ପୁନଃ ବୈଠକ କରି ଏକ ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିବା ଏଡିଏମ୍ ଶ୍ରୀଦରୱାନ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଛନ୍ତି। ତେବେ ବୈଠକରେ ଉଭୟ କମିଟିର ଶତାଧିକ ଲୋକେ ସାମିଲ ହୋଇଥିବା ବେଳେ ଶୃଙ୍ଖଳିତ ଭାବେ ବୈଠକ ସରିଥିଲା।


# ଯୋରାଡବରା ମଣ୍ଡଳ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**କର୍ଲାମୁଣ୍ଡା, ୧୦।୯(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜାପଞ୍ଚାୟତସ୍ଥିତ ଟକାରୁମାଲ ଗିରି ଗୋବର୍ଦ୍ଧନ ପଡ଼ିଆରେ ଯୋରାଡବରା ମଣ୍ଡଳ ଜିଲ୍ଲାପ୍ରତିନିଧି ଶିଶିର ସାହୁଙ୍କ ସଭାପତିତ୍ୱରେ ବିଜେପିର ସାଙ୍ଗଠନିକ



ଓ ନୂଆଖାଇ ଭେଟଘାଟ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓବିସି ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ହିରୋମହଲା ମୁଖ୍ୟଅତିଥି, କଳାହାଣ୍ଡି ଜିଲ୍ଲା ବିଜେପି ଉପସଭାପତି ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ବକ୍ତା, ଏସସି ମୋର୍ଚ୍ଚା ଜିଲ୍ଲା ସଭାପତି ଗଣେଶ କୁମାର, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଦୟାନିଧି ସାହୁ, ଯୋରାଡବରା ମଣ୍ଡଳ ପୂର୍ବତନ ସଭାପତି ବଲ୍ଲଭ ସାହୁ, ଦଶରଥ ସାହୁ, ପୂର୍ବତନ ବ୍ଲକ ସଭାପତି ବିଘ୍ନରାଜ ସାହୁ, ସାଂସଦ ପ୍ରତିନିଧି ଡମ ବୁଢ଼ା ସାହୁ, ବନମାଳୀ ସାହୁ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ପୁଷ୍ପାଞ୍ଜଳି ସାହୁ, ଏସି ମୋର୍ଚ୍ଚା ସଭାପତି ପ୍ରେମାନନ୍ଦ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳର ସାଙ୍ଗଠନକୁ ଆହୁରି ମଜବୁତ କରିବା ଉପରେ ଆଲୋକପାତ କରିଥିଲେ। ସଙ୍ଗଠନକୁ ବଢ଼ାଇବା ଦିଗରେ ପ୍ରତି ମାସରେ ବୈଠକ କରି ଗାଁ ଗାଁ ବୁଲି ସଙ୍ଗଠନକୁ ମଜବୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସାଧାରଣ ସମ୍ପାଦକ ଗୋପିନାଥ ସାହୁ, କୈବଲ୍ୟ ସାହୁ, ଲିଙ୍ଗରାଜ ସାହୁ, ଶରତ ସାହୁ, ବିଘ୍ନରାଜ ସାହୁ, ଖିଲାଧରସାହୁ, ଆନନ୍ଦ ସାହୁ, ମିତ୍ର ରଣା, ଲକ୍ଷ୍ମୀ ସାହୁ, ମଣ୍ଟୁ ସାହୁ, ଡିଙ୍ଗର ସାହୁ ସମେତ ଶତାଧିକ କର୍ମି ଉପସ୍ଥିତ ଥିଲେ। ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ନବୀନ କିଶୋର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ସାଧାରଣ ସମ୍ପାଦକ କୈବଲ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।
-ଡ. ଏ ପି ଜେ ଅବଦୁଲ୍ କାଲାମ୍

THE SAKALA

## ବିଡ଼ମ୍ବିତ ନେତୃତ୍ୱ

ପୁରୁଷଙ୍କ ସହ ମହିଳାଙ୍କୁ ସମାନ ଅଧିକାର ପ୍ରସଙ୍ଗ ଆଜିର ନୁହେଁ। ବ୍ୟବସ୍ଥାପିକାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ସକାଶେ ସଂରକ୍ଷଣ ସୁବିଧା ପ୍ରଦାନ ବିଲ ସଂସଦରେ ଅନୁମୋଦନ ଲାଭ କରିଥିଲେ ମଧ୍ୟ ତାହା ଏବେ ମଧ୍ୟ ଆଇନଗତ ସ୍ୱୀକୃତି ଅପେକ୍ଷାରେ। ଯେତେଦୂର ସମ୍ଭବ ଆଗାମୀ ଜନଗଣନା ପରେ ସରକାର ଏହି ସଂରକ୍ଷଣ ସୁବିଧା କାର୍ଯ୍ୟକାରୀ କରିବେ। ତେବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରପାଳିକାରେ ମହିଳାମାନେ ଏହି ସୁବିଧା ପାଇଛନ୍ତି। ବିଜୁବାବୁଙ୍କ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ପଞ୍ଚାୟତ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ଆଇନଗତ ସ୍ୱୀକୃତି ଦେଇଥିଲା।

ଆମ ଦେଶରେ ରାଜନୈତିକ ସ୍ତରରେ ପୁରୁଷଙ୍କ ସମକକ୍ଷ ହେବା ଭଳି ମହିଳାଙ୍କ ଦକ୍ଷତା ଓ ଯୋଗ୍ୟତା କିଛି କମ ନୁହେଁ। କିନ୍ତୁ ସେମାନଙ୍କ ପ୍ରାର୍ଥିତ୍ୱ ମନୋନୟନରେ ପୁରୁଷପ୍ରଧାନ ଦଳୀୟ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଅଯୋଗ୍ୟ ପୁରୁଷ ପ୍ରାର୍ଥୀ କ୍ଷମତାକୁ ଆସୁଛନ୍ତି। ଅଥଚ ଯୋଗ୍ୟ ମହିଳା ପ୍ରାର୍ଥୀ ମୁଖ୍ୟସ୍ରୋତରୁ ବଞ୍ଚିତ ହେଉଛନ୍ତି। ତେବେ ଯେଉଁ କେତେକ କ୍ଷେତ୍ରରେ ନିର୍ବାଚିତ ମହିଳାମାନେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସେଠାରେ ମଧ୍ୟ ପୁରୁଷ ପ୍ରାଧାନ୍ୟ ମାନସିକତାର ଛାପ ରହୁଛି। ବିଶେଷକରି ପଞ୍ଚାୟତ ଓ ପୌରପାଳିକା ସ୍ତରରେ କ୍ଷମତା ଓ ଦାୟିତ୍ୱ ପରିଚାଳନାରେ ମହିଳା ଜନପ୍ରତିନିଧିଙ୍କ ସ୍ୱାମୀଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପ ଓ ପ୍ରତ୍ୟକ୍ଷ ସହଯୋଗ ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ମହାନଗର ନିଗମ ସ୍ତରରେ ମଧ୍ୟ ମହିଳା କର୍ପୋରେଟରଙ୍କ ସ୍ୱାମୀମାନେ ସରକାରୀ ସ୍ତରରେ କର୍ପୋରେଟରଙ୍କ ସ୍ୱୀକୃତ ପ୍ରତିନିଧି ରୂପେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସତେଯେପରି ସବୁସ୍ତରରେ ଏହା ଗ୍ରହଣଯୋଗ୍ୟ ହୋଇଯାଇଛି। କିନ୍ତୁ ରାଜନୀତିରେ ଉଚ୍ଚତର ସୋପାନରେ ସାଧାରଣତଃ ମହିଳା ପଦାଧିକାରୀ ସ୍ୱୟଂସଂପୂର୍ଣ୍ଣ ଓ ସୁଦକ୍ଷ। ପ୍ରତିଦ୍ୱନ୍ଦ୍ୱୀ ପୁରୁଷଙ୍କଠାରୁ ମଧ୍ୟ ଅତି ନିପୁଣତାର ସହ ଦାୟିତ୍ୱ ତୁଲାଇ ସମସ୍ତଙ୍କ ପ୍ରଶଂସାଭାଜନ ହୋଇପାରିଥିବାର ସ୍ୱର୍ଣ୍ଣିମ ଇତିହାସ ଆମ ଦେଶରେ ରହିଛି। ଅଥଚ ନିକଟରେ ଏହାର ଏକ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ପ୍ରେକ୍ଷାପଟ୍ଟରେ ଆମେ ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ। ଗତ ଶନିବାର ଦିନ ଶାଲିମାରବାଗ୍ ସ୍ଥିତ ଜନସେବା ସଦନରେ ଅନୁଷ୍ଠିତ ସରକାରୀ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟବସାୟୀ ସ୍ୱାମୀ ମନୀଷ ଗୁପ୍ତାଙ୍କ ଯୋଗଦାନ ଓ ସରକାରୀ ପଦାଧିକାରୀଙ୍କ ସହ ତାଙ୍କର ମତବିନିମୟ ପ୍ରତିପକ୍ଷକୁ ଆଲୋଚନାର ଖୋରାକ୍ ଯୋଗାଇଛି। ପଞ୍ଚାୟତ ସ୍ତରରେ ପରିଲକ୍ଷିତ ଦୃଶ୍ୟପଟ୍ଟ ରାଜ୍ୟ ନେତୃତ୍ୱ କ୍ଷେତ୍ରରେ ପୁନରାବୃତ୍ତି ଘଟିବା ଅସମୀଚୀନ। ଏହି ଘଟଣାକୁ ଦିଲ୍ଲୀର ଆପ ନେତା ସୌରଭ ଭରଦ୍ୱାଜ କଡ଼ା ସମାଲୋଚନା କରିବା ସହ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଆକ୍ଷେପ କରିଛନ୍ତି। କ୍ଷମତା ରାଜନୀତିରେ ସରକାରୀ ଓ ବିରୋଧୀ ପକ୍ଷ ମଧ୍ୟରେ ଏପ୍ରକାର ଆରୋପ ଓ ପ୍ରତିଆରୋପ ନୂଆକଥା ନହେଲେ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କ ପାରଦର୍ଶିତା ସନ୍ଦେହ ଘେରକୁ ଆସିଯାଇଛି।

ରେଖାଗୁପ୍ତାଙ୍କ ପୂର୍ବରୁ ସୁଷମା ସ୍ୱରାଜ ଓ ଶୀଲା ଦୀକ୍ଷିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରେ ରହି ମହିଳା ସଶକ୍ତୀକରଣ ଓ କାର୍ଯ୍ୟଦକ୍ଷତାର ଛାପ ସମଗ୍ର ଦେଶରେ ଛାଡ଼ି ଯାଇଛନ୍ତି। ଶୀର୍ଷସ୍ତରରେ ମହିଳାଙ୍କ ନେତୃତ୍ୱ ସଂପର୍କରେ ଉଲ୍ଲେଖ କଲାବେଳେ ଇନ୍ଦିରା ଗାନ୍ଧୀ ଓ ମାର୍ଗରେଟ ଥାଚରଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଭାବୀ ଭୂମିକା ପ୍ରତି ବିଶ୍ୱ ନେତୃତ୍ୱବର୍ଗଙ୍କ ଥିବା ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ମାନ ସାମ୍ନାକୁ ଆସିଯାଏ। ବ୍ୟବସ୍ଥାପିକା ସଂସ୍ଥାରେ ପ୍ରତିନିଧିତ୍ୱ କରି ଆଇନ ପ୍ରଣୟନକାରୀ ଭୂମିକା ତୁଲାଇବାରେ ଆମ ଦେଶର ମହିଳାମାନେ ବେଶ ଯୋଗ୍ୟ ଓ ସମର୍ଥ। ତେଣୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ସବୁସ୍ତରରେ ସ୍ୱାଗତ କରାଯାଉଛି। ତେବେ ଏକ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ଜରୁରୀ। ଆମ ଜନସଂଖ୍ୟାର ଆପାତତଃ ୫୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ବାଛବିଚାର ମୁକ୍ତ ସହଯୋଗ ମିଳିଲେ ସୁସ୍ଥ ସାମାଜିକ ବ୍ୟବସ୍ଥା ଗଠନ ସମ୍ଭବ ହେବ।

## ଆକାଂକ୍ଷିତ ବିଜୟ

ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏନଡିଏ ପ୍ରାର୍ଥୀ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଆଶା କରାଯାଉଥିବା ଭୋଟଠାରୁ ଯଥେଷ୍ଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି। ଏନଡିଏର ଲୋକସଭା ଓ ରାଜ୍ୟସଭା ସଦସ୍ୟ ସଂଖ୍ୟା ୪୨୫ ଥିବା ବେଳେ ସେ ପାଇଛନ୍ତି ୪୫୨ ଭୋଟ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ସଦସ୍ୟ ସଂଖ୍ୟା ୩୧୨ ହୋଇଥିବା ବେଳେ ବିରୋଧୀ ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀଙ୍କ ସପକ୍ଷରେ ୩୦୦ ଭୋଟ ପଡ଼ିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗଠିତ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧। ନିର୍ବାଚନ ପୂର୍ବରୁ ବିଜେଡି, ବିଆରଏସ ଓ ଶିରୋମଣି ଅକାଳୀ ଦଳ. ମତଦାନରୁ ବିରତ ରହିବେ ଘୋଷଣା କରିଥିବାରୁ ମୋଟ ୭୬୭ ସଦସ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ଉପରାଷ୍ଟ୍ରପତି ପଦଭଳି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ୧୫ ମତଦାତାଙ୍କ ଭୋଟ ନାକଚ ହୋଇଛି। ମତଦାନ ପ୍ରକ୍ରିୟାରେ ଗୋପନୀୟତା ଦୃଷ୍ଟିରୁ କିଏ କାହାକୁ ଭୋଟ ଦେଲା ଏବଂ କାହାର ନାକଚ ହେଲା ତାହା ଜାଣିବାର ଅବକାଶ ନାହିଁ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟ ପ୍ରାର୍ଥୀ ଜଷ୍ଟିସ ରେଡ୍ଡୀଙ୍କୁ ଏଆଇଏମଆଇଏମ ସମର୍ଥନ କରୁଥିବାରୁ ତାଙ୍କ ସପକ୍ଷରେ ୩୧୩ ଭୋଟ ମିଳିବ ବୋଲି ଆଶା କରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ୩୦୦ ଭୋଟ ମିଳିଛି। ଏହି ୧୩ ଭୋଟ ମଧ୍ୟରୁ କେତେ ଖଣ୍ଡ ନାକଚ ହୋଇଛି, କେତେ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି, ତାହା ଜାଣିବାର ଅବକାଶ ନାହିଁ। ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟରେ ସାମିଲ୍ ହୋଇ ନଥିବା ୪୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣ ନିର୍ବାଚନରେ ଅଂଶଗ୍ରହଣ କରିନଥିବା ବେଳେ ୱାଇଏସ ଆର ନେତା ଜଗନ ମୋହନ ରେଡ୍ଡୀଙ୍କ ଦଳର ୧୧ ସଦସ୍ୟ ସିପି ରାଧାକ୍ରିଷ୍ଣନ୍‌ଙ୍କ ସପକ୍ଷରେ ମତଦାନ କରିଛନ୍ତି। ଏକଥା ବି ହୋଇପାରେ ବିରୋଧୀ ମେଣ୍ଟରେ କିଛି ସଦସ୍ୟ ଏନଡିଏ ମେଣ୍ଟ ସପକ୍ଷରେ ମତଦାନ କରିଛନ୍ତି। ମେଣ୍ଟରେ ମୁଖପାତ୍ର ଯାହା ଦାବି କରନ୍ତୁ ନା କାହିଁକି କ୍ରସ ଭୋଟିଙ୍ଗକୁ ଅସ୍ୱୀକାର କରାଯାଇପାରିବ ନାହିଁ। ମତଦାନ ପୂର୍ବରୁ ତେଲେଗୁ ଅସ୍ମିତା ଓ ଏନ୍‌ଡିଏରେ ଆଭ୍ୟନ୍ତରୀଣ ଅସନ୍ତୋଷକୁ ନେଇ ଚାଲିଥିବା ଗୁଜବ ରାଜନୀତି ଯେ ଅବାସ୍ତବ ତାହା ପ୍ରମାଣିତ ହୋଇଛି ଏବଂ ବିରୋଧୀ ମେଣ୍ଟର ଚାଲ୍ ନିଷ୍ପ୍ରଭ ହୋଇଯାଇଛି।

# ସକାରାତ୍ମକ ରାଷ୍ଟ୍ରବାଦର ଆବଶ୍ୟକତା

ଅଧ୍ୟାପକ ଗୋପବନ୍ଧୁ

ରାଷ୍ଟ୍ରବାଦ ଏକ ଉନ୍ନତ ଗୁଣାତ୍ମକ ଚିନ୍ତନ। ଏହା ଏପରି ଏକ ଜାତୀୟ ଭାବନା, ଯାହା ଗୋଟିଏ ରାଷ୍ଟ୍ରକୁ ସର୍ବୋଚ୍ଚ ସୋପାନରେ ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଏ। ପରସ୍ପରକୁ ସମ୍ମାନ, ସମସ୍ତ ଗୋଷ୍ଠୀ ଓ ସମ୍ପ୍ରଦାୟର ମଧ୍ୟରେ ସହାବସ୍ଥାନ, ମାନବୀୟ ମୂଲ୍ୟବୋଧର ବିକାଶ ଓ ଶ୍ରେଷ୍ଠତା ପ୍ରାପ୍ତି ଦିଗରେ ସାମୂହିକ ଜାଗୃତି ହିଁ ରାଷ୍ଟ୍ରବାଦ। ସେହିଁ ପ୍ରକୃତ ରାଷ୍ଟ୍ରବାଦୀ, ଯିଏ ଏ ସମସ୍ତର ଅନୁଗାମୀ। ରାଷ୍ଟ୍ରବାଦୀ ହେବା ଏକ ସାଧନା। ସମସ୍ତ କ୍ଷେତ୍ରରେ ନାକାରାତ୍ମକ ଭାବନାର ପରିତ୍ୟାଗ ଓ ସକାରାତ୍ମକ ଭାବନାରେ ଉଦବୁଦ୍ଧ ହେବା ରାଷ୍ଟ୍ରବାଦର ମୂଳ ଆଧାର। ସ୍ୱଚ୍ଛ ରାଷ୍ଟ୍ରବାଦ ନା ଆଭ୍ୟନ୍ତରୀଣ ହିଂସାକୁ ପ୍ରୋତ୍ସାହିତ କରେ ନା ଆନ୍ତର୍ଜାତିକ ହିଂସା ଓ ପ୍ରତିହିଂସାକୁ ଉତ୍ସାହିତ କରେ। ବରଂ ଏହା ସାମାଜିକ ସଂହତି ଓ ଆନ୍ତର୍ଜାତିକ ଶାନ୍ତି ସ୍ଥାପନକୁ ଗୁରୁତ୍ୱ ଦିଏ। ରାଷ୍ଟ୍ର କହିଲେ କେବଳ ଏହାର ସାର୍ବଭୌମତ୍ୱକୁ ବୁଝାଏ ନାହିଁ। ଏହା ସହିତ ସାମାଜିକ ସ୍ଥିତି, ରାଜନୈତିକ ପରିବେଶ, ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଏବଂ ସର୍ବୋପରି ରାଷ୍ଟ୍ର ରୂପକ ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କ ଆଭିମୁଖ୍ୟ ଓ ମୌଳିକ ଚିନ୍ତନକୁ ବୁଝାଏ। ତେଣୁ ରାଷ୍ଟ୍ରବାଦ ଏ ସମସ୍ତର ସାମଗ୍ରିକତାକୁ ଓ ଉନ୍ନତ ଚିନ୍ତନକୁ ବୁଝାଏ।

ଅନ୍ୟପକ୍ଷରେ ମିଥ୍ୟା ରାଷ୍ଟ୍ରବାଦ ଅତ୍ୟନ୍ତ ଭୟଙ୍କର। ଏହା ରାଷ୍ଟ୍ରକୁ ଧ୍ୱଂସ ଆଡ଼କୁ ଟାଣିନିଏ। ଏଥିରେ ମିଥ୍ୟାଚାର ଓ ଅନାଦର୍ଶକୁ ରାଷ୍ଟ୍ରବାଦର ମୁଖା ପିନ୍ଧାଯାଏ। ଅପପ୍ରଚାର ମାଧ୍ୟମରେ ଏଗୁଡ଼ିକୁ ସତ୍ୟ ଓ ଆଦର୍ଶ ରୂପରେ ଉପସ୍ଥାପିତ କରାଯାଏ। ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବାବେଗକୁ ବଢ଼ାଯାଏ। ସମାଜରେ ହିଂସାଭାବକୁ ଯୋଜନାବଦ୍ଧ ଭାବେ ରୋପଣ କରାଯାଏ। ସାମ୍ପ୍ରଦାୟିକ ହିଂସା ଓ ଜାତିଗତ ବିଦ୍ୱେଷକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ସାମାଜିକ ବିଶୃଙ୍ଖଳାରୁ ରାଜନୈତିକ



ଫାଇଦା ନେବାର ପ୍ରୟାସ ହୁଏ। ସଂଖ୍ୟାଧିକଙ୍କ ମତକୁ ସଂଖ୍ୟାନ୍ୟୂନଙ୍କ ଉପରେ ଲଦାଯାଏ ଏବଂ ତାହାକୁ ହିଁ ରାଷ୍ଟ୍ରବାଦ ଆଖ୍ୟା ଦିଆଯାଏ। ସାଂସ୍କୃତିକ ଆନ୍ଦୋଳନ ନାମରେ ଅପସଂସ୍କୃତିକୁ ସ୍ଥାପନ କରାଯାଏ। ସମାନତା ପରିବର୍ତ୍ତେ ଅସମାନତାକୁ ଯୁକ୍ତିସଙ୍ଗତ କରଯାଏ। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ଆଗକୁ ବଢ଼ାଯାଏ। ଏମାନଙ୍କ ସହିତ ଯେଉଁମାନେ ଏକମତ ହୁଅନ୍ତି ନାହିଁ, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଏ। ନିଜ ସପକ୍ଷରେ ଅନ୍ଧଭକ୍ତଙ୍କ ଫୌଜ ତିଆରି କରାଯାଏ। ଏମାନେ ମିଥ୍ୟା ରାଷ୍ଟ୍ରବାଦର ରକ୍ଷାକବଚ ସାଜନ୍ତି। ଏମାନଙ୍କ ଜରିଆରେ ଅନାଦର୍ଶକୁ ଆଦର୍ଶ ବୋଲି ପ୍ରଚାର କରଯାଏ। ଦେଶ ଏକଛତ୍ରବାଦୀ ଶାସନ ଆଡ଼କୁ ଗତିକରେ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଥିଲା ମିଥ୍ୟା ରାଷ୍ଟ୍ରବାଦ। ଏହାରି ଜରିଆରେ ଜର୍ମାନିରେ ନାଜିବାଦ ଓ ଇଟାଲିରେ ଫାଶିବାଦର ଆବିର୍ଭାବ ହୋଇଥିଲା। ଉଭୟ ଦେଶରେ ଉଗ୍ର ଜାତୀୟତାବାଦର ପ୍ରଚାର ମାଧ୍ୟମରେ ଯେଉଁ ରାଷ୍ଟ୍ରବାଦର ଉପସ୍ଥାପନ କରାଯାଇଥିଲା, ତାହା ରାଷ୍ଟ୍ରବାଦର ସଠିକ ପରିଭାଷା ନଥିଲା। ଉଭୟ ରାଷ୍ଟ୍ରରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ଚେତନା ଉଗ୍ରରୂପ ଧାରଣ କରିଥିଲା। ଦୀର୍ଘ ଶତାବ୍ଦୀ ଧରି ଭାଇଚାରା ମଧ୍ୟରେ ବସବାସ କରିଆସୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ଦକ୍ଷିଣପନ୍ଥୀ ନାଜି ସଂଗଠନ ତିଆରି ହେଲା। ଏମାନେ ପ୍ରଚାର କରିବା ଆରମ୍ଭ କଲେ ଯେ ସେମାନେ ହିଁ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ। ଏମାନଙ୍କ ସଂସ୍କୃତି ଓ ପରମ୍ପରା ଉନ୍ନତ। ତେଣୁ ଦେଶରେ ଏମାନଙ୍କ ରାଜ ଚାଲିବ। ଅନ୍ୟମାନଙ୍କୁ ରଖାଇ ଦିଆଯିବ ନାହିଁ। ଏହା ରାଷ୍ଟ୍ରବାଦର ଭ୍ରାନ୍ତ ପରିଭାଷା ଥିଲା। କାରଣ ସ୍ୱଚ୍ଛ ରାଷ୍ଟ୍ରବାଦରେ ଗୋଷ୍ଠୀଗତ, ଜାତିଗତ ଓ ଧର୍ମଗତ ଶ୍ରେଷ୍ଠତାର କୌଣସି ସ୍ଥାନ ନାହିଁ। ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ରାଷ୍ଟ୍ରବାଦର ଆଭୂଷଣ। ଜର୍ମାନି ଓ ଇଟାଲିରେ ଏଗୁଡ଼ିକର ହନନ ହେଲା। ମିଥ୍ୟା ରାଷ୍ଟ୍ରବାଦ ଦେଶ ମଧ୍ୟରେ ସୀମିତ ରହିଲା ନାହିଁ। ଏହା ଆନ୍ତର୍ଜାତିକ ସ୍ତରକୁ ଚାଲିଗଲା, ଯେତେବେଳେ ନାଜିମାନେ ଘୋଷଣା କଲେ ସେମାନେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠଜାତି। ତେଣୁ ସମଗ୍ର ବିଶ୍ୱକୁ ଶାସନ କରିବାର ଅଧିକାର ତାଙ୍କର ରହିଛି। ଦେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଦମନ ଆରମ୍ଭ ହେଲା। ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା। ପଡ଼ୋଶୀ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଅଧିକାର କରି ନିଆଗଲା।

ମିଥ୍ୟା ରାଷ୍ଟ୍ରବାଦ ଗଣତନ୍ତ୍ର ପାଇଁ ବିପଦ। କ୍ଷମତା ଦଖଲ ପାଇଁ ଏହା ଏକ ସହଜ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଜନତାଙ୍କୁ ଉନ୍ମାଦିତ କରି ସମର୍ଥନ ହାସଲ କରାଯାଇ ପାରେ। ଧର୍ମାନ୍ଧ, ଏକତରଫା ବିଚାରଯୁକ୍ତ, ଉନ୍ମାଦନାର ଶିକାର ଓ ସଂକୀର୍ଣ୍ଣ ମାନସିକତାର ଲୋକମାନେ ସ୍ୱାର୍ଥ ହାସଲ ପାଇଁ ଏହାକୁ ଏକ ସହଜ ମାଧ୍ୟମ ଭାବେ ବ୍ୟବହାର କରନ୍ତି। ଏପରି ପଦକ୍ଷେପ ଗୋଟିଏ ରାଷ୍ଟ୍ରର ଅଶେଷ କ୍ଷତିସାଧନ କରେ। ଜର୍ମାନି ଓ ଇଟାଲୀରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅନୁସରଣରେ ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୋଇଥିଲା। ଜର୍ମାନିରେ ହିଟଲର ଓ ଇଟାଲିରେ ମୁସୋଲିନୀ ନିର୍ବାଚିତ ହୋଇ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ହୋଇଥିଲେ। କିନ୍ତୁ ସେମାନେ ମିଥ୍ୟା ରାଷ୍ଟ୍ରବାଦର ଆଶ୍ରୟ ନେଇଥିଲେ। ତାଙ୍କ ରାଷ୍ଟ୍ରବାଦ ହିଂସା, ପ୍ରତିହିଂସା, ଆଧିପତ୍ୟବାଦ, ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଏବଂ ଅନୈତିକତା ଉପରେ ପର୍ଯ୍ୟବସିତ ଥିଲା। ତେଣୁ ଏପରି ରାଷ୍ଟ୍ରବାଦ ଦୀର୍ଘସ୍ଥାୟୀ ହେଲାନାହିଁ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଉଭୟ ରାଷ୍ଟ୍ର ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ ଖଳନାୟକ ଆଡଲଫ୍ ହିଟଲର ଶେଷରେ ଆତ୍ମହତ୍ୟା କଲେ। ମୁସୋଲିନୀଙ୍କୁ ନିଜ ଲୋକମାନେ ହତ୍ୟାକଲେ। ମିଥ୍ୟା ରାଷ୍ଟ୍ରବାଦର ଏହା ହିଁ ଅନ୍ତିମ ପରିଣତି ହୁଏ।

ସମୟ ସମୟରେ ବିଭିନ୍ନ ରାଷ୍ଟ୍ରରେ ମିଥ୍ୟା ରାଷ୍ଟ୍ରବାଦର ଭାବନା ଅଙ୍କୁରିତ ହୁଏ। ବେଳେବେଳେ ଏମାନେ ଫାଙ୍କା ରାଷ୍ଟ୍ରବାଦର ସ୍ଲୋଗାନ ଦେଇ ଉନ୍ମାଦନା ସୃଷ୍ଟି କରି କ୍ଷମତାକୁ ବି ଚାଲିଆସନ୍ତି। ପ୍ରାରମ୍ଭରେ ଜନସାଧାରଣ ଏହାକୁ ବୁଝି ପାରନ୍ତି ନାହିଁ। ବୁଝିବା ବେଳକୁ ଏମାନେ ଦେଶର ତଥା ସମାଜର ଅନେକ କ୍ଷତି କରିପକାନ୍ତି। ଏବେ ବିଶ୍ୱର କୌଣସି ଗଣତାନ୍ତ୍ରିକ ଦେଶ ମିଥ୍ୟା ରାଷ୍ଟ୍ରବାଦରୁ ମୁକ୍ତ ନୁହେଁ। ଏହା ହିଁ ରାଷ୍ଟ୍ରକୁ ଏକଛତ୍ରବାଦୀ ଶାସନ ଆଡ଼କୁ ଟାଣି ନେଉଛି। ମିଥ୍ୟା ରାଷ୍ଟ୍ରବାଦ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଘୋର ବିପଦ। ଏଥିପାଇଁ ସର୍ବଦା ସତର୍କ ରହିବାକୁ ହେବ। ଏହାକୁ ପ୍ରତିହତ କାରିବାକୁ ପଡ଼ିବ। ଆମକୁ ଜର୍ମାନି ଓ ଇଟାଲିର ପରିଣତିକୁ ମନେ ରଖିବାକୁ ହେବ। ପ୍ରକୃତ ରାଷ୍ଟ୍ରବାଦର ଅନୁଗାମୀ ହେବାକୁ ହେବ।

ବାରିପଦା(ମୟୂରଭଞ୍ଜ),
ମୋ: ୭୦୦୮ ୯୭ ୬୧୮୦

# ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ପ୍ରତି ବିପଦ

ମାନସ କୁମାର କର

ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ସାମାଜିକ ଗଣମାଧ୍ୟମ ଓ ଅନଲାଇନ୍ ପ୍ଲାଟଫର୍ମ ସୂଚନା ପ୍ରସାରଣକୁ ଅଭୂତପୂର୍ବ ଗତି ଦେଇଛି, ଜ୍ୟୋତିଷ ବିଦ୍ୟା ମଧ୍ୟ ଡିଜିଟାଲ ବିପ୍ଳବର ଏକ ଅଂଶ ପାଲଟିଯାଇଛି। ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଜ୍ୟୋତିଷ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ପରିପୂର୍ଣ୍ଣ। ଏହି ଭିଡିଓଗୁଡ଼ିକ ମଧ୍ୟରୁ ଅନେକ 'ତୁରନ୍ତ ସଫଳତା' ମନ୍ତ୍ର, ପ୍ରତିକାର କିମ୍ବା ଟୋଟକା ପ୍ରଦାନ କରିବାର ଦାବି କରନ୍ତି, ଯାହା କିଛିଦିନ ମଧ୍ୟରେ ଜୀବନର ସମସ୍ୟାର ସମାଧାନ କରିପାରିବ। ଜନ୍ମ ଚାର୍ଟର ବିସ୍ତୃତ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦେଉଥିବା ପାରମ୍ପରିକ ଏବଂ ଅଭିଜ୍ଞ ଜ୍ୟୋତିଷମାନଙ୍କ ବିଶ୍ୱସନୀୟତା ତୁଳନାରେ ଏହି ତଥାକଥିତ 'ଶୀଘ୍ର ଉପଚାର' କେତେ ପ୍ରଭାବଶାଳୀ ତାହା ବିଚାର କରିବାର ସମୟ ଆସିଛି।

ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଜ୍ୟୋତିଷ ଭିଡିଓଗୁଡ଼ିକର ପ୍ରାୟତଃ ଆକର୍ଷଣୀୟ ଶୀର୍ଷକ ଥାଏ - 'ତିନି ଦିନରେ ଧନପ୍ରାପ୍ତିର ଚମତ୍କାରୀ ଉପାୟ' କିମ୍ବା 'ମନ୍ତ୍ରରୁ ବଦଳି ଯିବ ଆପଣଙ୍କ ଭାଗ୍ୟ'। ଏହି ଭିଡିଓଗୁଡ଼ିକ ସାଧାରଣତଃ ଛୋଟ, ଶୀଘ୍ର ସମ୍ପାଦିତ ଓ ମନୋରଞ୍ଜନକାରୀ, ଯାହା ତୁରନ୍ତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରେ। ଏଥିରେ ସୁପାରିସ କରାଯାଇଥିବା ଉପଚାରଗୁଡ଼ିକ ସରଳ ଓ ଶୀଘ୍ର ମନେହୁଏ, ଯେପରିକି ଏକ ନିର୍ଦ୍ଦିଷ୍ଟ ରଙ୍ଗର ସୂତା ବାନ୍ଧିବା, ମନ୍ତ୍ର ଜପ କରିବା କିମ୍ବା ଘରେ କୌଣସି ବସ୍ତୁ ରଖିବା। ଏହି ଉପଚାରଗୁଡ଼ିକର କୌଣସି ବୈଦିକ କିମ୍ବା



ଜ୍ୟୋତିଷଶାସ୍ତ୍ରୀୟ ଆଧାର ନାହିଁ। ମୋ ଜେଜେ ବାପା ଜ୍ୟୋତିଷଚାର୍ଯ୍ୟ ସ୍ୱର୍ଗତ ପଣ୍ଡିତ ସଦାଶିବ କରଙ୍କ କହିବା ଅନୁଯାୟୀ ଜ୍ୟୋତିଷ ଏକ ଜଟିଳ ବିଜ୍ଞାନ, ଯେଉଁଥିରେ ଗ୍ରହ, ନକ୍ଷତ୍ର ଓ କୁଣ୍ଡଳୀର ବାରଟି ଘରର ଗଭୀର ଅଧ୍ୟୟନ ଜଡ଼ିତ। ଜଣେ ବ୍ୟକ୍ତିଙ୍କ କୁଣ୍ଡଳୀ ବିଶ୍ଳେଷଣ ନକରି ସାଧାରଣ ଉପଚାର ଦେବା କେବଳ ଦାୟିତ୍ୱହୀନ ନୁହେଁ, ବରଂ ଲୋକଙ୍କୁ ଭୁଲ ଦିଗରେ ନେଇପାରେ। ଏପରି ଭିଡିଓର ଉଦ୍ଦେଶ୍ୟ ପ୍ରାୟତଃ ଦର୍ଶକଙ୍କୁ ଭ୍ରମିତ କରିବା।

ଜ୍ୟୋତିଷ ଶାସ୍ତ୍ର କେବେବି କମ୍ ସମୟ ମଧ୍ୟରେ ଶିଖି ହେବ ନାହିଁ। ବିଶେଷଜ୍ଞଙ୍କ ମତରେ, ପ୍ରାମାଣିକ ଓ ଅଭିଜ୍ଞ ଜ୍ୟୋତିଷମାନେ କୌଣସି ପ୍ରତିକାର ପରାମର୍ଶ ଦେବା ପୂର୍ବରୁ ଜନ୍ମ କୁଣ୍ଡଳୀକୁ ଗଭୀର ଭାବରେ ଅଧ୍ୟୟନ କରନ୍ତି। ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମ ସମୟରେ ଗ୍ରହଗୁଡ଼ିକର ସ୍ଥିତି ଉପରେ ଆଧାରିତ। କୁଣ୍ଡଳୀରେ ଗ୍ରହଗୁଡ଼ିକର ଗୋଚର, ଦଶା, ଅନ୍ତରଦଶା ଏବଂ ବିଭିନ୍ନ ଯୋଗ ବିଶ୍ଳେଷଣ କରାଯାଇ ଜଣେ ବ୍ୟକ୍ତିଙ୍କୁ କି ପ୍ରକାରର ପ୍ରତିକାର ଆବଶ୍ୟକ ତାହା ନିର୍ଣ୍ଣୟ କରାଯାଏ। ଏହି ପ୍ରକ୍ରିୟା ସମୟସାପେକ୍ଷ ଓ ଜଟିଳ, କିନ୍ତୁ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଶୀଘ୍ର ସଫଳତାର ମନ୍ତ୍ର ଦେଉଥିବା ଭିଡିଓଗୁଡ଼ିକ ଲୋକପ୍ରିୟତା ବୃଦ୍ଧି କରିବା ପାଇଁ କେବଳ ଏକ ଭ୍ରମାତ୍ମକ କି ନାହିଁ ତାହା ବିଚାର କରିବା ଉଚିତ।

ସାମାଜିକ ଗଣମାଧ୍ୟମରେ ଭିଉ, ଲାଇକ୍ ଓ ସବସ୍କ୍ରାଇବର୍ ସଂଖ୍ୟା ସିଧାସଳଖ ଆୟ ସହିତ ଜଡ଼ିତ। ତେଣୁ ଅନେକ ଅନଭିଜ୍ଞ ଓ ଆତ୍ମଘୋଷିତ ଜ୍ୟୋତିଷ ଆକର୍ଷଣୀୟ ଓ ଚାଞ୍ଚଲ୍ୟକର ବିଷୟବସ୍ତୁ ସୃଷ୍ଟି କରି ଦର୍ଶକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ସେମାନେ ଜଟିଳ ଜ୍ୟୋତିଷ ନୀତିଗୁଡ଼ିକୁ ସରଳୀକରଣ କରନ୍ତି। ଭିଡିଓଗୁଡ଼ିକୁ ଶୀଘ୍ର ସମାଧାନର ସୂତ୍ରରେ ପରିଣତ କରନ୍ତି, ଯାହା ପ୍ରକୃତରେ ଜ୍ୟୋତିଷ ଶାସ୍ତ୍ରର ଗଭୀରତାକୁ ଦୁର୍ବଳ କରିଦିଏ। କିଛି ଲୋକ ଉପରସ୍ତରର ସୂଚନା ଉପରେ ଆଧାରିତ ଭିଡିଓ ତିଆରି କରନ୍ତି, ଯାହା ପୁସ୍ତକ, ଇଣ୍ଟରନେଟ୍ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିଆଯାଇଥାଏ। ଅନେକ ଆତ୍ମଘୋଷିତ ଜ୍ୟୋତିଷଙ୍କର ନା ଆନୁଷ୍ଠାନିକ ତାଲିମ ଅଛି ନା ଅଭିଜ୍ଞତା। ତଥାପି ସେମାନେ ସେମାନଙ୍କର ଆତ୍ମବିଶ୍ୱାସ, ଆକର୍ଷଣୀୟ ଉପସ୍ଥାପନା ଓ ବଜାର ରଣନୀତି ଆଧାରରେ ଲକ୍ଷ ଲକ୍ଷ ଦର୍ଶକଙ୍କ ପାଖରେ ପହଞ୍ଚନ୍ତି। ଏହା କେବଳ ଜ୍ୟୋତିଷ ଶାସ୍ତ୍ରର ବିଶ୍ୱସନୀୟତାକୁ ହ୍ରାସ କରେ ନାହିଁ, ବରଂ ଏହି ଉପଚାର ଉପରେ ନିର୍ଭର କରୁଥିବା ଲୋକଙ୍କୁ ମଧ୍ୟ ନିରାଶ କରେ।

ଜ୍ୟୋତିଷ ଏକ ପ୍ରାଚୀନ ଓ ସମ୍ମାନିତ ବିଜ୍ଞାନ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ମାର୍ଗଦର୍ଶନ କରିବା ପାଇଁ ବ୍ୟବହୃତ ହୋଇଆସୁଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ପ୍ରଚାରିତ ଏପରି ଭ୍ରମାତ୍ମକ ଭିଡିଓ ସେହି ମହାନ୍ ପ୍ରାଚୀନ ବିଜ୍ଞାନସମ୍ମତ ବିଦ୍ୟାର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ଯେତେବେଳେ ଲୋକମାନେ ଏହି ତଥାକଥିତ ଉପଚାରଗୁଡ଼ିକୁ ପ୍ରୟୋଗ କରିବାର ଚେଷ୍ଟା କରନ୍ତି ଏବଂ କୌଣସି ଲାଭ ପାଆନ୍ତି ନାହିଁ, ସେମାନେ କେବଳ ସେହି ଭିଡିଓଗୁଡ଼ିକ ଉପରେ ବିଶ୍ୱାସ ହରାନ୍ତି ନାହିଁ, ବରଂ ଜ୍ୟୋତିଷ ବିଷୟରେ ପ୍ରଶ୍ନ ଉଠାନ୍ତି। ଏହା ଅଭିଜ୍ଞ ଜ୍ୟୋତିଷମାନଙ୍କ ପାଇଁ ମଧ୍ୟ ଏକ ଆହ୍ୱାନ ସୃଷ୍ଟି କରେ।

ଶେଷରେ ଏହା କହିବା ଭୁଲ ହେବ ନାହିଁ ଯେ ଶୀଘ୍ର ସଫଳତା ପାଇଁ ମନ୍ତ୍ର ଦେଉଥିବା ଜ୍ୟୋତିଷ ଭିଡିଓଗୁଡ଼ିକ ଅଧିକାଂଶ ଭାବରେ ଭ୍ରମାତ୍ମକ ଓ ଲୋକପ୍ରିୟତା ପାଇଁ ତିଆରି ହୋଇଥାଏ। ସେମାନେ ଲୋକଙ୍କ ଭାବନା ଓ ଆଶାକୁ ଶୋଷଣ କରନ୍ତି, ତାହା ମଧ୍ୟ କୌଣସି ଦୃଢ଼ ଆଧାର ବିନା। ଅନ୍ୟପକ୍ଷରେ ପ୍ରକୃତ ଜ୍ୟୋତିଷମାନେ, ଯେଉଁମାନେ କୁଣ୍ଡଳୀର ସମ୍ପୂର୍ଣ୍ଣ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦିଅନ୍ତି, ସେମାନେ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଜ୍ୟୋତିଷ ହେଉଛି ବିଜ୍ଞାନ ଓ କଳାର ମିଶ୍ରଣ, ଯାହା କେବଳ ସେତେବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ଏହାକୁ ଗମ୍ଭୀରତା ଓ ଦାୟିତ୍ୱର ସହିତ ଗ୍ରହଣ କରାଯାଏ। ଆମେ ଶୀଘ୍ର ସଫଳତାର ଲୋଭକୁ ପଛରେ ପକାଇ ଧୈର୍ଯ୍ୟ ଓ ବୁଝାମଣା ସହିତ ସଠିକ୍ ମାର୍ଗଦର୍ଶନ ଖୋଜିବା ଉଚିତ। ତେବେ ହିଁ ଆମେ ଜ୍ୟୋତିଷର ପ୍ରକୃତ ଲାଭ ପାଇପାରିବା ଏବଂ ଏହି ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ବଜାୟ ରଖିପାରିବା।

କୋଟାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଧୂପର ଧ୍ରୁପଦୀ ମାନସିଂହ ସାହିତ୍ୟ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

କବି ଓ ଲେଖକ ଭାବରେ ମାୟାଧର ମାନସିଂହ କେତେ ଉଚ୍ଚକୋଟୀର ପୁସ୍ତକର ସଫଳ ସ୍ରଷ୍ଟା, ତାହା ସଚେତନ ପାଠକ ମାତ୍ରକେ ଅବଗତ। ତେବେ ତାଙ୍କ ନିଜ ଦୃଷ୍ଟିରେ ସ୍ୱରଚିତ କବିତା ପୁସ୍ତକ 'ଧୂପ'ହିଁ ଥିଲା ତାଙ୍କର ସବୁଠାରୁ ପ୍ରିୟ। ଓଡ଼ିଆ ପାଠକମାନଙ୍କ କଣ୍ଠରେ ଏହାର ପ୍ରାଣସ୍ପର୍ଶୀ ପଦପଂକ୍ତି କି ମାର୍ମିକ ଭାବରେ ଏ ପର୍ଯ୍ୟନ୍ତ ଆବୃତ୍ତି ହେଉଛି, ଏହା ବି ଜାଣନ୍ତି ସଭିଏଁ। ରୋମାଣ୍ଟିକ ଆବେଗର ପରିଶୁଦ୍ଧତା ବହନ କରି ଏହା ହୋଇଛି ଲୋକାଦୃତ। କିନ୍ତୁ କ'ଣ ସେତିକି ହିଁ ଏ ବହିଟିର ବିଶେଷତ୍ୱ? ଏହା ଯେ 'କ୍ଲାସିକ-ଧର୍ମୀ ରୋମାଣ୍ଟିକ' ଭାବଧାରାର ପ୍ରବାହ - ଏହି ସତ୍ୟକୁ ପୁନଃପୁନଃ ଆବିଷ୍କାର କରିପାରିଲେ ମାନସିଂହଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ମର୍ମଧ୍ୱନି ସ୍ପଷ୍ଟରୁ ଅଧିକ ସ୍ପଷ୍ଟତର ହୋଇଉଠିବ।

ରୋମାଣ୍ଟିକ-କବିଙ୍କ ଲକ୍ଷଣ ସମ୍ପର୍କରେ କୁହାଯାଇଛି, ସେମାନେ ହେଉଛନ୍ତି ପଳାୟନବାଦୀ। ସମାଜର ବିଷାକ୍ତ ବଳୟରୁ ମୁକ୍ତ ହେବା ପାଇଁ ସେମାନେ ଲୋଡ଼ନ୍ତି ପ୍ରକୃତିର ନିର୍ଭୟଆଶ୍ରୟ। ଆଉ କ୍ଲାସିକ-କବିଙ୍କ ଗୁଣଧର୍ମ ବିଶ୍ଳେଷଣ କରି ଏହାହିଁ ପ୍ରତିପାଦନ କରାଯାଇଛି ଯେ ସେମାନେ ଦୁଃଖ କଷ୍ଟ ବରଣ କରି ନିଅନ୍ତି ଅବିଚଳିତ ଚିତ୍ତରେ। ସେମାନଙ୍କ ବିଶ୍ୱାସ ହେଉଛି ଏହି ବେଦନା ଗ୍ରହଣ କରିବା ଦ୍ୱାରା ଅନ୍ତରାତ୍ମା ହୋଇଯାଏ ସ୍ୱଚ୍ଛ ଓ ନିର୍ମଳ। 'କ୍ଲାସିକ-ସାହିତ୍ୟ'କୁ 'ଧ୍ରୁପଦୀ' ନାମରେ ପରିଚିତ କରିଦିଆଯାଇଛି ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟରେ। ଏ ଦୃଷ୍ଟିଭଙ୍ଗୀରୁ ବିଚାର କଲେ କେବଳ 'ଧୂପ' କବିତା ସଂକଳନ ନୁହେଁ, ସମଗ୍ର ମାନସିଂହ ସାହିତ୍ୟ ହେଉଛି ଉଚ୍ଚମାନର 'କ୍ଲାସିକ' ବା 'ଧ୍ରୁପଦୀ-ସାହିତ୍ୟ'। ଆଉ ତାଙ୍କ ସଂଘର୍ଷମୟ ଜୀବନ ମଧ୍ୟ ହେଉଛି ସମାନ ପର୍ଯ୍ୟାୟର।

ଏ ପ୍ରସଙ୍ଗରେ 'ଧୂପ' କବିତା ପୁସ୍ତକର ଏକାଧିକ ପଦ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କଲେ ସେହି ମହତ୍ତର ସତ୍ୟର ସ୍ୱରୂପ ହୋଇଉଠିବ ପ୍ରଜ୍ଞାଦୀପ୍ତ। କବିଙ୍କ ବର୍ଣ୍ଣନା ଏହିପରି - 'ମନେହୁଏ ଧୂପ ସମ ଦଗ୍ଧ ହୋଇ ବାଷ୍ପ ଯିବିହୋଇ / ପ୍ରଣୟର ଅଗ୍ନିଶେଷେ ପ୍ରଣୟର ଭସ୍ମ ଯିବ ଥୋଇ / ବକ୍ଷେ ମୋର ଯଜ୍ଞ ଜଳେ, ତୁମେ ତହିଁ ଜୀବନ ଦେବତା / ଆତ୍ମାମୋର ଯଜ୍ଞ-କାଷ୍ଠ ଘୃତାହୁତି ତୁମର ମମତା।' କିମ୍ବା 'ଅଶ୍ରୁ-ଆହୁତି, ପ୍ରଣୟଯଜ୍ଞ ମମ / ବ୍ୟଥାର ଅଗ୍ନି ଜଳୁଅଛି ନିର୍ମମ / ପ୍ରିୟ ଗୋ ମୋର / ଭାବୁଛ କି ମୁହିଁ ଚାହେଁ ତା'ର ଉପଶମ?'

ଦୁଃଖ, ଯନ୍ତ୍ରଣା, ବିରହ, ଅପବାଦ-ଏସବୁକୁ ବରଣ କରିନେବାର ଶକ୍ତି ଆହରଣ କରି ସାରିଥିଲେ ମାନସିଂହ। ସେଥିପାଇଁ ପଦ୍ୟ ହେଉ ବା ଗଦ୍ୟ ପରବର୍ତ୍ତୀ କାଳରେ ଯାହା ସେ ରଚନା କରିଛନ୍ତି, ଏହାଠାରୁ ତାହା ଭିନ୍ନ ହୋଇପାରିନି। 'ହେମଶସ୍ୟ', 'ପୂଜାରିଣୀ', 'ଜେମା', 'ସାଧବ ଝିଅ', 'କୋଣାର୍କ' କବିତା ପୁସ୍ତକ, 'କମଳାୟନ' ମହାକାବ୍ୟ, 'ଜୀବନୀ ଓ ପ୍ରବନ୍ଧ', 'କବି ଓ କବିତା', 'ସରସ୍ୱତୀ ଫକୀରମୋହନ' ଆଦି ସମସ୍ତ ଗ୍ରନ୍ଥର ଯଦି ସାରନିର୍ଯାସ କାଢ଼ି ଦିଆଯାଏ, ତାହା 'ଧୂପ'ର ଅନ୍ତଃସ୍ୱରଠାରୁ କଦାପି ଭିନ୍ନ ହେବ ନାହିଁ। ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ତୀବ୍ର ସମାଲୋଚନାର ଶରବ୍ୟ ହୋଇଛନ୍ତି ସେ। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସେ ଯେଉଁ ଉଚ୍ଚତାକୁ ନେଇ ଯାଇପାରିଥିଲେ ଅନୁଷ୍ଠାନକୁ ଆଉ ତାହାର ଦ୍ୱିତୀୟ ଉଦାହରଣ ନାହିଁ। ସେଠାରେ ମଧ୍ୟ ସେ ସମ୍ମୁଖୀନ ହୋଇଛନ୍ତି ଯେଉଁ ଜଟିଳ ପରିସ୍ଥିତିର, ତାହାର ବିସ୍ତୃତ ବର୍ଣ୍ଣନା ରଖି ଯାଇଛନ୍ତି 'ଶିକ୍ଷାବିତର ଗାଥା' ଗ୍ରନ୍ଥରେ। କର୍ମକ୍ଷେତ୍ରରେ ଯେଉଁମାନଙ୍କ ନିକଟରୁ ସେ ହୋଇଛନ୍ତି ଲାଞ୍ଛିତ ଓ ଅପମାନିତ ସେମାନଙ୍କ ପ୍ରତି ପ୍ରତିଶୋଧ ପରାୟଣ ହେବାର ଅପରିଚ୍ଛନ୍ନ ଉପାଦାନରେ ଗଠିତ ହୋଇ ନ ଥିଲା ତାଙ୍କ ଚେତନା। ଗ୍ରନ୍ଥଟିରେ ତାଙ୍କ ବର୍ଣ୍ଣିତ ବାକ୍ୟ ଉପରେ ଧ୍ୟାନ ଦେଲେ ବୁଝିହୁଏ କି ବିଶାଳ ଥିଲା ତାଙ୍କ ହୃଦୟ। ସେଠାରେ ସେ ଲେଖୁଛନ୍ତି - 'ଦୁଃଖ-ନିର୍ଯାତନା ସବୁକୁ ନିରବରେ ସହି, ଅତ୍ୟାଚାରୀଙ୍କୁ, ଶତ୍ରୁକୁ ଆଶୀର୍ବାଦ କରି କରି ଓ ଭଗବାନଙ୍କୁ ଅନ୍ତରରେ ଡାକି ଡାକି ସହିଯିବା ହିଁ ସଙ୍କଟ ବିପଦର ସବୁଠୁ ବଡ଼ ଔଷଧ।'

ମାନସିଂହ ଯୀଶୁ, ଗାନ୍ଧୀ, ରାମକୃଷ୍ଣ ପରମହଂସ ପ୍ରମୁଖ କେଉଁ ମହାପୁରୁଷଙ୍କ ଜୀବନ-ଚିତ୍ର ବା ଅଙ୍କନ କରିନାହାନ୍ତି! ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଏକଲା ଚଲୋ' ସଂଗୀତ ତାଙ୍କୁ ଏକୁଟିଆ ଚାଲିବାର ସାହସ ଦେଇଛି ବୋଲି 'କବି ଓ କବିତା'ଗ୍ରନ୍ଥରେ ଆବେଗର ସହ ଉଦ୍ଗାର କରିଛନ୍ତି। ପ୍ରେମର ଯଜ୍ଞବେଦୀରେ ସେ ଧୂପ ପରି ଜଳି ଜଳି ଚତୁଃର୍ଦିଗରେ ବାଣ୍ଟି ଦେଇ ପାରିଛନ୍ତି ଜୀବନର ସୌରଭ। ନୀଳକଣ୍ଠ ସଦୃଶ ବିଷପାନ କରି ଯିଏ ଜଗତକୁ କରନ୍ତି ଅମୃତ ଦାନ ସିଏ ହିଁ ହେଉଛନ୍ତି କ୍ଲାସିକ ସ୍ରଷ୍ଟା। ମାନସିଂହ ସାହିତ୍ୟ ହେଉଛି ସେଥିପାଇଁ ଧୂପର ଧ୍ରୁପଦୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୨ ଗିରଫ

ସମ୍ବଲପୁର, ୧୦।୯ (ସମିସ): ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ବିଜ୍‌ଲିନଗରର ବରୁଣ ସାହୁ (୪୫) ହତ୍ୟା ଘଟଣାର ତଦନ୍ତ କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଶେରପୁର ଗ୍ରାମର ମୂଳ ବାସିନ୍ଦା ବର୍ତ୍ତମାନ ବୁର୍ଲା ବିଜ୍‌ଲିନଗରରେ ରହୁଥିବା ଟୁନୁ ସାହୁ (୨୭) ଓ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଦେବାହାଲର ମୂଳବାସିନ୍ଦା ବର୍ତ୍ତମାନ ବିଜ୍‌ଲିନଗରରେ ରହୁଥିବା ଅଶ୍ୱିନୀ ଭୁଏ (୪୫)। ପୂର୍ବଶତ୍ରୁତାରୁ ସେମାନେ ବରୁଣଙ୍କୁ ହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଦୁଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଗତ ୯ ତାରିଖ ବୁର୍ଲା ବିଜଲିନଗରର ବୃନ୍ଦାବତୀ ସାହୁ ତାଙ୍କ ସ୍ୱାମୀ ବରୁଣ ସାହୁଙ୍କୁ ଏ.କଟାପାଲିର



ହୁଡ଼ିଆପଦା ଜଙ୍ଗଲରେ ଟୁନୁ ଓ ଅଶ୍ୱିନୀ ମିଶି ହତ୍ୟା କରିଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୃନ୍ଦାବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ବୁର୍ଲା ଥାନା କେସ ନଂ. ୩୯୧/୨୦୨୫ରେ ମାମଲା ରୁଜୁକରି ଉଭୟ ଟୁନୁ ଓ ଅଶ୍ୱିନୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହି ସମୟରେ ଉଭୟେ ପୂର୍ବ ଶତ୍ରୁତାରୁ ବରୁଣଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ହୁଡ଼ିଆପଦା ଜଙ୍ଗଲ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ପୁଲିସ ବରୁଣଙ୍କ ମୃତଦେହ ଉଦ୍ଧାର କରିବାସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠବେଣ୍ଟ ଲଗା କୁରାଢ଼ିକୁ ମଧ୍ୟ ଜବତ କରିଛି। ବୁର୍ଲା ଥାନା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟ ଅଭିଯୁକ୍ତ ଟୁନୁ ଓ ଅଶ୍ୱିନୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନା କବ୍‌ଜାରେ...

ନିଆଁ ଲଗାଇ ଦେଇଥିଲେ। ଏଥିରେ ଗଙ୍ଗାଙ୍କ ମୃତ୍ୟୁ ହୋଇଥଇଲା ବୋଲି କୁହାଯାଇଛି। ତେବେ ମୃତଦେହ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ଏପରି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଯୁବ ଗୋଷ୍ଠୀଙ୍କ ନାମରେ ଖୋଲା ଚିଠି ଲେଖିଛନ୍ତି। ସେ ଏଥିରେ ବିକ୍ଷୋଭକୁ ବଡ଼ ଷଡ଼ଯନ୍ତ୍ର କହିଛନ୍ତି। କାର୍ଯ୍ୟାଳୟ ଜାଳିଦେବା ଏବଂ ଜେଲ୍‌ରୁ କଏଦୀଙ୍କୁ ଭଗାଇବା ଘଟଣାକୁ ଯୋଜନାବଦ୍ଧ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏପରି ସମୟରେ ଜେନ୍ ଜେଡ୍ ଗୋଷ୍ଠୀ ନିଜ ଦାବି ରଖିଛନ୍ତି। ସରକାରରେ ସଂସ୍କାରେ, ପ୍ରତିନିଧି ସଭା ଭଙ୍ଗ, ନୂତନ ଭାବେ ସମ୍ବିଧାନ ଲେଖିବା କିମ୍ବା ସଂଶୋଧନ ଏବଂ ଗତ ତିନି ଦଶନ୍ଧି ମଧ୍ୟରେ ରାଜନେତାଙ୍କ ଦ୍ୱାରା ହୋଇଥିବା ଲୁଟର୍ ତଦନ୍ତ କରିବାକୁ ଦାବି ହୋଇଛି। ବିକ୍ଷୋଭରେ ପ୍ରାଣ ହରାଇଥିବା ଲୋକଙ୍କୁ ସହିଦ ମାନ୍ୟତା, ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନ ଦେବାକୁ କୁହାଯାଇଛି। ବେକାରୀର ମୁକାବିଲା ପାଇଁ ସାମାଜିକ ଯୋଜନା, ପ୍ରବାସନକୁ ରୋକିବା,ସାମାଜିକ ଅନ୍ୟାୟ ଦୂର କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ସୁରକ୍ଷା ଏବଂ ଯୋଗାଯୋଗକୁ ମଜଭୁତ କରିବାକୁ ମଧ୍ୟ ଦାବି କରାଯାଇଛି।

ନେପାଳ ହିଂସା କଏଦୀଙ୍କ ପାଇଁ ଏକ ସୁଯୋଗ ସାବ୍ୟସ୍ତ ହୋଇଛି। ପୁଲିସର ସୂଚନା ଅନୁଯାୟୀ, ସାରା ଦେଶର ଜେଲ୍‌ରୁ ପ୍ରାୟ ୧୧ ହଜାର କଏଦୀ ଫେରାର ହୋଇଯାଇଛନ୍ତି। ପଶ୍ଚିମ ନେପାଳର ଏକ ଜେଲ୍‌ରେ ସୁରକ୍ଷାକର୍ମୀ ଏବଂ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଠାରେ ପୁଲିସ ଗୁଳିରେ ୫ କଏଦୀ (ନାବାଳକ)ଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶକୁ ଲାଗିଥିବା ନେପାଳୀ ଜିଲ୍ଲା ଏହି ହିଂସାରେ ପ୍ରଭାବିତ ହୋଇଛି। ଏଠାରେ ବୁଧବାର ପୁଣି ହିଂସା ହୋଇଛି। ସରକାରୀ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଜାଳି ଦେଇଛନ୍ତି। କିଛି ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଏହାକୁ ଦେଖି ସୀମାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ନେପାଳ ଜେଲ୍‌ରୁ ଫେରାର ୯ କଏଦୀଙ୍କୁ ମହାରାଜଗଞ୍ଜର ସୋନୌଲି ସୀମାରୁ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଗିରଫ କରିଛି। ସେହିପରି ଲକ୍ଷ୍ମୀପୁର, ମହାରାଜଗଞ୍ଜ ଏବଂ ବହରାଇଚ ସୀମା ସିଲ୍ ହୋଇଥିବାରୁ ଭାରତର ୨୦୦ରୁ ଅଧିକ ଟ୍ରକ୍ ଡ୍ରାଇଭର ନେପାଳରେ ଫସି ରହିଛନ୍ତି। ସେମାନେ ଭୟରେ କାଳତିପାତ କରୁଛନ୍ତି। ହିଂସାରେ ତାଙ୍କ ଟ୍ରକ୍‌କୁ ପୋଡ଼ି ଦେବାର ଭୟ ରହିଛି। ସୋନୌଲି ସୀମାରେ ଭାରତ ଅଭିମୁଖେ ୮ କିମି ପର୍ଯ୍ୟନ୍ତ ଲମ୍ବା ଲାଇନ ଲାଗି ରହିଛି। ଶୀଘ୍ର ଛାଡ଼ିବା ପାଇଁ ସେମାନେ ଏଜେନ୍ସିଗୁଡ଼ିକୁ ଅନୁରୋଧ କରୁଛନ୍ତି। ଅନ୍ୟପଟେ ନେପାଳରେ ଫସିଥିବା ତେଲୁଗୁ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଆନ୍ଧ୍ର ପ୍ରଦେଶ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଦୂତାବାସ ସହ ଯୋଗାଯୋଗ କରି ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି।

### କାଠମାଣ୍ଡୁରେ ଫସିଛନ୍ତି...

କୁଲେଶ୍ୱରରେ ରହୁଥିବା ବେଳେ ପ୍ରକଳ୍ପ କାମ ପାଇଁ ଦକ୍ଷିଣକାଳୀକୁ ଯାଇ ସେଠାରେ ଫସି ରହିଛନ୍ତି। ସେହିପରି ଶ୍ରୀରାମପୁରର ସଂଗ୍ରାମ ମହାପାତ୍ର କାଠମାଣ୍ଡୁରେ ଥିବା ବେଳେ ଆସନ୍ତା ୨୫ତାରିଖରେ ଘରକୁ ଫେରିବାର ଥିଲା। କିନ୍ତୁ ତାଙ୍କ ଫେରିବା ରାସ୍ତା ବନ୍ଦ ହୋଇ ଯାଇଥିବାରୁ ଓ ଫୋନ୍‌ରେ ଯୋଗାଯୋଗ ହୋଇପାରୁନଥିବାରୁ ପତ୍ନୀ ପାର୍ବତୀ ମହାପାତ୍ର ଚିନ୍ତାରେ ପଡ଼ିଛନ୍ତି। ତାଙ୍କ ସ୍ୱାମୀଙ୍କୁ ନିରାପଦରେ ଭାରତ ଫେରାଇ ଆଣିବା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ତରଡିପାଳ ଏବଂ ପେଣ୍ଠପାଳ ପଞ୍ଚାୟତର ଚନ୍ଦନ ବେହେରା, ମାନସ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ସଞ୍ଜୟ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, କଳନ୍ଦୀ ଗୋଛାୟତ, ବିଭୂତି ଭୂଷଣ ଦାସ, ଭାସ୍କର ସେଠୀ, ପ୍ରତାପ ସେଠୀ, ପୁରୁଷୋତ୍ତମ ଦାସ, ଶତ୍ରୁଘ୍ନ ଦାସ, ସୁଦର୍ଶନ ଦାସ, ଦିନେଶ ସେଠୀ, ଭୋଲାନାଥ ସେଠୀ ପ୍ରମୁଖ ବହୁ ଲୋକ ନେପାଳ କାଠମାଣ୍ଡୁରେ ଫସି ରହିଛନ୍ତି।

### ଅକ୍ଟୋବରରୁ ସାରା...

ଭୋଟର ସାମିଲ ପାଇଁ ଏସ୍‌ଆଇଆର୍ ଯୋଗ୍ୟତା ତାରିଖ ଏବଂ ତାଲିକାର ଡିଜିଟାଇଜେସନ ଓ ଅପଲୋଡିଂ ସଂପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଗୋଟିଏ ପୋଲିଂ ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ରୁ ଅଧିକ ହେବା ଉଚିତ ନୁହେଁ ବୋଲି ନିର୍ବାଚନ ଅଧିକାରୀ ମତ ଦେଇଥିଲେ। ବୈଠକରେ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ଉପସ୍ଥାପନ କରିଥିଲେ। ରାଜ୍ୟରେ ଏସ୍‌ଆଇଆର୍ ବେଳେ ଅଧିକାରୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ଏବଂ ଏହାର କିପରି ମୁକାବିଲା କରାଯାଇଥିଲା, ସେସଂପର୍କରେ କହିଥିଲେ। ଏହି ଅବସରରେ ନିର୍ବାଚନ କମିସନ କହିଥିଲେ ଯେ ବିହାରରେ ଏସ୍‌ଆଇଆର୍ ପାଇଁ ଗତବର୍ଷ ଜୁନ୍ ୨୪ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଦେଶର ଅବଶିଷ୍ଟ ଅଞ୍ଚଳ ପାଇଁ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ। ନିର୍ବାଚନ କମିସନ କହିଥିଲେ ଯେ ଏସ୍‌ଆଇଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ।।ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା। ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି, ଯେଉଁମାନେ ଅନ୍ୟ ଅଞ୍ଚଳକୁ ସ୍ଥାୟୀ ଭାବେ ଚାଲିଯାଇଛନ୍ତି, ଯେଉଁମାନଙ୍କର ଦୁଇଟି ସ୍ଥାନରେ ନାମ ରହିଛି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି, ସେମାନଙ୍କ ନାମକୁ ଏହି ପ୍ରକ୍ରିୟାରେ କାଟି ଦିଆଯିବ। ତେବେ ସଂଶୋଧିତ ତାଲିକାରେ ଯେପରି ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯିବ, ସେଥିପାଇଁ ଉଦ୍ୟମ କରାଯିବ। ଏସ୍‌ଆଇଆର।।ରେ ନାମ ପଞ୍ଜୀକରଣ ପାଇଁ କମିସନ ବିହାରରେ ଯେଉଁ ୧୧ଟି ଦସ୍ତାବିଜ ଲୋଡ଼ିଥିଲେ, ସେଥିରେ ଆଧାର ନଥିଲା। ଏହାକୁ ନେଇ ବିବାଦ ଦେଖାଦେବାରୁ ଆଧାରକୁ ଏହି ଦସ୍ତାବିଜ ତାଲିକାରେ ସାମିଲ କରିବାପାଇଁ ସୁପ୍ରିମ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଶିଥିଳ ପଡ଼ିଲା...

ମନରେ ମଧ୍ୟ ଅସନ୍ତୋଷ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋର୍ଡ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି। ଦିନକ ପରେ ସରକାରକୁ ପୂରିବ ୧୫ ମାସ। ମାତ୍ର ମନ୍ତ୍ରୀ ପରିଷଦରେ ଆବଶ୍ୟକ ଥିବା ଆଉ ୬ ମନ୍ତ୍ରୀ ପଦ ସହ ନିଗମ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଏସବୁ ପଦବୀ ପୂରଣରେ ଅହେତୁକ ବିଳମ୍ବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ସରକାର ଓ ସଂଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

### ୩ ବର୍ଷରେ...

ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଥିଲେ ହେଁ ସେମାନେ ଏହାକୁ ଏଡ଼ାଇବାକୁ ବିଳାସପୂର୍ଣ୍ଣ ସାମଗ୍ରୀ ଓ ପ୍ରିମିୟମ ଉତ୍ପାଦଗୁଡ଼ିକରେ କରୁଥିବା ବ୍ୟୟକୁ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଯାହାର ନକରାତ୍ମକ ପ୍ରଭାବ ବଜାର ଉପରେ ପଡ଼ୁଛି। ପାରିବାରିକ ଖର୍ଚ୍ଚ ବୃଦ୍ଧି ଲୋକଙ୍କ ଗ୍ରାହକ ବା ଉପଭୋକ୍ତା ଭାବନାକୁ ଦୁର୍ବଳ କରିଛି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଗ୍ରାହକ ଆତ୍ମବିଶ୍ୱାସ ସୂଚକାଙ୍କ ଗତ ଏକ ବର୍ଷ ମଧ୍ୟରେ ୩%ରୁ ଊର୍ଦ୍ଧ୍ୱ ହ୍ରାସ ପାଇଛି। ୨୦୨୪ ମାର୍ଚ୍ଚରେ ଦେଶରେ ଉପଭୋକ୍ତା ଆତ୍ମବିଶ୍ୱାସ ସୂଚକାଙ୍କ ୯୮.୫% ରହିଥିବାବେଳେ ୨୦୨୫ ମେ ମାସରେ ଏହା ୯୫.୪%କୁ ଖସିଥବା ଦେଖାଯାଇଛି। ଦେଶର ୫୯%ରୁ ଊର୍ଦ୍ଧ୍ୱ ପରିବାର ଆଗାମୀ କେଇମାସ ମଧ୍ୟରେ ସେମାନଙ୍କର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶଙ୍କା କରୁଛନ୍ତି ଓ ୩୦% ଲୋକ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଭବିଷ୍ୟତରେ ଅଧିକ ଖରାପ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଦେଶର ଉପଭୋକ୍ତାମାନେ ଏବେ ସେମାନଙ୍କର ଆୟର ପ୍ରମୁଖ ଅଂଶ ଶିକ୍ଷା, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ ଓ ଋଣ ପରିଶୋଧ ନିମନ୍ତେ ବ୍ୟୟ କରୁଛନ୍ତି। ସେମାନଙ୍କ ପାଖରେ ସଞ୍ଚୟ ପାଇଁ କମ୍ ଅର୍ଥ ରହୁଛି। ଯଦି ଭବିଷ୍ୟତରେ ଅଧିକ ଆୟ ହୁଏ ତେବେ ୫୪ ପ୍ରତିଶତ ପରିବାର ସଞ୍ଚୟ କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ମତ ଦେଇଥିବାବେଳେ ୩୮% ପରିବାର ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହାକୁ ଖର୍ଚ୍ଚ କରିବେ ବୋଲି ମତ ଦେଇଛନ୍ତି। ଅନ୍ୟପକ୍ଷରେ ମାତ୍ର ୭% ପରିବାର ଅଧିକ ଆୟକୁ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ ନିମନ୍ତେ ବ୍ୟବହାର କରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି।

### ପେଟ୍ରୋଲ ଢାଳି...

କରାଯାଇଛି। କୌଣସି କାରଣକୁ ନେଇ ଆଜି ରାତି ପ୍ରାୟ ୯ଟା ବେଳେ ସୂରଜ ମେଣ୍ଟୁ ଛକରେ ପହଞ୍ଚି ନିଜ ସହ ଆଣିଥିବା ପେଟ୍ରୋଲକୁ ଶରୀରରେ ଢାଳିବା ପରେ ନିଆଁ ଲଗାଇ ଦେଇଥିଲେ। ସେ ହୁତୁହୁତୁ ହୋଇ ଜଳୁଥିବା ଦେଖି ଉପସ୍ଥିତ ଲୋକେ ଦୌଡ଼ି ଯାଇ ନିଆଁ ଲିଭାଇଥିଲେ। ତେବେ କ'ଣ ପାଇଁ ସେ ଏପରି ପଦକ୍ଷେପ ନେଲେ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ, ଆଜି ସେ ଇନ୍‌ଷ୍ଟାଗ୍ରାମରେ ଦୁଃଖଭରା ଷ୍ଟାଟସ୍ ଦେବା ସହ 'ମୋର କିଛି ହେଲେ କାହାର ଦୋଷ ନାହିଁ ଲେଖି ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ପ୍ରେମକୁ ନେଇ ଝଗଡ଼ା ପରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଅନୁମାନ କରାଯାଉଛି। ପୁଲିସ ଏନେଇ ଅଧିକ ତଦନ୍ତ ଚଳାଇଛି।

### ସୁଭଦ୍ରାରୁ ୨ ଲକ୍ଷ...

ମଧ୍ୟରୁ ୧୮୦୫ ଜଣ ଜୀବିତ ଥିବା ଜଣାପଡ଼ିଛି। ଅଭିଯୋଗ ପରେ ଏ ବିଷୟରେ ତଦନ୍ତ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଘରକୁ ଘର ବୁଲି ଯାଞ୍ଚ କରାଯିବ। ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ବକେୟା ସହ ୩ କିସ୍ତିର 'ସୁଭଦ୍ରା' ଟଙ୍କା ଏକାଥରକେ ମିଳିବ। ଯେଉଁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି, ପୁଣି ଥରେ ତର୍ଜମା କରାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଜମି ପାଇଁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ କ୍ଷେତ୍ର ଅନୁଧ୍ୟାନ କରାଯିବାକୁ କୁହାଯାଇଛି। ସେହିପରି ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟ କରି ତଦନ୍ତ ରିପୋର୍ଟ ଦେବେ। ଏଥିପାଇଁ ଦୁଇ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରି ପାରିବେ। ତେବେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍‌କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ରକ୍ତ ଭଣ୍ଡାରରେ ଚିହ୍ନଟ...

ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ନିବେଦନ କରାଯାଇଛି। ୨୦୨୩ରେ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସମସ୍ତ ରକ୍ତଭଣ୍ଡାରରେ ଏନ୍‌ଏଟି-ପିସିଆର ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ୧୧ଟି ରକ୍ତଭଣ୍ଡାରରେ ଏହି ସୁବିଧା ରହିଛି। ଏବଂ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଅବଶିଷ୍ଟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ଉପଲବ୍ଧ ହେବ ବୋଲି ସରକାର ଜବାବ ରଖିଥିଲେ।

## ଏମଆରଆଇ ରିପୋର୍ଟ ପ୍ରଦାନରେ ଖାମଖିଆଲି

# ଏମକେସିଜିରେ ରୋଗୀ ହନ୍ତସନ୍ତ

ବ୍ରହ୍ମପୁର, ୧୦।୯ (ସମିସ): ଏମ୍‌କେସିଜି ମେଡ଼ିକାଲରେ ଥିବା ପିଏମ୍‌ଏସ୍‌ଏସ୍‌ୱାଇକୁ ଡାକ୍ତରଙ୍କ ପରାମର୍ଶକ୍ରମେ ଏମ୍‌ଆରଆଇ ପରୀକ୍ଷା କରୁଥିବା ରୋଗୀଙ୍କୁ ସଠିକ ସମୟରେ ରିପୋର୍ଟ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ବହୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେବା ସହିତ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏନେଇ ବୁଧବାର ବହୁ ରୋଗୀ ଏମ୍‌କେସିଜି ମେଡିକାଲର ପ୍ରଶାସକ ସଂଗ୍ରାମ ଶେଖର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛନ୍ତି। ମେଡ଼ିକାଲର ରେଡିଓଲୋଜି ବିଭାଗରେ କାର୍ଯ୍ୟରତ କିଛି ଡାକ୍ତର ଡ୍ୟୁଟି ସମୟରେ ବିଭାଗରେ ନରହି ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରରେ ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଫଳରେ ସଠିକ ସମୟରେ ରୋଗୀଙ୍କୁ ରିପୋର୍ଟ ମିଳୁ ନଥିବା ସେମାନେ



ଦର୍ଶାଇଛନ୍ତି। ରୋଗୀମାନେ ଏମ୍‌ଆରଆଇ ପରୀକ୍ଷା କରି ରିପୋର୍ଟ ପାଇଁ ଏକ ସପ୍ତାହ ଧରି ଅପେକ୍ଷା କରିବାକୁ ପଡ଼ୁଥିବା ଯୋଗୁଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଥିବା କହିଛନ୍ତି। ଫଳରେ ଶିଶୁ, ମେଡ଼ିସିନ ଓ ଇଏନଟି ବିଭାଗ ଭଳି ବହୁ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସକ ଶ୍ରୀପଣ୍ଡାଙ୍କ ଘଟଣାର ତଦନ୍ତ କରିବା ସହ ରେଡ଼ିଓଲୋଜି ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏବଂ ତୁରନ୍ତ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।

## 'ଉତ୍କଳ'ରେ ଉତ୍ତେଜନା ଜାରି

# ଆଜି ଉଚ୍ଛେଦ ହେବ ଜବରଦଖଲ କ୍ୱାର୍ଟର୍ସ



ଭୁବନେଶ୍ୱର, ୧୦।୯(ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ଉତ୍ତେଜନା ଲାଗି ରହିଛି। କ୍ୟାମ୍ପସ୍‌ରୁ ବସ୍ତିଉଚ୍ଛେଦ ସହ ଜବରଦଖଲ ହୋଇଥିବା କ୍ୱାର୍ଟର୍ସ ଏବଂ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କିଛି ଛାତ୍ରଛାତ୍ରୀ ମଙ୍ଗଳବାର ଦିନ କୁଳପତିଙ୍କୁ ଘେରିଥିବା ବେଳେ ଆଜି ମଧ୍ୟ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଲଗାତାର ୩ ଦିନ ହେଲା ବିଶ୍ୱବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିବା ସହ ବ୍ୟାପକ ପୁଲିସ୍ ମୁତୟନ ହୋଇଛନ୍ତି। ଅପରପକ୍ଷରେ, ଆସନ୍ତାକାଲି (ଗୁରୁବାର) ଅବୈଧ ଭାବେ ଅକ୍ତିଆର ହୋଇଥିବା ସମସ୍ତ କ୍ୱାର୍ଟର୍ସକୁ ଜବରଦଖଲମୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ଭଡ଼ାରେ ଲଗାଯାଇଛି। ଚାକିରି ସରିବା ପରେ ମଧ୍ୟ ଅନେକ କର୍ମଚାରୀ କ୍ୟାମ୍ପସ୍‌ରେ ରହୁଛନ୍ତି। ଅନେକ କ୍ୱାର୍ଟର୍ସକୁ ବେଆଇନ ଭାବେ କିଛି କର୍ମଚାରୀ ଓ ବାହାର ଲୋକ କବ୍‌ଜା କରିଛନ୍ତି। ଦୀର୍ଘ ଦିନରୁ ବେଆଇନ ଅକ୍ତିଆର ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଅନୁରୂପ ଭାବେ କ୍ୟାମ୍ପସ୍‌ରେ ଅନେକ ବସ୍ତି ଗଢ଼ିଉଠିଛି।

**କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ ଦାବିରେ ଧାରଣା**

ସେମାନଙ୍କ ପାଇଁ ନିଶା କାରବାର ବଢ଼ିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବାରମ୍ବାର ବିପଦ ସୃଷ୍ଟି କରୁଛି। ଏଣୁ ଶୈକ୍ଷିକ ପ୍ରକ୍ରିୟା ସହ ଜଡ଼ିତ ନଥିବା ସମସ୍ତଙ୍କୁ ବାହାର କରିବାକୁ ସେମାନେ ପୁନଃ ଦାବି କରିବା ସହ ଧାରଣା ଦେଇଛନ୍ତି। ଅପରପକ୍ଷରେ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ କ୍ୟାମ୍ପସ୍‌ରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ଅଲ୍-ଆଉଟ୍ କରାଯିବ ବୋଲି ଦୋହରାଇଛନ୍ତି। ପୂର୍ବରୁ ବେଆଇନ ଭାବେ ଦଖଲ ହୋଇଥିବା କ୍ୱାର୍ଟର୍ସ ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ସମସ୍ତଙ୍କୁ ଉଚ୍ଛେଦ କରାଯିବ ବୋଲି ଧାରଣାରତ ଛାତ୍ରଙ୍କୁ କୁଳପତି କହିଛନ୍ତି। ଅପରପକ୍ଷରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର କ୍ୱାର୍ଟର୍ସ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଜୋନ୍ ଏସିପି ଗଣମାଧ୍ୟମକୁ ସୂଚନା ଦେଇ ଆଇନଶୃଙ୍ଖଳା ବଜାୟ ରଖି ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି। ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ପୁଲିସ୍ ପହରାକୁ ଅଧିକ କଡ଼ାକଡ଼ି କରାଯାଇଛି। ହଷ୍ଟେଲ୍ ସମ୍ମୁଖରେ ଅସ୍ଥାୟୀ କ୍ୟାମ୍ପ କରିବା ସହ ହଷ୍ଟେଲ୍‌କୁ ଅଣଛାତ୍ରଙ୍କ ପ୍ରବେଶ ଉପରେ କଡ଼ା ନଜର ରଖିଛି।

## ୬୨୮ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୦।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ଟପିଛି। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତର ରହିଥିବା ନଦୀବନ୍ଧ ସୂତ୍ରରୁ କୁହାଯାଇଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୨୫ଫୁଟ୍ ରହିଥିଲା। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୩୯୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୨,୨୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬,୩୦୫ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୫୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୧୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୦.୮୯ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୨୫ ଫୁଟ୍ ରହିଥିଲା।


**NOTICE**

By virtue of an affidavit sworn before Executive Magistrate, Birmaharajpur, dated 06/09/2025, I Prashanna Kumar Padhan, At- Kanpur, Po/Ps- Birmaharajpur, Dist- Subarnapur, Pin-767018 declare that I have changed my name from Prasanna Kumar Padhan to Prashanna Kumar Padhan. Henceforth, I shall be known as Prashanna Kumar Padhan for all purposes.

**Prashanna Kumar Padhan**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS2025 033, ତା.21.08.2025ରିଖର

**ଶୁଦ୍ଧିପତ୍ର ସଂ. 01**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** କାର୍ଯ୍ୟ ଶେଷ ହେବା ଅବଧି :

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 18 (ଅଠର) ମାସ | 24 (ଚବିଶି) ମାସ |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-102/CI/25-26

**GOVERNMENT OF ODISHA** A-604

**DEPARTMENT OF WATER RESOURCES**

**'e' Procurement Notice No 03 (BGR) / 2025-26**

| | | |
|---|---|---|
| 1 | Name of work | Construction of Check Dam & Repair and Renovation of M.I.Ps |
| 2 | Total No. of work | 26 (Twenty-Six) |
| 3 | Estimated cost | Rs.12.58 Lakhs to 99.96 Lakhs |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | 10.00 hours of 12.09.2025 to 17.00 hours 21.09.2025 |
| 6 | Last date/ Time for receipt of Bids in the Portal | 21.09.2025 up to 17.00 hours |
| 7 | Date and place of opening of Technical Bid | Dt. 22.09.2025 at 10.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 24.09.2025 |
| 9 | Date of lottery scheduled to be held (If required) | 26.09.2025 |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir. |

Further details can be seen from the e-Procurement Portal "https://tendersodisha.gov.in"

Superintending Engineer, Minor Irrigation Division, Balangir.

OIPR-32550/11/0007/2526

**AFFIDAVIT**

I Susanta Kumar Sahu, aged about 47 years, S/o- Gandharba Sahoo, resident of Shyampur, Near Sum Hospital, PO- Ghatikia, Ps- Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1838, dtd. 09/09/2025 that now onwards I shall be known as **SUSANTA KUMAR SAHOO** for all future purposes.

**AFFIDAVIT**

I Arpita Sahu, aged about 45 years, W/o- Susanta Kumar Sahoo, resident of Shyampur, Near Sum Hospital, PO- Ghatikia, Ps-Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1839, dtd. 09/09/2025 that now onwards I shall be known as **ARPITA SAHOO** for all future purposes.

**AFFIDAVIT**

By virtue of an affidavit No-1489, sworn before the Executive magistrate, Gondia, Dhenkanal on dtd- 08/09/2025, I **Ambuja Dehuri,** S/o- Ratanakar Dehuri, resident of At-Balipasi, Po/Ps- Nihalprasad, Dist- Dhenkanal, Pin-759016. My Aadhar Card bearing No: 3293 5768 8989, My LIC Policy Bond vide No: 585273373 & my SBI Account Passbook vide A/C No: 35711518947. I have changed my name from **Kalandi Dehury** (old name) to **Ambuja Dehuri** (new name). Henceforth both the names Kalandi Dehury and Ambuja Dehuri is one & same person & I will be known as **Ambuja Dehuri** (new name) for all future purposes.

**Ambuja Dehuri**

**NOTICE (for Minor)**

By virtue of an affidavit sworn before Executive Magistrate, Bhubaneswar Dated. 04.09.2025 I Bichitrananda Dalai Address At- Soti, Po- Hatsahi, Ps. Panikoili, Dist- Jajpur, Odisha, pin-755043, declare that i have changed the name of my daughter from Jaeyinaseni Dalai to Jagyanseni Dalai. Henceforth, she shall be known as Jagyanseni Dalai for all purpose.

**Bichitrananda Dalai**

**NOTICE**

By virtue of an affidavit sworn before the Executive Magistrate, Talcher, Dist.-Angul, dated 09th day of September 2025 I, Dipak Debta, At- Ghantapada, Podachalgarh, Po- Ghantapada, Ps – Colliery, Dist.- Angul, Odisha - 759103 declare that I have change my minor son name from ABHINAM DEBATA to ABHINAM DEBTA. Henceforth, my minor son shall be known as ABHINAM DEBTA for all purpose.

**Sd/- Dipak Debta**

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chandrika Mali. Henceforth She will be known as Chandrika Mali for all purposes.

**Sd/- Sanu Mali**

**NOTICE**

By virtue of an affidavit sworn before Executive Magistrate, Udala, Mayurbhanj No-4844, dated 09.09.2025 I, Suryakanta Nayak, Address At- Nandursahi, Po-Sarbanaghaty, Ps- Kaptipada, Dist- Mayurbhanj, Odisha-757077 declare that I have changed my name from Sruyakanta Nayak to Suryakanta Nayak. Henceforth, I will be known as **Suryakanta Nayak** for all purposes.

**AFFIDAVIT**

**I, Jayanta Kumar Giri,** aged about 49 years, son of Pratap Chandra Giri, resident of at Plot No.: 371/4086, Nandighosh Nagar, Sisupal, P.O.: Sisupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, declare that I have changed the name of my daughter from **Sadhanamani Padmagiri** (old name to **Sadhana Manipadma Giri** (new name). Henceforth, she shall be known as **Sadhana Manipadma Giri** (new name) for all purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Bilipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.

(Sd- **MANASI BEHERA**)

**AFFIDAVIT**

By the virtue of an affidavit sworn before Notary Public Daringibadi, Dated 21.08.2025. I JAMINRAJ NAYAK , S/o. AJAYA Nayak, Address Jhimabadi, Po: Partamaha, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from Jaminraj Digal to JAMINRAJ NAYAK son of Ajaya Pradhan to AJAYA NAYAK. Henceforth, I shall be known as JAMINRAJ NAYAK son of AJAYA NAYAK for all purposes.

**AFFIDAVIT**

I, Bijay Kumar Sahu, S/o- Prahallad Chandra Sahoo, Resident of Village- Kundibag, PO- Bhadrak By-Pass, PS- Sabarang, Dist-Bhadrak, Pin -756181, Odisha, declare by this affidavit No -.8365, dated - 09.09.2025, that now on-wards I shall be known as **BIJAY KUMAR SAHOO** for all future purposes.

**AFFIDAVIT**

I, Minarani Sahu, W/o- Bijay Kumar Sahoo, Resident of Village- Kundibag, PO - Bhadrak By- Pass, PS - Sabarang, Dist-Bhadrak, Pin - 756181, Odisha, declare by this affidavit No - 8369, dated - 0 9.09.2025, that now onwards I shall be known as **MEENARANI SAHOO** for all future purposes.

**AFFIDAVIT**

I, Prahallad Chandra Sahu, S/o Late Karunakar Sahoo, Resident of Village- Kundibag, PO-Bhadrak By-Pass, PS-Sabarang, Dist- Bhadrak, Pin - 756181, Odisha, declare by this affidavit No -932, dated - 09.09.2025, that now on-wards I shall be known as **PRAHALLAD CHANDRA SAHOO** for all future purposes.

# ରାଏପାଲିକୁ ପଞ୍ଚାୟତ ମାନ୍ୟତା ଦାବି



ଦେଓଗାଁ,୧୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତ ରାଏପାଲି ଗାଁକୁ ନୂତନ ଭାବେ ପଞ୍ଚାୟତ ମାନ୍ୟତା ପ୍ରଦାନ ପାଇଁ ଦାବି ଉଠିଛି। ରାଏପାଲି ସମେତ ଆଖପାଖ ଗ୍ରାମବାସୀ ବିଡିଓ ପ୍ରିୟରଞ୍ଜନ କୁମାର ଓ ତହସିଲଦାର ନର୍ମଦା ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୪ ଦଶନ୍ଧିରୁ ଅଧିକ ହେଲା ଗାଇବାହାଲ ଓ ଉଡାର ପଞ୍ଚାୟତର ବଣଜଙ୍ଗଲ ଘେରା ୬ଟି ଗାଁ ରାଏପାଲି, ରତନପୁର, ଘୁଚିପାଲି, ଲୁହୁରେନପାଲି, ପଦମପୁର ଓ ବ୍ରାହ୍ମଣୀପାଲି ଗାଁ ରହିଛି। ରାଏପାଲି, ରତନପୁର ଓ ଘୁଚିପାଲି ଆଦି ଗାଁରୁ ପଞ୍ଚାୟତ ମୁଖ୍ୟାଳୟ ଗାଇବାହାଲକୁ ୧୨ରୁ ୧୫ କିମି ଦୂର ହେଉଛି। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ଲକ୍‌ର ବଡ ପଞ୍ଚାୟତ ହିସାବରେ ଗାଇବାହାଲ ଓ ଉଡାର ରହିଥିବା ସ୍ଥଳରେ ରାଏପାଲି ଗାଁକୁ ନୂତନ ପଞ୍ଚାୟତ ଭାବେ ମାନ୍ୟତା ଦେଲେ ସମସ୍ତେ ଉପକୃତ ହୋଇପାରିବେ ବୋଲି ଦାବି ଉଠିଛି।

# ମ.ରାମପୁର ଉଦ୍ୟାନ ବିଭାଗ ଗେଟ୍‌ରେ ତାଲା :ନିରାଶରେ ଫେରୁଛନ୍ତି ଚାଷୀ

ମ.ରାମପୁର,୧୦।୯ (ସମିସ)



କଳାହାଣ୍ଡି ଜିଲ୍ଲା ଠାରେ ଅନ୍ୟ ସମସ୍ତ ବିଭାଗ ପରି ଉଦ୍ୟାନ ବିଭାଗଟିଏ ମଧ୍ୟ ରହିଛି। କିନ୍ତୁ କାର୍ଯ୍ୟାଳୟ ମାସରେ ଯଦି ପାଞ୍ଚ ଦିନ ଖୋଲା ହେଲା ତାହାହେଲେ ଖୁବ୍ ବେଶୀ ଭଳି ମନେ ହୁଏ। ପୂର୍ବରୁ କାର୍ଯ୍ୟାଳୟରେ ସୁରକ୍ଷା ପାଚେରୀ ନଥିବା ଯୋଗୁଁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା କିନ୍ତୁ ଏବେ ସୁରକ୍ଷା ପାଚେରୀ ହେବା ପରେ ଅସାଧୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭାରୀ ସୁହାଉଛି। ଗେଟ୍‌ରେ ତାଲା ଝୁଲେଇ ଦେଇ ନିଜ ମନଇଚ୍ଛା କାମ କରୁଥିବା ଅଭିଯୋଗ ହେଉଛି। ଆଉ ଚାଷୀମାନେ ଦୂର ଦୂରାନ୍ତରରୁ ବିଭିନ୍ନ ଯୋଜନା ପାଇଁ କାର୍ଯ୍ୟାଳୟକୁ ଆସନ୍ତି ଓ ଗେଟ୍‌ରେ ତାଲା ଝୁଲୁଥିବା ଦେଖି ଫେରିଯାନ୍ତି। ମଙ୍ଗଳବାର ମଧ୍ୟ ଜଣେ ବରିଷ୍ଠ ଚାଷୀ କୃଷ୍ଣ ପାତ୍ର,ଉର୍ଲଦାନୀ ପଞ୍ଚାୟତରୁ ହର୍ଲଙ୍ଗା ଗ୍ରାମରୁ ଆସି ଅଫିସ୍‌ରେ ତାଲା ଝୁଲୁଥିବା ଦେଖି ହତାଶ ହେଇ ଫେରିଯାଇଥିଲେ। ଯଦି ବା କିଏ କେମିତି ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟାକରେ, ତେବେ ଆମେ ଫିଲ୍ଡରେ ଅଛୁ ବୋଲି ସହଜ ଓ ସରଳ ଉତ୍ତରଟିଏ ଦେଇ ଖସିଯାନ୍ତି।

ସରକାର ଉଦ୍ୟାନ କୃଷିକୁ ସଶକ୍ତ କରିବା ପାଇଁ ଅନେକ ଯୋଜନା କରିବା ସହିତ ବିଭିନ୍ନ ସୁବିଧା ସୁଯୋଗର ମାଗଣା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅନେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ସଂପୂର୍ଣ୍ଣ ଅବହେଳା ଫଳରେ ତାହାର କିଛି ମାତ୍ର ସୁଫଳ ମିଳିପାରୁନାହିଁ। ବ୍ୟବସାୟିକ ଫୁଲ,ବ୍ୟବସାୟିକ ଫଳ ଠାରୁ ଆରମ୍ଭ କରି ଆଳୁ, ପିଆଜ, ରସୁଣ,ହଳଦୀ ଇତ୍ୟାଦି ଚାଷ କରୁଥିବା ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବାର ନିୟମ ରହିଥିଲେ ସୁଦ୍ଧା ତାହା କେବଳ ଧର୍ମକୁ ଆଖିଠାର। ଗତ ଦୁଇ ମାସ ତଳେ ହଳଦୀ ଚାଷୀଙ୍କୁ ହଳଦୀ ଦେବା ପାଇଁ ଆସିଥିଲା,କିନ୍ତୁ ତାହା ପ୍ରକୃତରେ ଚାଷୀକୁ ଦିଆଯାଇନାହି। ଉକ୍ତ ହଳଦୀକୁ ମଦନପୁର ଫାର୍ମରେ କିଛି ଦିନ ରଖିବା ପରେ ତାକୁ ଗାୟବ କରି ଦିଆଯାଇଥିବା ଜଣାପଡିଛି। କିନ୍ତୁ ଚାଷୀଙ୍କୁ ହଳଦୀ ବାବଦରେ ସବସିଡ ରହିଥିବା ବେଳେ ଏହାକୁ କେବଳ କାଗଜ କଲମରେ ଦେଖାଇ ଦେବା ପାଇଁ ଚାଷୀଙ୍କ ପାଖରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରାଯାଉଥିବା ଦେଖାଯାଇଛି।

ବିଭିନ୍ନ ଯୋଜନାକୁ କେବଳ କାଗଜ କଲମରେ ଦେଖାଯାଇ,ବ୍ୟାପକ ଅନିୟମିତତା କରାଯାଉଥିବା ଜଣାଯାଇଛି। ତେବେ କାର୍ଯ୍ୟାଳୟ ନିୟମିତ ନ ଖୋଲିବା ପ୍ରସଙ୍ଗରେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହେଇନାହିଁ। ତେଣୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ମ.ରାମପୁର ଉଦ୍ୟାନ ବିଭାଗର କାର୍ଯ୍ୟଶୈଳୀ ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ‘କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ’ କମିଟିର ସମୀକ୍ଷା

କଣ୍ଟାବାଞ୍ଜି,୧୦।୯ (ସମିସ): ଆମପଡାସ୍ଥିତ ପୁଟେଲ ଫାର୍ମ ହାଉସ୍‌ରେ କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆବାହକ ପୁଷ୍ପକେତୁ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ। ମନୋଜ ଦାସ, କୈଳାସ ଦୀପ, ସନ୍ତୋଷ ଅଗ୍ରୱାଲ, ତୁଳସୀ ଜଗତ, ଦିନେଶ ମାହାନନ୍ଦ, ପ୍ରଚାରକ ରୋହନ ମହତ, ରଶ୍ମିରଂଜନ ପୁଟେଲ, ରାଜୁ ବାରିକ, ମୋହନ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ତୁରେକେଲା ବ୍ଲକ୍‌ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ତୁରେକେଲା, ୯।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକସ୍ତରୀୟ ନୂଆଁଖାଇ ଭେଟ ଘାଟ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀତ ଅତିଥି ଭାବେ କୁଇବାହାଲ ସରପଞ୍ଚ ବିଳାଶ ପୁଟେଲ, କାର୍ତ୍ତିକେଶ୍ୱର ସାହୁ, ପୂର୍ବତନ ନାଏବ ସରପଞ୍ଚ ଗଙ୍ଗାଧର ମେହେର, ଅମିଲ ପୁଟେଲ, ବଡବାଙ୍କି ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ମକରଧ୍ୱଜ ନିଆଁଲ ପ୍ରମୁଖ ଯୋଗ ଦେଇଥିଲେ। କବିତା ମେହେର, ଭକ୍ତବନ୍ଧୁ ମେହେର, ସାବିତ୍ରୀ ଦାସ, ହାରାବତୀ ମେହେର, ଶୁଭ୍ର ମେହେର, ବିଦେଶୀ ରଣା, ରାମା ମେହେର, ଉର୍ମିଳା ମେହେର, ସୁକୁଲତା ମେହେର, ପ୍ରମିଳା ମେହେର, ମାନସିଂ ମାଝୀ, ରାମେଶ୍ୱର ରଣା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଅବସରରେ କବି ବିମ୍ବାଧର ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। ଗଣପତିପତି ବେହେରା ମଞ୍ଚ ପରିଚାଳନା କରିଥିଲେ। ଭକ୍ତବନ୍ଧୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

ସୁବଲୟା,୧୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ କେନଝରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠଠାରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଚାରାରୋପଣ କାର୍ଯ୍ୟରେ ପ୍ରାୟ ୭୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବ୍ଲକ୍ କୃଷି ଉଦ୍ୟାନ ତରଫରୁ ବିଦ୍ୟାଳୟକୁ ୧୦୦ଟି ଆମ୍ବ, ଲେମ୍ବୁ ପ୍ରଭୃତି ଚାରା ଯୋଗାଯାଇଥିଲା। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥପାଠ କରାଇଥିଲେ। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକଙ୍କ ସମେତ ସହକାରୀ ଶିକ୍ଷକ ଜଗଦିଶ ପଧାନ, ଜୀବର୍ଦ୍ଧନ ରଣା, ମୀନକେତନ ରଣା, କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ ଭୁକ୍ତା ସହଯୋଗ କରିଥିଲେ। ଇକୋ କ୍ଲବ୍ ପ୍ରମୁଖ ଗୌରୀ ଶଙ୍କର ପୁଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କାର୍‌ରୁ ଖଇର କାଠ ଜବତ

କଣ୍ଟାବାଞ୍ଜି,୧୦।୯ (ସମିସ): କଣ୍ଟାବାଞ୍ଜି ରେଞ୍ଜ ଅଧୀନ ସମରସିଂରେ ତୁରେକେଲା ପୁଲିସ ପାଟ୍ରୋଲିଂ ସମୟରେ ଖଇର କାଠ ଲୋଡ୍ ହୋଇଥିବା ଏକ ଗାଡିକୁ ଜବତ କରି ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଛି। କୁଇବାହାଲ ପଞ୍ଚାୟତର ସମରସିଂ ଗାଁ ନିକଟରେ ଏହି କାର ଭିତରେ କିଛି ଖଇର କାଠ ଗଣ୍ଡି ଲୋଡ୍ ହୋଇଥିବା ପୁଲିସ ଦେଖିବାକୁ ପାଇଥିଲେ। ଖବର ପାଇ ବନ କର୍ମଚାରୀ ସମରସିଂ ଗାଁକୁ ଯାଇ କାର ( ଓଆର ୧୪ ଜ୬୯୧୮) ସହ ଖଇର ପାଠ ଜବତ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବଲାଙ୍ଗିର,୧୦।୯ (ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଶାରଦ ବିଜୟ ବହିଦାର, ବିଭାଗୀୟ ମୁଖ୍ୟ ଡ. ରାଜେଶ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। “ଗଣତନ୍ତ୍ରର ପରିଭାଷା ଏବଂ ଭାରତୀୟ ପ୍ରେକ୍ଷାପଟରେ ଏହାର ସଙ୍କଟାପନ୍ନ ସ୍ଥିତି’ ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ବହିଦାର ବିସ୍ତୃତ ଆଲୋଚନା କରିଥିଲେ। ଭାରତବର୍ଷ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ; ହେଲେ ଏହି ବ୍ୟବସ୍ଥାରେ ରୁଗ୍ଣ ମାନସିକତା କାୟା ବିସ୍ତାର କରିଚାଲିଛି। ନିର୍ବାଚନ ଆୟୋଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସୁପ୍ରିମକୋର୍ଟ ଭଳି ଅନୁଷ୍ଠାନଗୁଡ଼ିକ ଚାପମୁକ୍ତ ହେବା ଜରୁରୀ। ଏଗୁଡ଼ିକ ଭାରତୀୟ ଗଣତନ୍ତ୍ରର ସୁରକ୍ଷା କବଚ। ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଏମାନଙ୍କ ଉତ୍ତର ଦାୟିତ୍ୱ ରହିଛି। ଦିନଥିଲା ଶାସନ ବ୍ୟବସ୍ଥା ରାଜାମାନଙ୍କ ନିୟନ୍ତ୍ରଣରେ ଥିଲା। ରାଜାଙ୍କର ବଂଶଧର ହିଁ ଶାସନଗାଦିରେ ବସୁଥିଲେ। କାଳକ୍ରମେ ଧନୀକ ବ୍ୟକ୍ତି ଶାସନକ୍ଷମତା ପାଇବାର ଇଚ୍ଛାକଲେ। ପ୍ରଚାର ସର୍ବସ୍ୱ ରାଜନୀତିର ପ୍ରବେଶ ହେଲା। ଜନସମର୍ଥନ ହାସଲ ପାଇଁ ପ୍ରୋପାଗାଣ୍ଡା ତିଆରି କରାଗଲା। ଏହା ଫଳରେ ବୃହତ୍ ଜନହିତକୁ ଉପେକ୍ଷା କରାଯାଇ ଦମନମୂଳକ ଆଇନଗୁଡ଼ିକ ମଧ୍ୟ ସାମ୍ନାକୁ ଆସିଲା। ଭାରତରେ ମଧ୍ୟ ସାଧାରଣ ସ୍ୱର କ୍ରମେ ନିଷ୍ପ୍ରଭ ହୋଇପଡୁଥିବା ମନେ ହେଉଛି। ଏହା ଗଣତନ୍ତ୍ରରେ ଏକ ସୁସ୍ଥ ପରମ୍ପରା ନୁହେଁ ବୋଲି ଗୁରୁତ୍ୱାରୋପ କରାଯାଇଥିଲା ଅଧ୍ୟାପିକା ସୁଚିତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୧୦।୯ (ସମିସ): ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ କନର୍ଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିତ୍ୟ କୁମାର ପଣ୍ଡାଙ୍କୁ କଳାହାଣ୍ଡି ଜିଲ୍ଲା ସିଟି ସଂଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ନିଖିଳ ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ସଂଘ ଫେଡେରେସନର ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ୍ ଅଧ୍ୟକ୍ଷା କମଳାପାତ୍ର ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରକ୍ଷିଆ ମେହେର ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ, ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବ୍ଲକ୍‌ସାଧନ ସଂଯୋଜକ ସୁବ୍ରଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୁଷଣ ସାହୁ, ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝୀ,ସମିତି ସଭ୍ୟ ରୁପେନ୍ଦ୍ର ଛତ୍ରିଆ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ, ଲାଞ୍ଜିଗଡ଼ ବ୍ଲକ୍ ସିଟି ସଂଘ ସଭାପତି ଅନିଲ ତ୍ରିପାଠୀ, ଶିକ୍ଷକ ନେତା ଦାମୋଦର ସା, ଶିବ ଦାସ,ଶିକ୍ଷାବିତ ଝସ କେତନ ପ୍ରଧାନ, ସମାଜସେବୀ ହରିଶଙ୍କର ପାତ୍ର, କଳାହାଣ୍ଡି ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଂଯୋଜକ ପ୍ରଶାନ୍ତ ନନ୍ଦ,ତପନ ମୁଣ୍ଡ,ସିଆରସିସି ମନୋଜ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀ ଦକ୍ଷ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡାଙ୍କୁ ଗାଁ ପରିକ୍ରମା କରାଇବା ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମକୁ ନିଖିଳ ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଶ୍ରୀ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ରମାକାନ୍ତସାହୁଧନ୍ୟବାଦଅର୍ପଣକରିଥିଲେ।



## ବିଷ୍ଣୁପ୍ରିୟା ଚଣ୍ଡଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଭବାନୀପାଟଣା,୧୦।୯ (ସମିସ):ଗୁରୁଦିବସ ଅବସରରେ ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି।ସମାରୋହରେ ପୁରୁଣାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚଣ୍ଡଙ୍କୁ ଜଣେ ଉତ୍ତମ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଷ୍ଣୁପ୍ରିୟା ଚଣ୍ଡ ନିଜର କାର୍ଯ୍ୟ ଦକ୍ଷତା ବଳରେ ଜଣେ ଉତ୍ତମ ଓ ଆଦର୍ଶ ଶିକ୍ଷୟତ୍ରୀ ରୂପରେ ପରିଚିତ। ଛାତ୍ରଛାତ୍ରୀଙ୍କ ଶିକ୍ଷାରସ୍ତରକୁ ହୃଦୟଙ୍ଗମ କରି ସ୍ୱତନ୍ତ୍ର ଶିକ୍ଷାଦାନ କରିବାରେ ସିଦ୍ଧହସ୍ତା। ସେ ସର୍ବଦା ଆନନ୍ଦମୟ ପରିବେଶରେ ଅଭିନବ ଶିକ୍ଷାଦାନ ଶୈଳୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ପଥରେ କାର୍ଯ୍ୟରତ ଥାଆନ୍ତି। ପିଲାଙ୍କ ପାରିପାର୍ଶ୍ୱିକ ସମସ୍ୟାକୁ ଆଖିରେ ରଖି ଆଦର୍ଶ ଓ ଚରିତ୍ରବାନ ଛାତ୍ରଛାତ୍ରୀ ଗଢି ତୋଳିବା ତାଙ୍କର ଉଦ୍ଦେଶ୍ୟ। ଗତ ୦୬ ତାରିଖ ବାପୁଜୀ କ୍ଲଷ୍ଟରର ସିଆର୍‌ସିସି ସ୍ୱାଧିନୀ ସାହୁ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆରଇଓ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭବାନୀପାଟଣାରେ ବୈଠକ ଆୟୋଜନ ହୋଇଥିଲା।ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ମାଝି, ଜଗଦିଶ ମୁଣ୍ଡ ତଥା ହୃଷୀକେଶ ନାୟକ ଆଦି ଯୋଗ ଦେଇଥିଲେ।ସମାରୋହରେ ପୁରୁଣାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳି ରାଉତ ଓ ଅନ୍ୟ ଶିକ୍ଷୟିତ୍ରୀବୃନ୍ଦ ଶ୍ରୀମତୀ ସୁଜାତା ସିଂ, ଗୀତା ଦେଇ,ମିନତୀ କୁମାର ପ୍ରଧାନ, ରାଜଲକ୍ଷ୍ମୀ ଯୋଶୀ, ଗାୟତ୍ରୀ କୁମାର,ପୁଷ୍ପିତା ପଟ୍ଟନାୟକ,ସୌଦାମଣି ଖମାରୀ,ରୁବିତାଞ୍ଜଳି ପଣ୍ଡା, ଭାରତୀ ନାୟକ, ସଞ୍ଜୁକ୍ତା ଦାଶ, ଆଲ୍ଲାହଦିନ ମୁଣ୍ଡ,ପଲ୍ଲବୀ ଶୁକ୍ଳା, ପ୍ରଣତୀ ବହିଦାର, ପୁଷ୍ପଲତା ନାୟକ ଏବଂ କୁଞ୍ଜଲତା ନାୟକ ଆଦି ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚଣ୍ଡଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣେଇବା ସହିତ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।



## ଦେଓଗାଁରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଦେଓଗାଁ,୧୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସଭାକକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମିନତିରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରିୟ ରଞ୍ଜନ କୁମାର, ସମ୍ମାନୀତ ଅତିଥି ଭାବେ ଗୋଷ୍ଠି ଚିକିତ୍ସା ଅଧିକାରୀ ଡା. ଚିତ୍ତରଞ୍ଜନ ମିଶ୍ର, ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, ପାରାଲିଗାଲ ଭଲ୍ୟୁଣ୍ଟିୟର ବିଦ୍ୟୁତଲତା ଖମାରୀ,ଏବିଇଓ, ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ବାଲ୍ୟ ବିବାହ ଯୋଗୁ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ତଥା ସମସ୍ୟା ଉପରେ ଚିକିତ୍ସା ଅଧିକାରୀ ମିଶ୍ର ସଚେତନ କରିଥିଲେ। ପାରାଲିଗାଲ ସଦସ୍ୟା ଖମାରୀ ବାଲ୍ୟ ବିବାହ ସମ୍ପର୍କିତ ଆଇନ ଓ ଅପରାଧ ସମ୍ପର୍କରେ ଆଲୋଚନା କରିଥିଲେ। ନୂଆଁପାଲି ଅଙ୍ଗନବାଡିକର୍ମୀ ମମତା ଶତପଥୀ ବାଲ୍ୟ ବିବାହ ସମ୍ପର୍କରେ ନିଜସ୍ୱ ମତବ୍ୟକ୍ତ କରିଥିଲେ। ଅନିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଟାଉନ ହଲ୍ ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଫେରାଦ

ବଲାଙ୍ଗିର,୧୦।୯ (ସମିସ): ବଲାଙ୍ଗିର ଟାଉନ ହଲର ସମସ୍ୟା ନେଇ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୯୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଏହି ଟାଉନ ହଲ୍ ଉଦ୍‌ଘାଟନ ହୋଇଥିଲା। ଏବେ ଏହି ଟାଉନ ହଲ୍ ଅଚଳ। ବଲାଙ୍ଗିରର ବୁଦ୍ଧିଜୀବୀ ବିଭିନ୍ନ ସମୟରେ ଏହି ଟାଉନ ହଲର ପୁନରୁଦ୍ଧାର ପାଇଁ ଦାବି କରି ଆସୁଛନ୍ତି। ୭ ବର୍ଷ ହେବ କିନ୍ତୁ କେବଳ ମରାମତି ନାଁରେ ୫ କୋଟିରୁ ଅଧିକ ଟଙ୍କା ସରିଲାଣି। ଏହାର ତଦନ୍ତ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଖୁବ୍ ଶିଘ୍ର ମରାମତି କରିବାକୁ ଦାବି ଦାବି ହୋଇଛି। ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ସୁଶାନ୍ତ ପ୍ରଧାନ, ଶମ୍ଭୁ ଶତପଥୀ ରିଣ୍ଟୁ ସାହୁ ପ୍ରମୁଖ ଉପ ଜିଲ୍ଲାପାଳଙ୍କୁ ଭେଟିଥିଲେ।



## ବେଲପଡ଼ା କଲେଜରେ ସଚେତନତା କାର୍ଯ୍ୟକ୍ରମ

ବେଲପଡା,୧୦।୯ (ସମିସ):ସ୍ଥାନୀୟପଞ୍ଚାୟତସମିତିମହାବିଦ୍ୟାଳୟରେ ଏକାଦଶ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସିଡିପିଓ ବିଦ୍ୟୁତପ୍ରଭା ନାଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ସୌମ୍ୟରଞ୍ଜନ ପଟ୍ଟନାୟକ, ଶଙ୍କର ମେହେର, ସିଆରସିସି (ସୁଲେକେଲା।) ଯଶୋବନ୍ତ କୁମ୍ଭାର, ସିଆରସିସି (ବେଲପଡା ବିପିନ ସିଂ), ମହାବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରାଧ୍ୟାପକ ତନ୍ମୟ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ସୁରେଶ ମେହେର ସଭାପତିତ୍ୱ କରିଥିଲେ। ଛାତ୍ରୀଙ୍କୁ ବାଲ୍ୟ ବିବାହର କୁପରିଣାମ, ଯୌନ ନିର୍ଯାତନା ଆଇନ ଉପରେ କୁହାଯାଇଥିଲା। ସେହିଭଳି ଅଧାରୁ ପାଠ ନ ଛାଡିବାକୁ ପରାମର୍ଶ ଦିଆଯାଇଥିଲା। ଅଧ୍ୟାପକ ସୁଦାମ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



## ନଗର ଯାଦବ ସମାଜର ବୈଠକ

ଭବାନୀପାଟଣା,୧୦।୯ (ସମିସ):ଭବାନୀପାଟଣା ନଗର ଯାଦବ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଥିଲା।ସଭାକାର୍ଯ୍ୟ ପତିରାମ ହଂସ ପରିଚାଳନା କରିଥିଲେ।ସଭାରେ ଭବାନୀପାଟଣାର ବିଭିନ୍ନ ୱାର୍ଡରୁ ବରିଷ୍ଠ ସଭ୍ୟ ଅର୍ଜୁନ ଧଙ୍ଗଡାମାଝୀ, କନ୍ଦର୍ପ ରାଉତ, ସଂକୀର୍ତ୍ତନ ଭାଟି, ସୀତାରାମ ଘି, ସନ୍ତୋଷ ବିଶି, ଦୁର୍ଗ ନିଆଲ, ଧବଳେଶ୍ୱର ବାଗ, ରଥାଙ୍ଗ ବେମାଲ, ଅର୍ଜୁନ ଭାଟି, ରେବତୀ ଖର୍ଶେଲ, ନରେନ୍ଦ୍ର ଘି, ରବିନାରାୟଣ କରୁଆଁ, ପ୍ରଭାତୀ ଜାଲ, ମନୋରଞ୍ଜନ ରଏ, ଘାସିରାମ ବଛା, ସଂଜିତା ରାଉତ, ପରମେଶ୍ୱର କାଣ୍ଡ, ପୂର୍ଣ୍ଣଚନ୍ଦ୍ର ରାଉତ, ବିଶ୍ୱନାଥ ବାଗ, ଅଂକୁର ଯାଦବ ମଞ୍ଚାସୀନ ରହି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ନଗର ଯାଦବ ସମାଜର ଶ୍ରବଣ କୁମାର ଗୁପ୍ତ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ଯାଦବଙ୍କ ସର୍ବାଙ୍ଗୀନ ଉନ୍ନତି ଯଥା ଅବହେଳିତ, ଅସହାୟ, ନିର୍ଯାତିତ ଓ ପ୍ରତାରିତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ, ଗୃହ ଯୋଜନାରୁ ବଞ୍ଚିତ, ଚାକିରି ଏବଂ କର୍ମ ଯୋଗାଣ ତଥା ବ୍ୟବସାୟୀକ ପ୍ରତିଷ୍ଠାନ ପ୍ରତିଷ୍ଠାରେ ଅକ୍ଷମ, ନାରୀ ନିର୍ଯାତନା ପରିବାର ଦ୍ୱାରା ଲାଞ୍ଛିତ ସମୂହ ସମସ୍ୟାର ସମାଧାନ ପାଇଁ ଦୃଢ଼ ସମାଜ ସଂଗଠନର ଆବଶ୍ୟକତା ରହିଛି ବୋଲି ଶ୍ରୀ ଗୁପ୍ତ ପ୍ରକାଶ କରିଥିଲେ। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଭବାନୀପାଟଣା ନଗର ଯାଦବ ସମାଜର ନୂତନ କମିଟି ଗଠନ ନିମନ୍ତେ୧୭ ଜଣିଆ ବରିଷ୍ଠ ସଦସ୍ୟ ଚୟନ କରାଗଲା ଏବଂ ଜିଲ୍ଲାର ଅଭ୍ୟର୍ଦ୍ଧନା କମିଟି ସଭାପତି ଗିରିଧାରୀ ଗୌଡ଼ ଓ କଳାହାଣ୍ଡି ଜିଲ୍ଲାର ପର୍ଯ୍ୟବେକ୍ଷକ ରାଜୁ ଘିବେଲାଙ୍କୁ ସାକ୍ଷାତ କରି ଯଥାଶୀଘ୍ର ଭବାନୀପାଟଣା ନଗର ଯାଦବ ସମାଜର ନୂତନ କମିଟି ଗଠନ ନିମନ୍ତେ ତାରିଖ ଧାର୍ଯ୍ୟ କରିବାପାଇଁ ସୂଚନା ଦେବେ। ଯଦି ଜିଲ୍ଲାର ଅଭ୍ୟର୍ଦ୍ଧନା କମିଟିର ସଭାପତି ଓ ପର୍ଯ୍ୟବେକ୍ଷକ ନୂତନ କମିଟି ଗଠନ ପାଇଁ ଅବହେଳା କରନ୍ତି ତାହେଲେ ଆଜିର ପ୍ରସ୍ତୁତି ବୈଠକର ନିଷ୍ପତ୍ତିକ୍ରମେ ନୂତନ କମିଟି ଗଠନ କରାଯିବ ଏବଂ ଉତ୍କଳ ଯାଦବ ମହାସଭା ପାଖକୁ ଯାଇ ତାହାର ସ୍ୱୀକୃତି ଅଣାଯିବ। ଉମାକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଟିଟିଲାଗଡ,୧୦।୯ (ସମିସ): ଟିଟିଲାଗଡ଼ର ଡିଏଭି ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ର ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ମମତା ଦେବୀ ଜୈନ, ମୁଖ୍ୟବକ୍ତା ଭାବେ ବିଷ୍ଣୁଚରଣ ଚୌଧୁରୀ, ସମ୍ମାନିତ ବକ୍ତା ଭାବେ ଅଚ୍ୟୁତ ପୁରୋହିତ, ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ମେହେର, ଯୁକ୍ତ ଦୁଇ ଅଧ୍ୟକ୍ଷ ଦେବଦତ୍ତ ଗୁରୁ, ପରିଚାଳନା କମିଟିର ପୂର୍ବତନ ସଭାପତି ଡ ଦୋଳଗୋବିନ୍ଦ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଇଂରାଜୀ ପ୍ରାଧ୍ୟାପକ ଦେବଦତ୍ତ ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ଗୋବିନ୍ଦ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରମାକାନ୍ତ ବେହେରା, ଅରୁଣ ପ୍ରଧାନ, କୃଷ୍ଣଚନ୍ଦ୍ର ଶତପଥୀ, ସଞ୍ଜୟ ପଟ୍ଟନାୟକ, ବିପିନ ରାଉତ, ସସ୍ମିତା ପାଣିଗ୍ରାହୀ, ଆଲୋକ ଲକ୍ଷ୍ମୀ ବେହେରା, ଅଳକା ନନ୍ଦା ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

## ବଲାଙ୍ଗିରରେ ଅତିରିକ୍ତ ରେଳ ଡିଭିଜିନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଦାବିକୁ ସାଂସଦଙ୍କ ସମର୍ଥନ

ବଲାଙ୍ଗିର,୧୦।୯ (ସମିସ): ବଲାଙ୍ଗିରରେ ଅତିରିକ୍ତ ରେଳ ଡିଭିଜିନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଦାବିକୁ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ସମର୍ଥନ କରିଛନ୍ତି। ରେଳ ଉପଭୋକ୍ତା ସଂଘ ବୈଠକର ନିଷ୍ପତ୍ତି ଅନୁସାରେ ବଲାଙ୍ଗିରରେ ଇଷ୍ଟକୋଷ୍ଟ ରେଲୱେର ଅତିରିକ୍ତ ଡିଭିଜିନାଲ ରେଲୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି କରି ରେଳମନ୍ତ୍ରୀଙ୍କୁ ଚିଠି କରାଯାଇଥିଲା। ତାହାର ଗୋଟିଏ କପି ସ୍ଥାନୀୟ ସାଂସଦମାନଙ୍କ ଇ-ମେଲକୁ ମଧ୍ୟ ଦିଆଯାଇଥିଲା। ତାହାର ପ୍ରତି ଉତ୍ତରରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗିରରେ ଅତିରିକ୍ତ ଡିଭିଜିନାଲ ରେଲୱେ ମ୍ୟାନେଜର କାର୍ଯ୍ୟାଳୟ ଖୋଲିବାକୁ ରେଳମନ୍ତ୍ରୀଙ୍କୁ ଚିଠି କରିଛନ୍ତି। ଏହାକୁ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘ, ବରଗଡ ରେଳ ଉପଭୋକ୍ତା ସଂଘ, ସୋନପୁର ସଂଘ, ବଲାଙ୍ଗିରର ଅନେକ ସଂଘ ସ୍ୱାଗତ କରିଛନ୍ତି। ଏଥିଲାଗି ପ୍ରଫେସର ତରୁଣ ମିଶ୍ର ରାଜ୍ୟସଭା ସାଂସଦଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ବଲାଙ୍ଗିରରେ ଲିଫ୍ଟ କାମ କଚ୍ଛପ ଗତିରେ ଚାଲିଛି। ବଲାଙ୍ଗିରରୁ ଭୁବନେଶ୍ୱରକୁ ଏକ ସକାଳୁଆ ଟ୍ରେନ, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ ଏବଂ ବଲାଙ୍ଗିରରେ ପିଆଇଟି ଲାଇନ ପାଇଁ ବିଭିନ୍ନ ସମୟରେ ଦାବି ହେଉଛି। ରେଳବାଇ କିନ୍ତୁ କର୍ଣ୍ଣପାତ କରୁନି। ଏଥିପାଇଁ ଆନ୍ଦୋଳନ ହୋଇପାରେ ବୋଲି ପ୍ରଫେସର ମିଶ୍ର ଦର୍ଶାଇଛନ୍ତି।

# ଗାଁ ରାସ୍ତାରେ ବର୍ଷା ପାଣି ଲହଡ଼ି



ମ.ରାମପୁର,୧୦।୯ (ସମିସ):ମଦନପୁର ରାମପୁର ବ୍ଲକ୍ ନୁନପୁର ଗାଁ ପୋଷ୍ଟ ଅଫିସ ପଡା ମୁଖ୍ୟ ରାସ୍ତାର କିଛି କଂକ୍ରିଟ ଅଂଶ ଖାଲ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଉକ୍ତ ପଡ଼ା ମଝିରେ ପ୍ରାୟ ୧୦୦ ମିଟର ଜାଗାରେ ପ୍ରାୟ ୧ ଫୁଟ ପାଣି ରହି ରାସ୍ତାରେ କୃତିମ କେନାଲର ଭ୍ରମ ସୃଷ୍ଟି ହେବା ସହ ପାଣି ନିଷ୍କାସନ ହୋଇ ନପାରି ଦାଣ୍ଡରେ ଅହରହ ଜମି ରହିଛି। ପ୍ରାୟ ୫ ବର୍ଷରୁ ଅଧିକ ହେବ ଏହି ସମସ୍ୟା ଲାଗି ରହିଛି।ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବା ପାଇଁ ପଡ଼ା ବାସୀ ପାଣି କାଦୁଅର ଅସହ୍ୟ ଯନ୍ତ୍ରଣାରେ ନୟାନ୍ତ ହେଲେଣି। ଅନ୍ୟପଟେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜର କୌଣସି ବ୍ୟବସ୍ଥା ନଥିବା ଓ ପଡ଼ାର ଦୁଇ ପାର୍ଶ୍ୱର ଉଚ୍ଚସ୍ତରରେ ପିଚୁ ହେବା ଫଳରେ ପଡ଼ା ମଝିର କଂକ୍ରିଟ ରାସ୍ତା ଖାଲୁଆ ହେଇ ସମସ୍ୟା ହେଉଥିବା ପଡାବାସୀ କହିଛନ୍ତି। ଉକ୍ତ ରାସ୍ତା ଦେଇ ଗୋଟିଏ ପେଟ ଜାତୀୟ ରାଜପଥ ୫୯ ନମ୍ବରକୁ ସଂଯୋଗ କରୁଥିବା ବେଳେ ଅନ୍ୟପଟେ ଶ୍ରୀ ଏଜୁକେଶନ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଛି।ଏହାସହ ନୁନପୁର, ଉଲୁରୁପି, ଜାମବାହାଲି,ଗାଁର ଲୋକେ ନିତ୍ୟ ବିହିବାହାର୍ଯ୍ୟ ସାମଗ୍ରୀ ସକାଶେ ଉକ୍ତ ରାସ୍ତାଦେଇ ମ. ରାମପୁର ସହରକୁ ଯାଇଥାନ୍ତି। ତା ସହ ସାଧାରଣ ଲୋକେ ଯିବା ଆସିବା ସଙ୍ଗେ ସ୍କୁଲ,କଲେଜ୍ ଛାତ୍ରଛାତ୍ରୀ ସେହି ଆଣ୍ଠୁଏ ପାଣି ଭିତର ଦେଇ ପ୍ରତିଦିନ ସ୍କୁଲ, କଲେଜ୍‌କୁ ପାଠ ପଢିବାକୁ ଯାଇଥାନ୍ତି। ବିଶେଷ କରି ପୋଷ୍ଟ ଅଫିସକୁ ଆସୁଥିବା ଲୋକେ ଏଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ୍ ପ୍ରଶାସନ ଗ୍ରାମ୍ୟ ସଡ଼କ ଯୋଜନା ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜମି ରହୁଥିବା ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ନୂତନ ଭାବେ ଏହାରି ଉପରେ କଂକ୍ରିଟ ପକାଇ ଉଚ୍ଚ କରିବା ସହ ଲୋକଙ୍କ ଗମନାଗମନରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।

## ଓଲଟିଲା କାର୍; ଅଳ୍ପକେ ବର୍ତ୍ତିଲେ ୩ ଯୁବକ

**ଡୁଙ୍ଗୁରିପାଲି, ୧୦।୯ (ସମିସ):** ବରଗଡ଼-ବୋରିଗୁମା ୨୬ ନମ୍ବର ଜାତୀୟ ରାଜପଥର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ନିକଟରେ ଭାରସାମ୍ୟ ହରାଇ କ୍ଷେତରେ ଓଲଟି ପଡ଼ିଲା କାର୍। ତେବେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ୩ ଜଣ ଯୁବକ। ସୂଚନାମୁତାବକ, ବରଗଡ଼ ଜିଲ୍ଲା ଭଟଲି ଥାନା ରୁଷିପାଲି ଗ୍ରାମର ଗାଡ଼ି ମାଲିକ ମନବୋଧ ଭୋଇ ଓ ତାଙ୍କ ବନ୍ଧୁ ଏକ ହୋଣ୍ଡାଇ କାର (ଡବ୍ଲ୍ୟୁବି ୫୪ପି ୦୪୦୦) ଯୋଗେ ବଲାଙ୍ଗିର ଯାଉଥିବା ବେଳେ ଖୁଣ୍ଟପାଲି ନିକଟରେ କାର୍ ଭାରସାମ୍ୟ ହରାଇ ବିଲରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ କାର୍ ବସିଥିବା ସମସ୍ତଙ୍କୁ କାର୍ ଭିତରୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡୁଙ୍ଗୁରିପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବୌଦ୍ଧ, ୧୦।୯ (ସମିସ):** ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ଘଟିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ବେଲପଦର ଗ୍ରାମରେ। ମୃତକ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର କର୍ଣ୍ଣ। ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ, ପୂର୍ଣ୍ଣଚନ୍ଦ୍ର କର୍ଣ୍ଣ ଆଜି ନିଜ ଘରେ ଥିବା ଏକ ଟୁଲ୍ ମେସିନ ଦ୍ୱାରା ପାଣି ଲଗାଉଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଘଟଣା ସ୍ଥଳରେ ଅଚେତ ହୋଇପଡ଼ିବା ଫଳରେ ପରିବାର ଲୋକେ ତାଙ୍କୁ ବୌଦ୍ଧ ଜିଲ୍ଲା ଡାକ୍ତଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣଚନ୍ଦ୍ର ପରିବାରରେ ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଦୋକାନରୁ ଟଙ୍କା ଓ ସାମଗ୍ରୀ ଚୋରି

**ବିନିକା, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ବସଷ୍ଟାଣ୍ଡ ସମ୍ମୁଖରେ ଥିବା ମା ମାହେଶ୍ୱରୀ ଫେନସି ଷ୍ଟୋର ଦୋକାନର ସ୍କାଇଲାଇଟ ଭାଙ୍ଗି ଗତକାଲି ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଚୋରି କରିଥିବା ବିନିକା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଆଜି ସକାଳେ ଦୋକାନ ମାଲିକ କପିଳେଶ୍ୱର ପାତ୍ର ଦୋକାନ ଖୋଲିବା ପରେ ଦୋକାନରେ ଥିବା ବିଭିନ୍ନ ପ୍ରକାରର ସାମଗ୍ରୀ ସହ ନଗଦ ୨୨ ହଜାର ଟଙ୍କା ଚୋରି ହୋଇଥିବା ଦେଖିଥିଲେ। ଏନେଇ ଦୋକାନ ମାଲିକ ଶ୍ରୀ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫକ ଟିମକୁ ମଧ୍ୟ ପୋଲିସ ଖବର ଦେଇଥିବା ସୂଚନା ମିଳିଛି।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ସୁବଲୟା, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡିରେ ଚଳିତ ବର୍ଷ ଅକ୍ଟୋବର ୫ ରୁ ୧୫ ତାରିଖ ପର୍ଯ୍ୟନ୍ତ ୪୩ ତମ ଗଜଲକ୍ଷ୍ମୀ ପୂଜା ହେବ। ଏଥିପାଇଁ ବୁଧବାର ଶୁଭଖୁଟଣ୍ଟି ସ୍ଥାପନ ଓ ଦେବତା ବରଣ କରାଯାଇଛି। ଏହି ଅବସରରେ ଗ୍ରାମର ଆରାଧ୍ୟଦେବତା ଜଗନ୍ନାଥଙ୍କ ଠାରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗ୍ରାମର ଖମ୍ବେଶ୍ୱରୀ, ପଞ୍ଚଖଣ୍ଡା, ମାଉଲି, କଳାସି, ବାଉତୀ, କଳିକା, ପଣ୍ଟେଇ, ମେଟାକାନୀ ଗ୍ରାମର ସମସ୍ତ ସାହିର ଭାଗବତ ମନ୍ଦିରରେ ପୂଜାର୍ଚ୍ଚନା କରି ଦେବତା ବରଣ ଓ ଆଜ୍ଞାମାଳ ଅଣାଯାଇଥିଲା। ଶେଷରେ ଗଜଲକ୍ଷ୍ମୀ ପୂଜା ପଡ଼ିଆରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ପୂଜକ ଭାବେ ପ୍ରମୋଦ କୁମାର ପଣ୍ଡା, ପ୍ରଦୀପ କୁମାର ରଥ, ଗୌରାଙ୍ଗ ଦେହୁରୀ, ମାଗୁଣି ଖେତୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟିର ସଭ୍ୟ ସନ୍ତୋଷ ସମର୍ଥ, ସୌମ୍ୟରଞ୍ଜନ ରଥ, ବରୁଣ ମଲ୍ଲିକ ଓ ଶାନ୍ତନୁ ଦେହୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର

**ବୀରମହାରାଜପୁର, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର କଲ୍ୟାଣ ମଣ୍ଡପଠାରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆଜି ବୀରମହାରାଜପୁର ବ୍ଲକର ୧୫ ଗୋଟି ଗ୍ରାମ ପଞ୍ଚାୟତର ୪୫୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ମହିଳା ଓ ଯୁବକ ଯୁବତୀ ଯୋଗଦେଇଥିଲେ। ଉକ୍ତ ଶିବିରରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ବୀରମହାରାଜପୁର ଡାକ୍ତରଖାନାର ଡାକ୍ତର ମିଳିତ ଭାବରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ଇନଚାର୍ଜ ବିଡ଼ିଓ ପୁରୁଷୋତ୍ତମ ଧରୁଆ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡେପୁଟି କଲେକ୍ଟର ତଥା ସ୍ପୋର୍ଟଅଫିସର ଚିତ୍ତରଞ୍ଜନ ମିଶ୍ର, ବୀରମହାରାଜପୁର ବ୍ଲକ ସମାଜ ମଙ୍ଗଳ ସହକାରୀ ଅଧିକାରୀ ସୀମାରାଣୀ ପଣ୍ଡା, ପିଇଓ, ଅଙ୍ଗନବାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ସୁବଲୟା/ବୀରମହାରାଜପୁର, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଲୟା ପଞ୍ଚାୟତସ୍ତରୀୟ ସଂଘ ପକ୍ଷରୁ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରୀ ସୁଶାନ୍ତ କୁମାର ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ବୀରମହାରାଜପୁର ବନାଞ୍ଚଳ ଅଧିକାରୀ ଅଭିନାଶ ବେରିହା ଓ ଫରେଷ୍ଟର ନିରଞ୍ଜନ ପଧାନଙ୍କ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ରଥ ତିଆରି ହେଉଥିବା ଫାସୀ, ଡୁମ୍ବୁରୀ ଭଳି ବିଭିନ୍ନ ବୃକ୍ଷ ଚାରା ଯୋଗାଇ ଦିଆଯାଇଥିଲା। ଏଥିରେ ସଂଘର ସଭାନେତ୍ରୀ ମୀରା ବାରିକ, ଏମ୍‌ବିକେ ବବିତା ରାଣୀ ମହାପାତ୍ର, ବ୍ୟାଙ୍କମିତ୍ର ଇନ୍ଦୁମତୀ ତାଣ୍ଡିଆ, ସିଆରପି ରେଖା ନାଏକ, ଦମୟନ୍ତୀ ମେହେର, ଝରଣା ଦାଶ, ତପସ୍ୱିନି ମହାନନ୍ଦ, ସୁମତି ମେହେର, ଆସିଲା ସଭ୍ୟା ଗୀତାଞ୍ଜଳି ବେହେରା, ଜିତା ମେହେର, ସୀମା ମେହେର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଞ୍ଚାୟତ ନିର୍ବାଚନ ପାଇଁ ଆପ୍‌ର ପ୍ରସ୍ତୁତି

**ବୀରମହାରାଜପୁର, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାସଭାର ଉଲୁଣ୍ଡା, ବିନିକା ଓ ବୀରମହାରାଜପୁରରେ ଆମ୍ ଆଦମୀ ପାର୍ଟି(ଆପ୍)ର ସମସ୍ତ କର୍ମୀମାନଙ୍କୁ ନେଇ ପୂର୍ତ୍ତ ବିଭାଗଠାରେ ଏକ ସଭା ହୋଇଥଲା। ଏଥିରେ ଆଗକୁ ପଞ୍ଚାୟତ ନିର୍ବାଚନରେ କିପରି ଆମ୍ ଆଦମୀ ପାର୍ଟି ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକରେ ନିର୍ବାଚନ ଲଢ଼ି ବିଜୟ ଲାଭ କରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଲୋକଙ୍କ ଅଧିକାର ପାଇଁ ଦଳ ତରଫରୁ ଲଢ଼େଇ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ ଆମ୍‌ଆଦମୀ ପାର୍ଟିର ସୁବର୍ଣ୍ଣପୁର ଜିଲ୍ଲା ଉପସଭାପତି ପୃଥୁରାଜ୍ ଜଗଦଳା, ରାଜ୍ୟ ସମ୍ପାଦକ ଭାବନି ସହୁ, ସୁବର୍ଣ୍ଣପୁର ବ୍ଲକ ସଭାପତି ସତ୍ୟନାରାୟଣ ରଥ, ସମ୍ପାଦକ ଅଭିମନ୍ୟୁ ଡାଙ୍ଗ, ଉଲୁଣ୍ଡା ସଭାପତି ରଞ୍ଜନ ମେହେର, ବୀରମହାରାଜପୁର ବ୍ଲକ ସଭାପତି ମାଧବ ମହାକୁର, ପର୍ଯ୍ୟବେକ୍ଷକ ଘନଶ୍ୟାମ ଭୋଇ ଉପସ୍ଥିତି ଥିଲେ।

## ଗୋକୁଳାଷ୍ଟମୀ ମହୋତ୍ସବ ପାଇଁ ପ୍ରସ୍ତୁତି

**ବିନିକା, ୧୦।୯ (ସମିସ):** ବିନିକା କଂସାରିପଡ଼ାର ବ୍ରଜବିହାରୀ ନୃତ୍ୟ କଳା ପରିଷଦ ତରଫରୁ ଗୋକୁଳାଷ୍ଟମୀ ମହୋତ୍ସବ ଆସନ୍ତା ନଭେମ୍ବର ମାସ ୯ ରୁ ୧୬ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ହେବ। ଏଥର ମହୋତ୍ସବକୁ ଆକର୍ଷଣୀୟ ତଥା ମହାଆଡମ୍ବରରେ ପାଳନ କରିବା ନେଇ ଆଜି ଏକ ପ୍ରସ୍ତୁତି ବୈଠକ କମିଟି ସଭାପତି ମନୋଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସଦସ୍ୟ ଯୋଗଦେଇ ଯାତ୍ରା ଆୟୋଜନ ଏବଂ ତାର ସଫଳତା ନେଇ ଆଲୋଚନା କରିଥିଲେ। ଶେଷରେ କମିଟି ସମ୍ପାଦକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାରେ ଖାଲି ପଡ଼ିଛି ପ୍ରାଣୀ ସହାୟକ ପଦବୀ

# ୩୬ ଜାଗାରେ ଅଛନ୍ତି ୧୫ ପ୍ରାଣୀ ସହାୟକ

**ବୌଦ୍ଧ, ୧୦।୯ (ସମିସ)**

ପ୍ରାଣୀ ସମ୍ପଦର ସୁରକ୍ଷା ଓ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାନ କରିଛନ୍ତି। ସେଥିପାଇଁ ପ୍ରାଣୀ ଚିକିତ୍ସା କେନ୍ଦ୍ର ଓ ପ୍ରାଣୀ ସହାୟତା କେନ୍ଦ୍ର ମାନ ସ୍ଥାପନ କରି ପ୍ରାଣୀର ସୁରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ବୌଦ୍ଧ ଜିଲ୍ଲାରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ପ୍ରାଣୀ ସହାୟକ ପଦବୀ ଖାଲିପଡ଼ିଛି। ଜିଲ୍ଲାରେ ୭ଟି ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଥିବା ବେଳେ ୩୬ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଛି। ୩୬ଟି ପ୍ରାଣୀ ସହାୟକ ପଦବି ମଧ୍ୟରୁ ୧୫ ଜଣ ପ୍ରାଣୀ ସହାୟକ ରହିଛନ୍ତି। ୨୧ଟି ପ୍ରାଣୀ ସହାୟକ ପଦବି ଖାଲି ପଡ଼ିଛି। ଯାହାଫଳରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ସମସ୍ୟା ଦେଖାଦେଇଛି। ଜିଲ୍ଲାରେ ବିଭାଗ ପକ୍ଷରୁ ଖାଲିଥିବା ପଦବି ନେଇ ସରକାରଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଇଥିଲେ ମଧ୍ୟ ପଦବି ପୂରଣ ହୋଇପାରିନାହିଁ। ଯାହାଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାର କାମାଳ, ମନମୁଣ୍ଡା, ବୌଦ୍ଧ, ବାଉଁଶୁଣୀ, ବଘିଆପଡ଼ା, ପୁରୁଣାକଟକ ଓ ହରଭଙ୍ଗାଠାରେ ପ୍ରାଣୀ ଚିକିତ୍ସା କେନ୍ଦ୍ରମାନ ରହିଛି। ସେହିପରି ପ୍ରାଣୀ ଚିକିତ୍ସା ଅନ୍ୟାନ୍ୟ ସୁବିଧା ପାଇଁ କାମାଳ ବ୍ଲକରେ ୧୩ଟି, ବୌଦ୍ଧ ବ୍ଲକରେ ୧୨ଟି ଓ ହରଭଙ୍ଗା ବ୍ଲକରେ ୧୧ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଛି। କୌଣସି ପ୍ରାଣୀକୁ କିଛି ରୋଗ ହେଲେ ମାଲିକ ପ୍ରଥମେ ଘର ପାଖରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରକୁ ଯାଇଥାନ୍ତି। କେନ୍ଦ୍ରରେ ପ୍ରାଣୀ ସହାୟକ ନ ଥିବାରୁ ଚିକିତ୍ସା ନ ପାଇ ନିରାଶ ହୋଇ ଫେରୁଛନ୍ତି। ଜିଲ୍ଲାରେ ପ୍ରାଣୀ ସହାୟକ ପଦବି ଖାଲି ପଡ଼ିଥିବାରୁ ଜଣେ ଜଣେ ପ୍ରାଣୀ ସହାୟକଙ୍କୁ ଅଧିକ ଗୋଟିଏ ଗୋଟିଏ ପ୍ରାଣୀ ସହାୟକ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଯାହାଦ୍ୱାରା ସେମାନେ ନିଜେ କେଉଁ ସ୍ଥାନରେ ଡ୍ୟୁଟି କରିବେ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏପରିକି ବେଳେ ବେଳେ ଲୋକଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛନ୍ତି। ଖାଲି ପଡ଼ିଥିବା ପ୍ରାଣୀ ସହାୟକ କେନ୍ଦ୍ର ଗୁଡିକରେ ଦୀର୍ଘ ଦିନ ପର୍ଯ୍ୟନ୍ତ ତାଲା ପଡ଼ିରହୁଛି। ଯାହାଫଳରେ ପାଳକମାନେ ସେମାନଙ୍କ ଗୃହପାଳିତ ପ୍ରାଣୀମାନଙ୍କୁ କେଉଁଠିକୁ ଚିକିତ୍ସା ପାଇଁ ନେବେ ତାକୁ ନେଇ ଚିନ୍ତାରେ ପଡ଼ିଯାଇଥାନ୍ତି। ଜିଲ୍ଲାରେ ୨୦୧୯ ପ୍ରାଣୀ ଜନଗଣନା ସୂଚନା ଅନୁଯାଇ ଗୋରୁଗାଈଙ୍କ ସଂଖ୍ୟା ୭୮୪୬୮ ରହିଥିବା ବେଳେ ମଇଁଷି ସଂଖ୍ୟା ୩୨୧୬ ଓ ମେଣ୍ଢା ସଂଖ୍ୟା ୫୨୯୫୧ ରହିଛି। ସେହିପରି ଛେଳି ସଂଖ୍ୟା ୧୨୭୩୭୭ ରହିଥିବା ବେଳେ ଘୁଷୁରୀ ସଂଖ୍ୟା ୨୪୬ ରହିଛି। ତାହାଛଡା କୁକୁର, ବିଲେଇ, ଠେକୁଆ, କୁକୁଡା, ବତକ, ବିଭିନ୍ନ ପକ୍ଷୀ ରହିଛନ୍ତି। ଏପରିକି କେଉଁଠି ପ୍ରାଣୀ ସହାୟକ କେନ୍ଦ୍ର ଭୂତକୋଠି ପାଲଟିଗଲାଣି ତ ଆଉ କେଉଁଠି ଦୀର୍ଘ ଦିନ ଧରି ବନ୍ଦ ରହିବା ଫଳରେ ଭାଙ୍ଗିରୁଜି ଜିରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତେଣୁ ସରକାର ଜିଲ୍ଲାରେ ଖାଲି ପଡ଼ିଥିବା ପ୍ରାଣୀ ସହାୟକ ପଦବୀ ଗୁଡିକ ପୂରଣ କରିବା ସହ ପ୍ରାଣୀ ସହାୟକ କେନ୍ଦ୍ର ଗୁଡିକର ମରାମତି କରିବାକୁ ଦାବି ହୋଇଛି।

## ହତ୍ୟା ମାମଲାରେ ୨ ଗିରଫ

**ବୀରମହାରାଜପୁର, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମେଣ୍ଡାମାଲ ଗ୍ରାମରେ ଗତ ଅଗଷ୍ଟ ୨୯ ତାରିଖରେ ବାଘମାରି ଗ୍ରାମର ଅଜିତ କୁମାର ଖଣ୍ଡଗିରୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବୀରମହାରାଜପୁର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ରଙ୍କ କାକା ମେଣ୍ଡାମାଳର ଲକ୍ଷ୍ମଣ ପାତ୍ର(୫୨) ଓ ଭିଣୋଇ ଜାମଗାଆଁର ସୁରେଶ



ମହାକୁଡ (୪୧)। ବୀରମହାରାଜପୁର ଉଭୟଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ସହ ଉକ୍ତ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୁଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ରାଉରକେଲା ବାଳସୁଧାର କେନ୍ଦ୍ରକୁ ପଠାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦେବେନ୍ଦ୍ର ପାତ୍ର କୋର୍ଟରେ ଆତ୍ମସମର୍ପଣ କରିବା ପରେ ବୀରମହାରାଜପୁର ଥାନା ପୋଲିସ ତାକୁ ୪ ଦିନିଆ ରିମାଣ୍ଡରରେ ଆଣି ପଚରାଉଚରା କରିଥିଲେ। ମେଣ୍ଡାମାଲ୍ ଠାରେ ବାଗମାରି ଗ୍ରାମର ଅଜିତ କୁମାର ଖଣ୍ଡଗିରୀଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏନେଇ ମୃତକଙ୍କ ଭାଇ ସଞ୍ଜିତ୍ ଖଣ୍ଡଗିରୀଙ୍କ ଏତଲା ଆଧାରରେ ବୀରମହାରାଜପୁର ଥାନାରେ ହତ୍ୟା ମାମଲା କେଶ୍ ନଂ -୧୯୧/୨୫ ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହଛନ୍ତି।

## ବିଡ଼ିଓଙ୍କ ଖମନମୁଣ୍ଡା ପଞ୍ଚାୟତ ପରିଦର୍ଶନ

**ଶଗଡ଼ା, ୧୦।୯ (ସମିସ):** କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡି ଆଜି ଖମନମୁଣ୍ଡା ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମା’ ପାଇଁ ଗଛ ଟିଏ ଯୋଜନାର ସମୀକ୍ଷା କରିବା ସହ କିଭଳି ଅଧିକରୁ ଅଧିକ ଲୋକ ଏହି ଯୋଜନାରେ ସାମିଲ ହେବେ ଏବଂ ଯୋଜନାର ସଫଳ ରୂପାୟନ ହୋଇପାରିବ ସେଥିପାଇଁ ପରାମର୍ଶ ଦେଇଥିଲେ। ପରେ ବିଡ଼ିଓ ଦ୍ୱିଗୁଣମାଳ ହାଇସ୍କୁଲ ପରିଦର୍ଶନ କରି ପାଠପଢ଼ା ବାବଦରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକଙ୍କୁ ବ୍ୟବହାରିକ



ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଖମନ ମୁଣ୍ଡା ସରପଞ୍ଚ ଅଳକା ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତର ପ୍ରତିଯୋଗିତାରେ ଭାଗନେବେ ପ୍ରୀତିମୟୀ ଭୁକ୍ତା

**ସୁବଲୟା, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମର ପ୍ରିତିମୟୀ ଭୁକ୍ତା ଜାତୀୟସ୍ତରର ପ୍ରତିଯୋଗିତାରେ ମନୋନୀତ ହୋଇଛନ୍ତି। କଟକଠାରେ ରାଜ୍ୟ ଦୌଡକୁଦ ସଂଘ



ଦ୍ୱାରା ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ୧୮ ବର୍ଷ ରୁ କମ୍ ଦୌଡ଼କୁଦ ଚୟନ ପ୍ରତିଯୋଗିତାରେ ୧୦୦୦ ମିଟର ଦୌଡରେ ଦମଦାର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଝାଡ଼ଖଣ୍ଡ ରାଞ୍ଚିଠାରେ ଆସନ୍ତା ସେପ୍ଟେମ୍ବର ୨୨ ରୁ ୨୪ ତାରିଖରୁ ଅନୁଷ୍ଠିତ ହେଉଥିବା ଇଷ୍ଟ ଜୋନ୍ ଦୌଡକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ସେ ସଂଗ୍ରାମପୁର ଗ୍ରାମର ପିତା ସୁରେନ୍ଦ୍ର ଭୁକ୍ତା ଓ ମାତା ଅର୍ଚ୍ଚନା ଭୁକ୍ତାଙ୍କ ଝିଅ ଅଟନ୍ତି। ଅନେକଥର ଦୌଡ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃଷକ ପରିବାରର ଝିଅ ପ୍ରୀତିଙ୍କ ଏହି ସଫଳତା ପରେ ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି। ସବୁ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି

## ତହସିଲ ଅଫିସ ଘେରିଲେ ଗୌଡଗାଡ଼ ଗ୍ରାମବାସୀ



**ବୀରମହାରାଜପୁର, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଗୌଡ ଗାଡ ଗ୍ରାମରେ ଖେଳ ପଡ଼ିଆ ନିକଟରେ ଥିବା ଗୋଚର ଜମିକୁ କିଛି ଲୋକ ଦିନକୁ ଦିନ ଜୋର୍‌ଜବରଦସ୍ତ ଜବରଦଖଲ କରି ଆସୁଥିବାରୁ ଉଚ୍ଛେଦ କରିବା ପ୍ରତିବାଦରେ ଆଜି ଗୌଡଗାଡ଼ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବୀରମହାରାଜପୁର ତହସିଲ ଅଫିସ ଘେରଉ କରିଥିଲେ। ଗ୍ରାମରେ ଥିବା ଗୋଚର ଜମିକୁ କିଛି ଲୋକେ ଜବରଦଖଲ କରିଆସୁଥିବାରୁ ଗୋଚର ଜମି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଜବର ଦଖଲକାରୀଙ୍କୁ ୭ ଦିନ ଭିତରେ ଉଚ୍ଛେଦ ନ କଲେ ଆଗମୀ ଦିନରେ ତହସିଲ ଅଫିସ ଘେରଉ ସହ ରାସ୍ତା ରୋକ କରିବାକୁ ଗ୍ରାମବାସୀ ଚେତାବନୀ ଶୁଣାଇଥିଲେ। ତହସିଲଦାର ଶୁଚିସ୍ମିତା ପାଣିଗ୍ରାହି ଆସନ୍ତା ୧୫ ଦିନ ଭିତରେ ଜବରଦଖଲକାରୀଙ୍କୁ ସରକାରୀ ନିୟମ ଅନୁସାରେ ଉଚ୍ଛେଦ କରିବା ସହ ବିଡ଼ିଓଙ୍କୁ କହି ଗୋଚର ଜମିକୁ ସଂରକ୍ଷିତ ରଖିବା ପାଇଁ ଚାରିପଟେ ତାରଜାଲି ଦେବାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ କାରିମାନେ ଘେରଉରୁ ଓହରି ଥିଲେ।

## ତ୍ରୀପୁରାସୁର ଦରବାର ପାଇଁ କଳାକାରବରଣ

**ସୁବଲୟା, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବଡଖମାର ମା’ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ତ୍ରିପୁରାସୁର ଦରବାର ଉପଲକ୍ଷେ ବୁଧବାର କଳାକାର ବରଣ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ସହ ଗୁଆ, ନଡ଼ିଆ ଓ ଉପଢୌକନ ଦେଇ ତ୍ରିପୁରାସୁର ଭୂମିକା ଅଭିନୟ କରୁଥିବା କଳାକାର ମନୋରଞ୍ଜନ ଚିରଗୁନକୁ ବରଣ କରାଯାଇଥିଲା। ଏଥିରେ ସୁଶାନ୍ତ କୁମାର ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ। ଆସନ୍ତା ଅକ୍ଟୋବର ୨୦ ଠାରୁ ଉକ୍ତ ଦରବାର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ନେଇ କମିଟି ପକ୍ଷରୁ ସୂଚନା ରହିଛି। ଏଥିରେ କମିଟି ସଭାପତି ଗୌରୀଶଙ୍କର ପାଣିଗ୍ରାହୀ, ସମ୍ପାଦକ ସଞ୍ଜିବ କୁମାର ସାହୁ, ମୁଖ୍ୟ ପରିଚାଳକ ବିନୋବା ନନ୍ଦ ପ୍ରଧାନ, ସୁଧିର ପାଣିଗ୍ରାହୀ, ସହଦେବ ମହାକୁର, ଆଶିଷ କୁମାର ସାହୁ, ଗଣେଷ ବେହେରା, ଯଜ୍ଞେଶ୍ୱର ନାଏକ, ରହିମ ପ୍ରଧାନ, ଉମାକାନ୍ତ ଭୋଇ, ମହାଦେବ ସାହୁ, ସୁରେନ୍ଦ୍ର ପ୍ରଧାନ, ବାବୁ କର୍ଣ୍ଣ, ମନୋଜ କର୍ମୀ, ଗୋକୁଳାନନ୍ଦ ସାହୁ, ଶ୍ରବଣ ସାହୁ, ଜଗଦିଶ ଛନ୍ଦ, କୁଶ ମହାକୁର, ଅଶ୍ୱିନୀ କର୍ଣ୍ଣ, ଟିମନ କର୍ମୀ, ସଦାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ।

## ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର



**ଶଗଡ଼ା, ୧୦।୯ (ସମିସ):** କଣ୍ଟାମାଳ ବ୍ଲକ ସ୍ଥିତ କଲ୍ୟାଣମଣ୍ଡପଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆରମ୍ଭ’ କଣ୍ଟାମାଳ ଏବଂ ସମ୍ବଲପୁରର ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବରେ ଓକିଲ ସଙ୍ଘ ସଭାପତି ଦୂତିଆ ଚରଣ ସାହୁ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଆଇନଜୀବୀ ସୁରେଶ ଚନ୍ଦ୍ର ରଣା, ସାଂସଦ ପ୍ରତିନିଧି ଦୀପକ ବାରିକ, ନବୀନ ମହାପାତ୍ର, ଯୁଗଳ ସାହୁ, କୃଷ୍ଣଚନ୍ଦ୍ର କହଁର, ଶେଷଦେବ ବଗର୍ତ୍ତୀ, ଖଲିଆପାଲି ସରପଞ୍ଚ ପ୍ରତିନିଧି ମଧୁସୂଦନ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଓ ଟେକନିସିଆନ ଟିମ ଦ୍ୱାରା ମୋଟ ପଞ୍ଜିକୃତ ୧୭୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ନେତ୍ରାଳୟକୁ ମାଗଣାରେ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଯଦୁବିହାରୀ ବାଘ ଓ ଉମେଶ ରଣା ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ବାରିକ, ଶିବ ପ୍ରସାଦ ରଥ, ଠାକୁର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ଅନିଶ୍ଚିତତାରେ ୨୧ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

**ବୌଦ୍ଧ, ୧୦।୯ (ସମିସ):** ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା, ଉନ୍ନତ ଭିତ୍ତିଭୂମି, ଶିକ୍ଷା ଓ ସାମଗ୍ରୀକ ବିକାଶ ପାଇଁ ନିର୍ବାଚନ ପୂର୍ବରୁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ। ନିର୍ବାଚନ ପରେ ସରକାରକୁ ଆସିବା ପରେ ଏହି ଯୋଜନାର କାର୍ଯ୍ୟକାରୀ ଆରମ୍ଭ କରାଯାଇଛି। ଏହାର ନାମ କରଣ ମଧ୍ୟ କରାଯାଇ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ରାଜ୍ୟର ପ୍ରତି ପଞ୍ଚାୟତସଦରରେ ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଯୋଜନା ଆରମ୍ଭ ହୋଇଯାଇଛି। ଏହି ବିଦ୍ୟାଳୟ ଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଏହି କ୍ରମରେ ବୌଦ୍ଧଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ୨୧ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଯୋଜନା ରହିଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରହିବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ହରଭଙ୍ଗା ବ୍ଲକର ପୁରୁଣାକଟକ ୟୁପିଏସକୁ ସାମିଲ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ଓ କାମାଳ ବ୍ଲକର ୭ଟି ଲେଖାଁଏ ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ହରଭଙ୍ଗା ବ୍ଲକର ୬ଟି ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରାଯାଇଛି। ସେଥିମଧ୍ୟରୁ ୫ଟି ସ୍କୁଲକୁ ଶିଳାନ୍ୟାଶ ପାଇଁ ପ୍ରସ୍ତୁତ କରାଯାଇଛି। ହେଲେ ବର୍ତ୍ତମାନ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଯେଉଁ ଗାଇଡଲାଇନ୍ ଜାରି କରିଛନ୍ତି ଓ ସେହି ଗାଇଡ ଲାଇନ ମଧ୍ୟରେ ଜିଲ୍ଲାର ଗୋଟିଏ ବି ବିଦ୍ୟାଳୟ ଆସୁନଥିବା ଜଣାପଡ଼ିଛି। ଯାହାକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱନ୍ଦ୍ୱରେ ରହିଥିବା ବେଳେ ଜିଲ୍ଲାରେ ଏହି ବିଦ୍ୟାଳୟର ବାସ୍ତବତା ଅନିଶ୍ଚିତତା ଘେରରୁ ଚାଲିଯାଉଥିବା ଚର୍ଚ୍ଚା ହେଉଛି। ଗାଇଡଲାଇନ ଭିତରେ ଗୋଟିଏ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ପିଲା ରହିଥିବା ଏବଂ ବିଦ୍ୟାଳୟର ୨ ଏକର ଖାଲି ଜାଗା ରହିଥିବା ଭଳି ସର୍ତ୍ତ ଉଲ୍ଲେଖ ରହିଛି। ଯାହାଦ୍ୱାରା ସରକାର ସେହି ଖାଲି ଥିବା ସ୍ଥାନ ଗୁଡ଼ିକରେ ଶିକ୍ଷାର ଭିତ୍ତିଭୂମି ତିଆରି କରିବେ। ଜିଲ୍ଲାର କୌଣସି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଭିତରେ ୧୦୦ ପିଲା ନ ଥିବା ବେଳେ ୨ ଏକର ଖାଲି ଜାଗା ନାହିଁ। ଆଦର୍ଶ ବିଦ୍ୟାଳୟ ପାଇଁ ଶିକ୍ଷା ବିଭାଗ ପ୍ରସ୍ତୁତ ହେଉଥିବା ବେଳେ ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ବର୍ତ୍ତମାନ ସନ୍ଦେହ ମଧ୍ୟରେ ରହିଛି। ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୨୦ଟି ବିଦ୍ୟାଳୟ ଏଥିରେ ସାମିଲ ଅଛି, ସେଗୁଡିକ ହେଉଛି; ବୌଦ୍ଧ ବ୍ଲକର ମୁଣ୍ଡାପଡ଼ା ଜିୟୁପିଏସ, ୟୁପିଏସ ବାଦୀକଟା, ତିଳପଙ୍କା ୟୁପିଏସ, ୟୁପିଏସ ମକୁନ୍ଦପୁର, ବଢ଼ିଗାଁ ପିଏସ, ଜିୟୁପିଏସ କସୁରବନ୍ଧ, ଗୋଛାପଡ଼ା ୟୁପିଏସ, ହରଭଙ୍ଗା ବ୍ଲକର ୟୁପିଏସ ସରସରା, ୟୁପିଏସ ଚାରିଛକ, ୟୁପିଏସ ଡୁକୁଲୁଣ୍ଡା, ୟୁପିଏସ ରାଧାନଗର, ୟୁପିଏସ ବେଜିଗୋରା, ୟୁପିଏସ ତାଳବାହାଲ, କାମାଳ ବ୍ଲକର ପୋଲସାଗୋରା ଏନୟୁପିଏସ, ବରଗୋଛା ଆଶ୍ରମ ସ୍କୁଲ, ଉମା ୟୁଜିଏମଇଏସ, କୁଲତାଯୋର ୟୁପିଏସ, ୟୁପିଏସ ଲମ୍ବସରୀ, ଗୋଛାଙ୍ଗି ଜିୟୁପିଏସ ବିଦ୍ୟାଳୟ ସାମିଲ ଅଛି। ଯେଉଁ ବିଦ୍ୟାଳୟ ଏହି ଆଦର୍ଶ ବିଦ୍ୟାଳୟ ଗୁଡିକରେ ସାମିଲ ସେହି ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଖୁସି ଥିବା ବେଳେ ଏବେ ସରକାରଙ୍କ ଏହି ନିଷ୍ପତ୍ତି ସେମାନଙ୍କୁ ଚିନ୍ତାରେ ପକାଇଦେଇଛି। ସରକାର ଏନେଇ ଚିନ୍ତା କରିବେ ବୋଲି ଅଭିଭାବକମାନେ ଆଶାବାଦୀ ଅଛନ୍ତି।

## ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ପ୍ରବନ୍ଧ ପ୍ରତିଯୋଗିତା

**ଡୁଙ୍ଗୁରିପାଲି, ୧୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇରୁଆଁ କ୍ଲଷ୍ଟର ଅନ୍ତର୍ଗତ ଅଇଁଳାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ, ସପ୍ତମ ଶ୍ରେଣୀକୁ ନେଇ କନିଷ୍ଠ ବର୍ଗ ପାଇଁ ‘ପିତାମାତା ମୋର ପ୍ରେମମୟ ଭଗବାନ’ ବିଷୟକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ୧୧ ଜଣ ଓ ଅଷ୍ଟମ ଶ୍ରେଣୀକୁ ନେଇ ବରିଷ୍ଠ ବର୍ଗ ପାଇଁ ‘ଆଧ୍ୟାତ୍ମିକତା ଏକ ଜୀବନ ଶୈଳୀ’ ବିଷୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ତମାମୁରା ସିଆରସିସି ଶୁଭଲାଲ ସାହୁ, ବିଦ୍ୟାଳୟ ପରିଚାଳନା ସମିତି ଚେୟାରପର୍ସନ ତହସିଲ ଗଡ଼ତିଆ, ଅଇଁଳାସାରୀ ସେବା ସମିତିର ସୂଚନା ସଂଯୋଜକ ପ୍ରଦୀପ ସାହୁ, ସମିତି ଆଧ୍ୟାତ୍ମିକ ସଂଯୋଜକ ପ୍ରସନ୍ନ ଗଡ଼ତିଆ, ସମିତି ଆବାହକ ଗୋବିନ୍ଦ ପୁରୋହିତ, ସିଆରପି ସସ୍ମିତା ପୁରୋହିତ ଓ ଧାନବୃକ୍ଷ ସଂଯୋଜକ ସୁରେଶ ନାଏକ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ ଶିକ୍ଷକ ପଞ୍ଚାନନ ପଧାନ, ଧ୍ରୁବଚରଣ ପଣ୍ଡା, ଦୁର୍ଯ୍ୟୋଧନ ବାରିକ, ଦେବାନନ୍ଦ ନାଏକ, ଶିକ୍ଷୟିତ୍ରୀ ବନିତା ବେହେରା ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଜୟପ୍ରକାଶ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

■ ତାଳପଦର-ଶଗଡ଼ା ରାସ୍ତାର ଭିତ୍ତିପ୍ରସ୍ତର

# ସରକାରୀ କାର୍ଯ୍ୟକ୍ରମରେ ମାଳମାଳ ବିଜେପି ନେତା

**ଶଗଡ଼ା, ୧୦।୯ (ସମିସ)**




ବୌଦ୍ଧ ଜିଲ୍ଲାସଦର ବ୍ଲକ ରକ୍ସା ପଞ୍ଚାୟତ ଦହ୍ୟା ଠାରୁ ତାଳପଦର ଦେଇ ଶଗଡ଼ା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ପାଇଁ ୨୯ କୋଟି ଟଙ୍କା ବ୍ୟୟ ଅଟକଳରେ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ତେବେ ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ମଞ୍ଚରେ ମାଳମାଳ ବିଜେପି ନେତାଙ୍କ ଉପସ୍ଥିତି ସମସ୍ତଙ୍କୁ ଚକିତ କରିଛି। କାର୍ଯ୍ୟକ୍ରମ ଆୟୋଜନ କରିଥିବା ବିଭାଗୀୟ ଅଧିକାରୀ ମଞ୍ଚ ତଳେ ପଛରେ ବସିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ସୂଚନାନୁଯାୟୀ, ରକ୍ସା ପଞ୍ଚାୟତ ଅନ୍ତର୍ଗତ ଦହ୍ୟା ଠାରୁ ତାଳପଦର ଦେଇ ଶଗଡ଼ା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବୌଦ୍ଧ ପୂର୍ତ୍ତ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ରକ୍ସା ସରପଞ୍ଚ ବିଭୁତି ଭୂଷଣ ଡାଙ୍ଗ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ସମିତିସଭ୍ୟ ଦଳଗଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ମଞ୍ଚର ପ୍ରଥମରେ ଜିଲ୍ଲାପାଳଙ୍କ ସହ କଣ୍ଟାମାଳ ବିଧାୟକ ଓ ମାଳମାଳ ବିଜେପି ନେତା ବସିଥିବା ନଜରକୁ ଆସିଥିଲା। ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ସୁଦ୍ଧା ଜିଲ୍ଲା ସଭାପତି ପରମାନନ୍ଦ ମିଶ୍ର, ମଣ୍ଡଳ ସଭାପତି ଅନିଲ ପ୍ରଧାନ ପ୍ରମୁଖ ଅନେକ ବିଜେପି ନେତା ମଞ୍ଚ ସମ୍ମୁଖରେ ଉପସ୍ଥିତ ଥିଲେ। ଅଥଚ କାର୍ଯ୍ୟକ୍ରମ ଆୟୋଜନ କରିଥିବା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ, ଯନ୍ତ୍ରୀ ପ୍ରମୁଖ ମଞ୍ଚ ପଛରେ ଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଏଭଳି ବ୍ୟବସ୍ଥାକୁ ଦେଖିଲେ ଏହା ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ବିଜେପିର ଏକ ଦଳୀୟ କାର୍ଯ୍ୟକ୍ରମ ପରି ମନେ ହେଉଥିବା ସାଧାରଣରେ ଆଲୋଚନା ହେଉଛି।

# କୁମ୍ଭୀର ବଞ୍ଚାଇ ଦେଲା ମହିଳାଙ୍କ ଜୀବନ



କାନପୁର, ୧୦।୯ (ଏଜେନ୍ସି): ସ୍ୱାମୀ ସବୁବେଳେ ମଦ ପିଉଥିଲେ। ଆଉ ଏହି ମଦ ନିଶାରେ ଆସି ସେ ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ମାର୍‌ପିଟ କରୁଥିଲେ ଏବଂ ନିର୍ଯାତନା ଦେଉଥିଲା। ପ୍ରାୟ ସବୁ ଦିନ ଏପରି ଲାଗି ରହିଥିଲା। ଏଥିପାଇଁ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାକୁ ନେଇ ମହିଳା ଅତିଷ୍ଠ ହୋଇ ଯାଇଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ରାତିରେ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଏକ ପୋଲ ଉପରୁ ଭରା ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଟିକେ ଟିକେ ପହଁରା ଶିଖିଥିବାରୁ ସଂଘର୍ଷ କରି ମହିଳା କିଛି ବାଟ ପଳାଇ ଥିଲେ। ମାତ୍ର ଅଣନିଃଶ୍ୱାସୀ ଲାଗିବାରୁ ମହିଳା କିଛି ସମୟ ଅଟକିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ନିକଟ ଦେଇ ଭାସି ଯାଉଥିବା ଏକ କାଠକୁ ଆଶ୍ରା କରି ନଦୀ କୂଳ ଆଡକୁ ଚାଲି ଆସିଥିଲେ। ଟିକେ ଅପେକ୍ଷା କରି ଦୀର୍ଘ ଶ୍ୱାସ ନେଉଥିବା ସମୟରେ ସେ ଏକ ବିରାଟକାୟ କୁମ୍ଭୀର ତାଙ୍କ ଅଭିମୁଖେ ଆସୁଥିବା ଦେଖିବାକୁ ପାଇଥିଲେ। ଆଉ ଏହି କୁମ୍ଭୀର ହିଁ ମହିଳାଙ୍କ ମନ ବଦଳାଇ ଦେଇଥିଲା। ଆତ୍ମହତ୍ୟା କରିବାକୁ ଗଙ୍ଗା ନଦୀକୁ ଡେଇଁଥିବା ଏହି ମହିଳା ଜୀବନ ବଞ୍ଚାଇବା ପାଇଁ ଦୌଡି ଥିଲେ। ନଦୀ କୂଳରେ ଥିବା ଏକ ପିଜୁଳି ଗଛ ଦେଖି ଜୀବନ ବିକଳରେ ତା ଉପରେ ଚଢ଼ି ଯାଇଥିଲେ। ସାରା ରାତି ସେହି ଗଛ ଉପରେ ମହିଳା ଅପେକ୍ଷା କରିଥିଲେ। ଆଉ ରାତି ପାହିବା ପରେ ମହିଳାଙ୍କ କାନ୍ଦ ଶୁଣି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ପୁଲିସ ତାଙ୍କ ଘରେ ପହଞ୍ଚାଇ ଥିଲା। ଆଉ ଝଗଡ଼ା ନ କରିବାକୁ ସ୍ୱାମୀଙ୍କୁ ପରାମର୍ଶ ଦେଇଥିଲା। ଉତ୍ତର ପ୍ରଦେଶ କାନପୁର ଅନ୍ତର୍ଗତ ଅହିରୱାନ ବାସିନ୍ଦା ମାଳତୀ ଦେବୀ (୩୨)ଙ୍କ କ୍ଷେତ୍ରରେ ଏଭଳି ଘଟିଥିଲା। ସ୍ୱାମୀଙ୍କ ସହ ଝଗଡ଼ା ହେବା ଯୋଗୁଁ ସେ ଗତ ଶୁକ୍ରବାର ରାତିରେ ଜଜମଉ ପୋଲରୁ ଗଙ୍ଗାକୁ ଡେଇଁଥିଲେ। ଏହି ଖବର ଖୁବ ଚର୍ଚ୍ଚାରେ ରହିଛି।

# ସହାୟତା ମାଗିଲେ ନେପାଳରେ ଫସିଥିବା ଭାରତୀୟ ଯୁବତୀ



ପଞ୍ଚକୁଲା, ୧୦।୯ (ଏଜେନ୍ସି): ନେପାଳରେ ଚାଲିଥିବା ଉଗ୍ର ତଥା ହିଂସ୍ର ଆନ୍ଦୋଳନ କାରଣରୁ ଦିଲ୍ଲୀର ଉପାସନା ଗିଲ୍ ସେଠାରେ ଫସି ରହିଛନ୍ତି। ସହାୟତା କରିବା ପାଇଁ ସେ ସାମାଜିକ ଗଣମାଧ୍ୟମରେ କାନ୍ଦି କାନ୍ଦି ନିବେଦନ କରିଛନ୍ତି। ଉପାସନା ଏକ ଭଲିବଲ୍ ଇଭେଣ୍ଟ ଉପସ୍ଥାପନ କରିବାକୁ ନେପାଳର ପୋଖରା ଯାଇଥିଲେ। ତାଙ୍କ ଟିମ୍‌ରେ ହରିୟାଣା ଓ ଫରିଦାବାଦ୍‌ର ଅନ୍ୟ ଝିଅମାନେ ମଧ୍ୟ ଥିଲେ। ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ସେ ତୁରନ୍ତ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ହରିୟାଣା ରାଜ୍ୟ ମହିଳା କମିଶନ ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସାଇନିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେ ରହୁଥିବା ହୋଟେଲକୁ ଆନ୍ଦୋଳନକାରୀମାନେ ସମ୍ପୂର୍ଣ୍ଣ ରୂପେ ଜାଳି ଦେଇଛନ୍ତି। ହିଂସା ବେଳେ ସେ ଏକ ସ୍ପାରେ ଥିଲେ। ଉତ୍ତ୍ୟକ୍ତ ଲୋକେ ବାଡି ଧରି ତାଙ୍କୁ ପଛରୁ ଗୋଡାଇଥିଲେ। କୌଶଳ କ୍ରମେ ଯୁବତୀ ଅଳ୍ପକେ ବର୍ତ୍ତିଯାଇ ଖସି ପଳାଇଆସିଛନ୍ତି ବୋଲି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି। ପୋଖରାରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ସବୁଆଡେ ଖାଲି ନିଆଁ ଓ ପୋଡାଜଳା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼ ପର୍ଯ୍ୟଟକଙ୍କୁ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଓ ବାହାରୁ ଆସିଥିବା ଲୋକ ଯାହାକୁ ଦେଖୁଛନ୍ତି ସେମାନେ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ଏବେ ସେ ଓ ତାଙ୍କ ଟିମ୍ ଅନ୍ୟ ହୋଟେଲରେ ରହୁଛନ୍ତି। ସେମାନେ ସେଠାରେ କେତେଦିନ ରହିପାରିବେ ତାହା କହିବା କଷ୍ଟକର। ତେଣୁ ତାଙ୍କ ବାର୍ତ୍ତାକୁ ଭାରତୀୟ ଦୂତାବାସକୁ ପଠାଇବାକୁ ସେ ଅନୁରୋଧ କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ କରିଛି କିଏ?

## ସନ୍ଦେହ ଘେରରେ ପାୱାର ଓ ଉଦ୍ଧବଙ୍କ ସାଂସଦ

## ଇଣ୍ଡିଆ ମେଣ୍ଟର ମିତ୍ର ସାଂସଦଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ': କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୯: ଗତକାଲି ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ ହୋଇଛି। କ୍ଷମତାସୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ ୨୪ଟି କମ୍ ଭୋଟ୍ ପାଇଛନ୍ତି। ୧୫ଟି ଭୋଟ୍ ନାକଚ ହୋଇଛି। କିଏ କ୍ରସଭୋଟିଂ କରିଛି ଏହାକୁ ନେଇ ବିରୋଧୀ ଶିବିରେ ଘଣ୍ଟାଚକଟା ଚାଲିଥିବା ବେଳେ ସେମାନଙ୍କ କଟା ଘା'ରେ ଆଜି ଚୂନ ଲଗାଇଛନ୍ତି ବିଜେପି ନେତା ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧୀ ମେଣ୍ଟର କିଛି ସାଂସଦ ନିଜ ବିବେକ ଅନୁଯାୟୀ ଭୋଟ୍ ଦେଇଛନ୍ତି। ସେମାନଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ'। ବିରୋଧୀ ମେଣ୍ଟର ଏହି ସାଂସଦଙ୍କୁ ସେ ଏନଡିଏର ମିତ୍ର ବୋଲି କହିଛନ୍ତି। ରିଜିଜୁଙ୍କ ଏହି ଟୁଇଟ୍ ଆଜି ବିରୋଧୀ ଶିବିରରେ ନିଆଁ ଲଗାଇଦେଇଛି। ଶାସକ ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରିଥିବା ଏନଡିଏର ସେହି ମିତ୍ର ସାଂସଦ କିଏ? ସେମାନଙ୍କୁ ଖୋଜି ବାହାର କରାଯାଉ ଏବଂ ଏହା ଉପରେ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ମନିଶ ତିୱାରୀ। ସେ କହିଛନ୍ତି ଯେ ବିହାର ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକଜୁଟ୍ ହେବା ଲାଗି ବିରୋଧୀ ଶିବିର ଅକ୍ଲାନ୍ତ ପରିଶ୍ରମ କରୁଥିବା ବେଳେ କ୍ରସଭୋଟିଂ କରି ସାଂସଦ ବିଶ୍ୱାସଘାତ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ।

ଦିଲ୍ଲୀ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚା ଚାଲିଛି, ତାହାକୁ ଯଦି ବିଶ୍ୱାସ କରାଯାଏ, ତାହାହେଲେ ଶରଦ ପାୱାରଙ୍କ ଏନ୍‌ସିପି, ଉଦ୍ଧବ ଠାକରେଙ୍କ ଶିବ ସେନା, ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌ର ସାଂସଦ ସନ୍ଦେହ ଘେରରେ ରହିଛି। କଂଗ୍ରେସ ସାଂସଦ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହନ୍ତି। କାରଣ ଗତବର୍ଷ ହିମାଚଳ ପ୍ରଦେଶରେ କଂଗ୍ରେସର ୬ ବିଧାୟକ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରି ଜିତାଇଥିଲେ। ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଆଜି କହିଛନ୍ତି ଯେ ତାଙ୍କର ସମସ୍ତ ୯ ସାଂସଦ ସୁଦର୍ଶନଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତା ଅଭିଶେକ ବାନାର୍ଜୀ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ୪୧ ଜଣ ସାଂସଦ ବିରୋଧୀ ମେଣ୍ଟ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦେଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ଏନସିପି (ପାୱାର) ନେତ୍ରୀ ସୁପ୍ରିୟା ସୁଲେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ସନ୍ଦେହ ବଢାଇଛି। ସେ କହିଛନ୍ତି ଯେ ମତଦାନ ଯଦି ଗୁପ୍ତ, ତାହାହେଲେ କିଏ କ୍ରସଭୋଟିଂ କରିଛି, ଜାଣିବା କଷ୍ଟକର। ସାଂସଦମାନଙ୍କ ମଧ୍ୟରେ ଯଦି ମତଭେଦ ହେବ, ତାହାହେଲେ ଆମେ କଣ କରିପାରିବା। କିନ୍ତୁ ଏଥିପାଇଁ ମହାରାଷ୍ଟ୍ରକୁ ବଦନାମ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସେହିଭଳି ଉଦ୍ଧବ ଶିବ ସେନାର ନେତା ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ରହିଛି। କିଛି ସାଂସଦଙ୍କୁ ଅର୍ଥ ଲୋଭ କିମ୍ବା ବ୍ଲାକମେଲ କରାଯାଇଥିବ ବୋଲି କହି ସେ ମଧ୍ୟ ଅସହାୟତା ପ୍ରକାଶ କରିଛନ୍ତି। କେଜ୍ରିୱାଲଙ୍କ ଆପ୍ ନିରବ ରହିଛି। ଏହି ତିନିଟି ଦଳର ୩୩ ଜଣ ସାଂସଦ ରହିଛନ୍ତି।

# ଶୁକ୍ରବାର ଶପଥ ନେବେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଆସନ୍ତା ଶୁକ୍ରବାର ଦିନ ନବନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିବେ। ଆଜି ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗତକାଲି ହୋଇଥିବା ନିର୍ବାଚନରେ ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନ୍ ଇଣ୍ଡିଆ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନ୍ ୪୫୨ ଭୋଟ ଏବଂ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ।

# ପାକିସ୍ତାନକୁ ସିମ୍ କାର୍ଡ ପଠାଇ ନେପାଳୀ ନାଗରିକ ଗିରଫ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ବୁଧବାର ଜଣେ ନେପାଳୀ ନାଗରିକକୁ ଗିରଫ କରିଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସିମ୍ କାର୍ଡ ପଠାଇବା ଅଭିଯୋଗରେ ପ୍ରଭାତ କୁମାର ଚୌରାସିଆ ନାମକ ଏହି ଯୁବକଙ୍କୁ ଦିଲ୍ଲୀର ଲକ୍ଷ୍ମୀ ନଗରରୁ ଗିରଫ କରାଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି। ପ୍ରଭାତ ମହାରାଷ୍ଟ୍ରର ଲାଟୁରରୁ ୧୬ଟି ସିମ୍ କାର୍ଡ କ୍ରୟ କରି ନେପାଳ ପହଞ୍ଚାଇଥିଲେ। ସେଠାରୁ ୧୧ଟି କାର୍ଡ ପାକିସ୍ତାନର ବାହବଲପୁରରେ ଥିବା ଟ୍ରେସ୍ ହୋଇଥିଲା। ଏହି କାର୍ଡଗୁଡିକର ନମ୍ବରକୁ ଭାରତ ବିରୋଧୀ ଗତିବିଧିରେ ବ୍ୟବହାର କରାଯାଇଥିଲା। ବାହବଲପୁର ହେଉଛି ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଗଡ଼। ଅପରେସନ ସିନ୍ଦୂରରେ ଭାରତ ଏହି ସ୍ଥାନରେ ଥିବା ଆତଙ୍କବାଦୀ ଠିକଣା ଉପରେ ମିସାଇଲ ଆକ୍ରମଣ କରିଥିଲା। ୨୦୨୪ରେ ପ୍ରଭାତ ଜଣେ ନେପାଳୀ ମଧ୍ୟସ୍ଥି ମାଧ୍ୟମରେ କାର୍ଡଗୁଡିକୁ ପାକିସ୍ତାନ ପଠାଇଥିଲା। ପ୍ରତିବଦଳରେ ଆଇଏସ୍‌ଆଇ ତାଙ୍କୁ ଆମେରିକା ଭିସା ଦେବାକୁ ପ୍ରତିଶ୍ରୁତି ଦେଇଥିଲା।

# ମନମୋହନ ସିଂହଙ୍କୁ 'ପିଭି ନରସିଂହ ରାଓ' ପୁରସ୍କାର

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅର୍ଥନୀତିଜ୍ଞ ମନମୋହନ ସିଂହଙ୍କୁ ମରଣୋତ୍ତର ଭାବେ 'ପିଭି ନରସିଂହ ରାଓ' ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଅର୍ଥନୀତିର ରୂପାନ୍ତରଣ ଓ ଦେଶ ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି। ଦିଲ୍ଲୀରେ ଗତ ସପ୍ତାହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପାଇଁ ପତ୍ନୀ ଗୁରଶରଣ କୌର ଏହି ପୁରସ୍କାର ଗ୍ରହଣ କରିଥିଲେ ବୋଲି ହାଇଦରାବାଦ ପର୍ଯ୍ୟବସିତ ପିଭି ନରସିହ୍ମା ରାଓ ସ୍ମାରକୀ ଫାଉଣ୍ଡେସନ (ପିଭିଏନ୍‌ଏମ୍‌ଏଫ୍) ତରଫରୁ କୁହାଯାଇଛି। ଯୋଜନା କମିଶନ ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆହ୍ଲୁୱାଲିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥନୀତିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ଅବସରରେ ପିଭିଏନ୍‌ଏମ୍‌ଏଫ୍ ଅଧ୍ୟକ୍ଷ କେ ରାମଚନ୍ଦ୍ର ମୁର୍ତ୍ତୀ ଓ ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଉପସ୍ଥିତ ଥିଲେ।

# ଇସ୍ରାଏଲ ବିପକ୍ଷରେ ଯୁଦ୍ଧ କରିବେ ଆରବ ଦେଶ

ଦୋହା, ୧୦।୯(ଏଜେନ୍ସି): କାତାର ରାଜଧାନୀ ଦୋହାରେ ଇସ୍ରାଏଲ ଆକ୍ରମଣ କରିବା ପରେ ଆରବର ସବୁ ଇସ୍‌ଲାମିକ ଦେଶ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ନିନ୍ଦା କରି ସାଉଦି ଆରବ, ୟୁଏଇ, କାତାର, ଜୋର୍ଡାନ ଓ ତୁର୍କୀ ଭଳି ଆରବ ଦେଶଗୁଡିକ ମିଳିତ ବିବୃତ୍ତି ଦେଇଛନ୍ତି। ଏହା ଆଞ୍ଚଳିକ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବା ସହ କାତାରର ସାର୍ବଭୌମତ୍ୱ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ନିୟମର ଘୋର ଉଲ୍ଲଂଘନ ବୋଲି କୁହାଯାଇଛି। ଇସ୍ରାଏଲର ଏଭଳି ଆକ୍ରମଣ ଆତଙ୍କବାଦର ଏକ ବୃହତ ରୂପ ବୋଲି କାତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ କହିଛନ୍ତି। କାତାରକୁ ସବୁ ଦେଶଗୁଡିକ ସମର୍ଥନ କରିଛନ୍ତି। ଏଭଳି ଆକ୍ରମଣ କଲେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଘୋଷଣା କରାଯିବ ବୋଲି ଏହି ଦେଶଗୁଡିକ ମିଳିତ ବିବୃତ୍ତିରେ କହିଛନ୍ତି।

# ବର୍ତ୍ତିଲେ ହମାସ୍ ନେତା; ୬ ମୃତ

ଦୋହା, ୧୦।୯(ଏଜେନ୍ସି): କତାର ରାଜଧାନୀ ଦୋହାରେ ମଙ୍ଗଳବାର ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ଆକ୍ରମଣ ଇସ୍ରାଏଲ ସେନା କରିଛି। ଆତଙ୍କବାଦୀ ସଂଗଠନ ହମାସର କେତେଜଣ ବରିଷ୍ଠ ନେତାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ୍ ସେନା ତରଫରୁ କୁହାଯାଇଛି। ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। କିନ୍ତୁ ସେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଅନ୍ୟ ୬ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

# ନେପାଳରୁ ଫ୍ରାନ୍ସ: ୧୧ ଦେଶରେ ସମାନ ସଙ୍କଟ



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ନେପାଳରେ ଲାଗିଥିବା ନିଆଁ ଲିଭିବାର ନା ଧରୁନି। ଆନ୍ଦୋଳନକାରୀଙ୍କ ସାମ୍ନାରେ ସରକାରେ ନଇଁ ଗଲେଣି। ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ସାରିଲେଣି। ଉପ-ପ୍ରଧାନମନ୍ତ୍ରୀଙ୍କ ଅନେକ ମନ୍ତ୍ରୀ ପଦ ଛାଡ଼ି ସାରିଲେଣି। ସାମାଜିକ ଗଣମାଧ୍ୟମରୁ କଟକଣା ହଟିଲାଣି। ଏହା ସତ୍ତ୍ୱେ ଜେନ୍-ଜେଡ୍ ତଥା ଯୁବ ଗୋଷ୍ଠୀଙ୍କ କ୍ରୋଧ ଶାନ୍ତ ପଡୁନାହିଁ। ନେପାଳ ଭଳି ବିଶ୍ୱର କିଛି ଅନ୍ୟ ଦେଶରେ ମଧ୍ୟ ଏଭଳି ସ୍ଥିତି ଜାରି ରହିଛି। ଏହା ମଧ୍ୟରେ ଫ୍ରାନ୍ସ, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ସମେତ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ସାମିଲ ଅଛନ୍ତି। ପ୍ରମୁଖ ୧୧ଟି ଦେଶରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ତେବେ ଏହି ସବୁ ଦେଶର ସମସ୍ୟା ସମାନ ହୋଇଥିଲେ ମଧ୍ୟ କାରଣ ଭିନ୍ନ ଭିନ୍ନ ରହିଛି। ଦୁର୍ନୀତି ଏବଂ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲାଗି ନେପାଳ ଜଳୁଥିବାବେଳେ ନିର୍ବାଚନରେ ବହୁମତ ଲାଗି ରାଜନୈତିକ ଅସ୍ଥିରତା ସହିତ ବଜେଟ ହ୍ରାସକୁ ନେଇ ଫ୍ରାନ୍ସରେ ଆରମ୍ଭ ହୋଇଛି ବିକ୍ଷୋଭ୍ ପ୍ରଦର୍ଶନ। ଏଠାରେ ଗତ ତିନି ବର୍ଷରେ ୪ ଥର ପ୍ରଧାନମନ୍ତ୍ରୀ ବଦଳିଲେଣି। ରାଷ୍ଟ୍ରପତି ଏମାନୁଏଲ ମାକ୍ରନଙ୍କ ମଧ୍ୟ ଲୋକପ୍ରିୟତା କମ୍ ହେବାରେ ଲାଗିଛି। ଜାପାନରେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି। କ୍ଷମତାସୀନ ଦଳ ବହୁତମ ସାବ୍ୟସ୍ତ ନ କରିପାରିବାରୁ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ପଦ ଛାଡିଛନ୍ତି। ସେହିପରି କୋର୍ଟଙ୍କ ନିଷ୍ପତ୍ତି ଯୋଗୁଁ ଥାଇଲାଣ୍ଡରେ ସିନାବାତ୍ରା ପରିବାରର ସମସ୍ୟା ବଢି ଚାଲିଛି। ଏହା ବ୍ୟତୀତ ଆର୍ଥିକ ସୁଧାର ପାଇଁ ସରକାର ବଢ଼ାଇଥିବା ଟିକସକୁ ଇଣ୍ଡୋନେସିଆର ସାଧାରଣ ନାଗରିକ ହଜମ କରିପାରୁନାହାନ୍ତି। ଏହାକୁ ନେଇ ଲୋକେ ବଡ଼ଧରଣର ବିକ୍ଷୋଭ କରୁଛନ୍ତି। ମାଲି, ମଙ୍ଗୋଲିଆ, ଆର୍ମେନିଆ, କଙ୍ଗୋରୁ ନେଇ ସୁଦାନ ଏବଂ ଲେବାନନ ପର୍ଯ୍ୟନ୍ତ ମଧ୍ୟ ସମାନ ସ୍ଥିତି ରହିଛି।

ଜାପାନରେ ଚଳିତ ଥର ନିର୍ବାଚନ ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ରାଜନୈତିକ ସ୍ଥିତି ଏଭଳି ଭୁଶୁଡ଼ି ଯାଇଛି ଯେ ଦଳ ସେଥିରୁ ବାହାରି ପାରୁନାହିଁ। କାରଣ ଜାପାନ ରାଜନୀତିରେ ୭୦ ବର୍ଷ ହେଲା ଏହି ଦଳର କର୍ତ୍ତୃତ୍ୱ ରହିଛି। ତେଣୁ ପରାଜୟକୁ ଜାପାନ ରାଜନୀତିରେ ଏକ ବଡ଼ ମୋଡ ଭାବେ ଦେଖାଯାଉଛି। ଆର୍ଥିକ ଆହ୍ୱାନ, ସରକାରଙ୍କ ବିଫଳତା, ମନ୍ଥର ବିକାଶ ହାର ଆଦି ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଦେଇଛି। ସେହିପରି ଥାଇଲାଣ୍ଡରେ ନ୍ୟାୟପାଳିକା ଏବଂ ରାଜନୈତିକ ବଂଶବାଦ ମଧ୍ୟରେ ମୁକାବିଲା ଯୋଗୁଁ ଅସ୍ଥିରତା ସୃଷ୍ଟି ହୋଇଛି। ଏଠାରେ ସୁପ୍ରିମକୋର୍ଟ ଦୁର୍ନୀତି ଏବଂ କ୍ଷମତାର ଅପବ୍ୟବହାର ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ତାଙ୍କ ଝିଅ ସିନାବାତ୍ରାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହା ଦ୍ୱାରା ଲୋକେ ଉତକ୍ଷିପ୍ତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦେଶର ରାଜନୀତିରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ସିନାବାତ୍ରାଙ୍କ ପରିବାରର କର୍ତ୍ତୃତ୍ୱ ରହିଥିଲା। ଚାର୍ଣ୍ଣବିରାକୁଲ କ୍ଷମତାସୀନ ହେବା ପରେ ବି ବିକ୍ଷୋଭ ଜାରି ରହିଛି। ସାଂସଦ ଭାଗ ଭାଗ ହୋଇ ଯାଇଛନ୍ତି। ବିରୋଧୀ ସୁଯୋଗର ଲାଭ ନେବା ପାଇଁ ଅପେକ୍ଷା କରି ରହିଛନ୍ତି।

ଦକ୍ଷିଣ ପୂର୍ବ ଏସିଆର ବୃହତ୍ତ ଅର୍ଥବ୍ୟବସ୍ଥା ଇଣ୍ଡୋନେସିଆରେ ରାଷ୍ଟ୍ରପତି ପ୍ରବୋଭୋ କଡ଼ା ଆହ୍ୱାନ ଦେଇ ଗତି କରୁଛନ୍ତି। ସରକାର ଭ୍ୟାଟ ବଢ଼ାଇ ୧୧ରୁ ୧୨ ପ୍ରତିଶତ କରିବାରୁ ଦରଦାମ ବୃଦ୍ଧି ପାଇଲା। ଏଥିଯୋଗୁଁ ଲୋକେ କ୍ରୋଧିତ ହୋଇ ବିକ୍ଷୋଭ କରୁଛନ୍ତି। ରାଜନେତାଙ୍କ ଦରମା ବୃଦ୍ଧିଙ୍କୁ ବିରୋଧ କରୁଛନ୍ତି। ଗତ ସପ୍ତାହରେ ଲୋକେ ସଂସଦ ଘେରଉ କରିଥିଲେ। ଏହାକୁ କିଛି ମାତ୍ରାରେ ଦମନ କରିବାକୁ ସରକାର ସଫଳ ହୋଇଥିଲେ ବି ଅସନ୍ତୋଷ କୁହୁଳିବାରେ ଲାଗିଛି।

# ଫ୍ରାନ୍ସରେ ବି ତାତିଲେ ବିରୋଧୀ, ୨୦୦ ଗିରଫ





## ବଜେଟ ହ୍ରାସ, ସରକାରୀ ନୀତିକୁ ବିରୋଧ

## ରାସ୍ତାକୁ ଓହ୍ଲାଇଲେ ଲକ୍ଷେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ

ପ୍ୟାରିସ, ୧୦।୯ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଭାରତର ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କା, ପାକିସ୍ତାନ,ନେପାଳ ପରେ ଏବେ ଏହା ୟୁରୋପକୁ ବ୍ୟାପିଛି। ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି ହେଉ ହେଉ ଏହି ଦେଶରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ନୀତି ଏବଂ ବଜେଟ ହ୍ରାସ୍‌କୁ ବିରୋଧ କରି ଲକ୍ଷେରୁ ଊର୍ଦ୍ଧ୍ୱ ଲୋକ ବୁଧବାର ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀ ରାଷ୍ଟ୍ରପତି ମାକ୍ରନଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରଦର୍ଶନକାରୀ ଉଗ୍ର ହୋଇ ଉଠିଛନ୍ତି। ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭ ଚାଲିଛି। ରେନ ସହରରେ ଏକ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଦକ୍ଷିଣ-ପଶ୍ଚିମ କ୍ଷେତ୍ରର ଏକ ବିଦ୍ୟୁତ ଲାଇନକୁ କାଟି ଦେଇଛନ୍ତି। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ଆନ୍ଦୋଳନକାରୀ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏଥିରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସହରରେ ନିଆଁ ଲଗାଇ ଦେଇଛନ୍ତି। ପ୍ୟାରିସର ବେଲ୍ଟୱେକୁ ବନ୍ଦ କରିଦେଇଛନ୍ତି। ଟ୍ରାଫିକ ଅଟକାଇ ଦେଇଛନ୍ତି।

ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଦର୍ଶନକାରୀ ବିଦ୍ରୋହର ପରିବେଶ ସୃଷ୍ଟି କରୁଛନ୍ତି। ବାମ ଦଳଗୁଡିକର ଆହ୍ୱାନରେ ଲକ୍ଷାଧିକ ଛାତ୍ରଛାତ୍ରୀ, ସାଧାରଣ ନାଗରିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାସ୍ତାଘାଟ କବ୍‌ଜା କରି ନିଆଁ ଲଗାଇ ଦେଉଛନ୍ତି। ଏହି ବିକ୍ଷୋଭର ନାମ 'ବ୍ଲକ ଏଭ୍ରିଥିଙ୍ଗ' ରଖାଯାଇଛି। ଦେଶରେ ସବୁ କିଛି ବନ୍ଦ କରି ସରକାରଙ୍କୁ ନୁଆଁଇବା ପାଇଁ ବିରୋଧୀ ଉଦ୍ୟମ କରୁଛନ୍ତି। ବିକ୍ଷୋଭ ଦମନ କରିବା ପାଇଁ ୮୦ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଗଲାଣି। ଏହି ବିକ୍ଷୋଭ ପଛରେ ପ୍ରମୁଖ ଚାରିଟୋ କାରଣ ରହିଛି। ରାଷ୍ଟ୍ରପତି ମାକ୍ରନଙ୍କ ନୀତି ସାଧାରଣ ଲୋକଙ୍କ ବିରୋଧୀ ଏବଂ ସେ ଧନୀ ବର୍ଗଙ୍କୁ ଲାଭ ଦେଉଛନ୍ତି ବୋଲି ସିଂହଭାଗ ଲୋକ ଭାବୁଛନ୍ତି। ସେହିପରି ସରକାର ଖର୍ଚ୍ଚ କାଟ୍ କରି ଜନକଲ୍ୟାଣ ମୂଳକ ଯୋଜନାଗୁଡ଼ିକୁ ହ୍ରାସ କରୁଛନ୍ତି। ଏହା ଦ୍ୱାରା ସାଧାରଣ ଜନତା ବିଶେଷ କରି ମଧ୍ୟବିତ୍ତ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

# ନେପାଳରେ କ'ଣ ଚାଲିଛି ଦେଖନ୍ତୁ: ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ରାଷ୍ଟ୍ରପତିଙ୍କ ପରାମର୍ଶ ଉପରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବିତ ବୋଲି କହିଛନ୍ତି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ। ବାଂଲାଦେଶ ଏବଂ ନେପାଳରେ ଜାରି ହିଂସା ବିଷୟରେ ଉଲ୍ଲେଖ କରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସିଜେଆଇ ଗଭାଇ କହିଥିଲେ ଯେ ପଡ଼ୋଶୀ ନେପାଳରେ ଅସ୍ଥିରତା ଲାଗି ରହିଥିବା ବେଳେ ଭାରତରେ ମଜବୁତ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି। ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବ କରୁଛୁ। ପଡୋଶୀ ଦେଶରେ କ'ଣ ସବୁ ଚାଲିଛି ଦେଖନ୍ତୁ। ବାଂଲାଦେଶରେ କଣ ହେଉଥିଲା ଏବଂ ନେପାଳରେ କ'ଣ ହେଉଛି ତାହା ଦେଖନ୍ତୁ। ସଲିସିଟର ଜେନେରାଲ ତୁଷାର ମେହଟ୍ଟାଙ୍କ ଦଲିଲ ଉପରେ ବିଚାରପତି ଏହି ଟିପ୍ପଣୀ ଦେଇଥିଲେ। ଏହା ପୂର୍ବରୁ ସଲିସିଟର ଜେନେରାଲ କହିଥିଲେ ଯେ ୧୯୭୦ରୁ ଏ ପର୍ଯ୍ୟନ୍ତ କେବଳ ୨୦ଟି ବିଲ୍ ରାଷ୍ଟ୍ରପତିଙ୍କ ପାଖରେ ପଡ଼ି ରହିଛି। କିନ୍ତୁ ୯୦ ପ୍ରତିଶତ ବିଲ୍ ମାସେ ଭିତରେ ପାରିତ ହୋଇଯାଉଛି। ଏହା ଉପରେ ଆପତ୍ତି ଉଠାଇ ସିଜେଆଇ କହିଥିଲେ ଯେ କେବଳ ତଥ୍ୟରୁ ନିଷ୍କର୍ସ ବାହାର କରିବା ଉଚିତ ନୁହେଁ।

# ରୁଷ୍‌ର ୩ଟି ଡ୍ରୋନ୍ ମାରି ଖସାଇଲା ପୋଲାଣ୍ଡ

ୱାରସା, ୧୦।୯(ଏଜେନ୍ସି):ରୁଷ ତୃତୀୟ ବିଶ୍ୱଯୁଦ୍ଧକୁ ନିମନ୍ତ୍ରଣ ଦେଉଛି। ପୋଲାଣ୍ଡ ଉପରକୁ ମାଡ଼ କରିଥିବା ୧୬ ଡ୍ରୋନ ମଧ୍ୟରୁ ଏହି ଦେଶ ବୁଧବାର ରୁଷିଆର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦେଇଛି। ବାୟୁ ସୀମା ଭିତରକୁ ଡ୍ରୋନ ସବୁ ଆସିଥିଲା ବୋଲି ପୋଲାଣ୍ଡ ପକ୍ଷରୁ କୁହାଯାଇଛି। ରୁଷ୍- ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ନାଟୋର କୌଣସି ସଦସ୍ୟ ରାଷ୍ଟ୍ର ପ୍ରଥମଥର ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲାଣ୍ଡ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ପୋଲାଣ୍ଡ ରୁଷିଆର ପଡୋଶୀ ହୋଇ ନଥିଲେ ମଧ୍ୟ ରୁଷିଆର ଡ୍ରୋନ ତା'ର ବାୟୁସୀମାରେ ପ୍ରବେଶ କରିଥିଲା। ରାତିରେ ୧୯ ଥର ବାୟୁସୀମାର ଉଲ୍ଲଂଘନ ହୋଇଥିଲା ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ଏହି କ୍ରମରେ ପୋଲାଣ୍ଡ ନାଟୋ ଚୁକ୍ତିର ନିୟମ ୪କୁ ଲାଗୁ କରିଥିଲା। ଏହି ନିୟମ ଅନୁସାରେ କୌଣସି ସହଯୋଗୀ ରାଷ୍ଟ୍ରଠାରୁ ମତାମତ ନେଇ ହେବ। ତେବେ ଆମେ ସମ୍ଭାବ୍ୟ ଯୁଦ୍ଧର ନିକଟତର ନୁହଁ ବୋଲି ସେ କହିଛନ୍ତି। କିନ୍ତୁ ଏବେ ସ୍ଥିତି ପୂର୍ବଠାରୁ ଆହୁରି ବିପଜ୍ଜନକ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏଭଳି ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି।

# ପଞ୍ଜାବର ୨୦୦୦ ଗାଁ ଏବେ ବି ବନ୍ୟା ଘେରରେ

## ୧୬ ଦିନ ପରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଖୋଲିଲା

## ହରିୟାଣାରେ ଏଥର ୪୬ ପ୍ରତିଶତ ଅଧିକ ବର୍ଷା

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପଞ୍ଜାବରେ ଏଥର ମୌସୁମୀରେ ସବୁଠାରୁ ବଡ଼ ବନ୍ୟା ଆସିଛି। ପଞ୍ଜାବରେ ଏବେ ବି ୨୩ଟି ଜିଲ୍ଲା ବନ୍ୟା ଘେରରେ ରହିଛି। ୨୦୦୦ ଗାଁ ଏବେ ମଧ୍ୟ ଜଳମଗ୍ନ ରହିଛି। କେନ୍ଦ୍ର ସରକାର ବନ୍ୟା ପାଇଁ ପଞ୍ଜାବକୁ ୧୬୦୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ପଞ୍ଜାବର ଲୁଧିଆନାରେ ୩୫୦ ଏକରର ଅଧିକ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ଜମ୍ମୁ- କଶ୍ମୀରର ଜମ୍ମୁ ଘାଟିର ଜୀବନ ରେଖା ବିବେଚିତ ହେଉଥିବା ଜମ୍ମୁ- ଶ୍ରୀନଗର ଜାତୀୟ ରାଜପଥକୁ ବୁଧବାର ଦୀର୍ଘ ୧୬ ଦିନ ପରେ ଖୋଲାଯାଇଛି। ସଡ଼କ ଉପରେ କେତୋଟି ସ୍ଥାନରେ ଭୂସ୍ଖଳନ ହେବା କାରଣରୁ ବନ୍ଦ କରାଯାଇଥିଲା। ଉଦୟପୁର ଓ ରାମବନ ଜିଲ୍ଲାରେ ସବୁଠାରୁ ଅଧିକ କ୍ଷତି ହୋଇଛି। ରାଜପଥ ଖୋଲାଯିବା ପରେ କଶ୍ମୀର ଘାଟିରେ ଫଳ ସମେତ ଅତ୍ୟାବଶ୍ୟକୀୟ ଜିନିଷପତ୍ରର ନେବା ଆଣିବା ହୋଇପାରିବ।

ହରିୟାଣାରେ ଏଥର ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ସାମାନ୍ୟଠାରୁ ଅଧିକ ୪୬ ପ୍ରତିଶତ ବର୍ଷା ହୋଇଛି। ଏହି ରାଜ୍ୟରେ ହାରାହାରି ୩୮୫.୧ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୫୬୩. ୮ମିମି ବର୍ଷା ହୋଇଛି। ଯମୁନାନଗରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୦୮୦.୮ ମିମି ବର୍ଷା ହୋଇଛି। ସେହିପରି ଗୁଜରାଟର ବନାସକାଣ୍ଠା ସମେତ ୩ଟି ଜିଲ୍ଲାରେ ଗତ ୨ ଦିନରେ ୧୬ ଇଞ୍ଚଠାରୁ ଅଧିକ ବର୍ଷା ହୋଇଛି। ଫଳରେ ଭାଭ-ଥରାଦ ଓ ସୁଇଗାମ ତାଲୁକାସରେ ବନ୍ୟା ଆସିଛି। ପାଖାପାଖି ୧୨ଟି ଗାଁରେ ୫ ଫୁଟ ପର୍ଯ୍ୟନ୍ତ ପାଣି ପସିଯାଇଛି। ଅନ୍ୟପଟେ ରାଜସ୍ଥାନରେ ଏଥର ଗତ ୧୦୦ ଦିନ ମଧ୍ୟରେ ୭୦୦ମିମି ବର୍ଷା ହୋଇଛି। ତେବେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଉତ୍ତର ପ୍ରଦେଶର ଆଗ୍ରାରେ ହାଥି ଘାଟ ପର୍ଯ୍ୟନ୍ତ ଯମୁନା ନଦୀର ପାଣି ଅସି ପହଞ୍ଚିଛି।

# ଆଉଟ୍‌ଫିଟ୍‌ରୁ ବୃଦ୍ଧି ପାଏ ଆତ୍ମବିଶ୍ୱାସ



**ପୋଷାକ ଶରୀରକୁ ସୁନ୍ଦର ଆକାର ଦେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଭଲ ପୋଷାକ ପିନ୍ଧିଲେ, ମନ ଭିତରୁ ଭଲ ଅନୁଭବ ହୋଇଥାଏ । ବିଶେଷ କରି ଏହା ମହିଳାଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ । ଏପରି କିଛି ଟିପ୍ସ ରହିଛି ଯାହାକୁ ଆପଣାଇ ସିମ୍ପଲ ଆଉଟ୍‌ଫିଟ୍‌ରେ ମଧ୍ୟ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ ।**

### ଫିଟିଂ ଡ୍ରେସ୍

ଏବର ଫେଶନ ଅନୁଯାୟୀ କିଛି ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । କିନ୍ତୁ ଆବଶ୍ୟକତାଠୁ ଅଧିକ ଢିଲା ପୋଷାକ ପିନ୍ଧିଲେ ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ି ଦେଇଥାଏ । ତେଣୁ ନିଜ ଫିଟିଙ୍ଗ୍ ଅନୁସାରେ ପୋଷାକ ପିନ୍ଧିଲେ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏଥିପାଇଁ ସର୍ବଦା ନିଜ ଶରୀର ଆକାର ଅନୁସାରେ ପୋଷାକ ପିନ୍ଧିବା ଜରୁରୀ ।

### ରଙ୍ଗ ଚୟନ

ତ୍ୱଚାର ରଙ୍ଗ ଅନୁଯାୟୀ, କେଉଁ ରଙ୍ଗର ପୋଷାକ ଭଲ ମାନିବ ସେହି ଅନୁସାରେ ପୋଷାକ କିଣିବା ଆବଶ୍ୟକ । ଗାଢ଼ ରଙ୍ଗ ବଦଳରେ ସର୍ବଦା ହାଲୁକା ରଙ୍ଗର କପଡ଼ା ପିନ୍ଧନ୍ତୁ । ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ତ୍ୱଚାରେ ଏକ ଚମକ ଆସିଥାଏ ।

### ଆସେସରିଜ୍‌ରେ ରଖନ୍ତୁ ସନ୍ତୁଳନ

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଏକା ସହିତ ଭାରି କାନଫୁଲ ଓ ଅଳଙ୍କାର ପିନ୍ଧନ୍ତୁ ନାହିଁ । ଏହା ଆତ୍ମବିଶ୍ୱାସକୁ କମ୍ କରିଥାଏ । ଆଖିକୁ ଅସୁନ୍ଦର ଦିଶିଥାଏ । ତେଣୁ ଆସେସରିଜ୍‌ରେ ସନ୍ତୁଳନ ରଖନ୍ତୁ ।

# ଗୋବରରୁ ସ୍ୱାବଲମ୍ବୀ ସାରିକା






**ହିନ୍ଦୁଧର୍ମରେ ଗୋବର ବିଭିନ୍ନ ଦେବକାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଗାଁ, ଗହଳିରେ ମହିଳାମାନେ ମାଟିଘରକୁ ଚିକ୍କଣ କରିବା ପାଇଁ ଗୋବରରେ ବାରି, ଦୁଆର,ଘର, ଅଗଣା ଆଦି ଲିପିଥାନ୍ତି । ସେହିପରି ମାଣବସା ଗୁରୁବାରରେ ମଧ୍ୟ ଏକବର୍ଣ୍ଣ ଗାଇ ଗୋବରର ସ୍ୱତନ୍ତ୍ର ବିଶେଷତା ରହିଛି । କେବଳ ସେତିକି ନୁହେଁ, ଏଥିରୁ ଘଷି ପ୍ରସ୍ତୁତ କରି ଜାଳେଣି ଭାବେ ବ୍ୟବହାର କରାଯାଇଥାଏ । ଏହି କ୍ରମରେ ଏବେ ଗୋବରରୁ ଭଳିକି ଭଳି ମୂର୍ତ୍ତି, ଧୂପଦାନୀ, ପେନ୍‌ଷ୍ଟାଣ୍ଡ, ଫୁଲକୁଣ୍ଡ ଆଦି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି, ଭୁବନେଶ୍ୱର ଲକ୍ଷ୍ମୀସାଗରର ସାରିକା ଜୈନ୍ ।**

ସାଧାରଣତଃ ଲୋକେ ଦୁଗ୍ଧ ଦେଉଥିବା ଗାଈକୁ ଘାସ, କୁଣ୍ଡା, ଭାତ ଆଦି ଖାଦ୍ୟ ଦେଇ ପାଳନ କରନ୍ତି । କିନ୍ତୁ ଦୁଗ୍ଧ ଦେଉ ନ ଥିବା ଗାଈ ତଥା ଷଣ୍ଢକୁ ବାହାରେ ଛାଡ଼ି ଦିଅନ୍ତି । ତେଣୁ ସାରିକା ଅବହେଳିତ ଗାଈଙ୍କୁ ନେଇ କିଛି ନୂଆ କରିବାକୁ ଭାବିଥିଲେ । ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ସେ ଦେଶୀ ଗାଈ ଗୋବରରୁ ଭଳିକି ଭଳି ସାଜସଜ୍ଜା ଉପକରଣ ପ୍ରସ୍ତୁତ କରିଥିଲେ । ସାରିକା ଛତିଶଗଡ଼ ରାୟପୁର ହୋଇଥିବାବେଳେ ସେ ଏବେ, ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ରହୁଛନ୍ତି । ଗତ ୩ ବର୍ଷ ଧରି ସେ ଦେଶୀ ଗାଈ ଗୋବରରୁ ଏହି ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି । ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଗୋବର ଏକତ୍ର କରିଥାନ୍ତି । ଏହାକୁ ପ୍ରକ୍ରିୟାକରଣ କରି ତାହାକୁ ବିଭିନ୍ନ ରୂପ ଦେଇଥାନ୍ତି । ଗାଈ ଗୋବରରୁ ପ୍ରସ୍ତୁତ କରୁଥିବା ସାମଗ୍ରୀଗୁଡ଼ିକର ନାମ ସେ ଗୋ ଧାମ ରଖିଛନ୍ତି । ଏହା ପରିବେଶ ଅନୁକୂଳ ହେବା ସହ ହାଲୁକା ଓ ସୁନ୍ଦର ହୋଇଥାଏ । ଏଥିପାଇଁ ସେ ବିଭିନ୍ନ ରାଜ୍ୟର ଗୋଶାଳାରୁ ଶୁଖିଲା ଗୋବର ସଂଗ୍ରହ କରିଥାନ୍ତି । ସନାତନ ଧର୍ମରେ ଗୋବରର ବିଶେଷ ମହତ୍ତ୍ୱ ରହିଛି । ଏହାକୁ ପବିତ୍ର କୁହାଯାଏ । ସେହିପରି ପ୍ଲାଷ୍ଟିକ୍ ଜିନିଷ ବଦଳରେ ଲୋକେ ପ୍ରାକୃତିକ ଓ ପାରମ୍ପରିକ ଜିନିଷ କିଣିବାକୁ ଅଧିକ ପସନ୍ଦ କରନ୍ତି । ଏହି ଜିନିଷଗୁଡ଼ିକ ଆକାରରେ ବଡ଼ ଦେଖାଯାଉଥିଲେ ଏହାର ଓଜନ କମ୍ ଥାଏ । ସାରିକା ଛୋଟରୁ ନେଇ ବଡ଼ ବିଭିନ୍ନ ଆକୃତିର ଜିନିଷ ବିକିଥାନ୍ତି । ବିଭିନ୍ନ ପ୍ରଦର୍ଶନୀ, ମେଳା ଆଦିରେ ସେ ଷ୍ଟଲ୍ ପକାଇ ଏହି ବ୍ୟବସାୟ କରିଥାନ୍ତି । ଏଥିସହ ଘରେ ମଧ୍ୟ ବିକ୍ରି କରିଥାନ୍ତି । ସାରିକାଙ୍କ କହିବାନୁଯାୟୀ, ଲୋକେ ଏହାକୁ ବେଶ ଆଗ୍ରହରେ ସହ କିଣୁଛନ୍ତି । ଅନ୍‌ଲାଇନରେ ଲୋକଙ୍କ ବରାଦ ମୁତାବକ ସେମାନଙ୍କ ଠିକଣାରେ ମଧ୍ୟ ଏସବୁ ସାମଗ୍ରୀ ପାର୍ସଲ କରିଥାନ୍ତି । ସାରିକା କହନ୍ତି, ସନାତନ ଧର୍ମରେ ଗୋମାତା ପୂଜନୀୟ । ଅଧିକାଂଶ କ୍ଷେତ୍ରରେ ଲୋକମାନେ ଭାବନ୍ତି, ଗାଈ ଯେତେବେଳେ କ୍ଷୀର ଦେବା ବନ୍ଦ କରିଦିଏ ତାହା ପାଖରୁ ଆମେ ଆଉ କିଛି ଉପକାରୀ ସାମଗ୍ରୀ ପାଉନା । ହେଲେ ଗୋମାତା ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଦେଇଥାଏ ଯାହାର ଉପକାରିତା ଅତୁଳନୀୟ । ସେହିପରି ସେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସେହି ଅନୁସାରେ ମଧ୍ୟ ବିଭିନ୍ନ କଳାକୃତି କରିଥାନ୍ତି । ଯାହାକୁ ଲୋକମାନେ ଖୁବ୍ ଆଦରର ସହ କିଣିଥାନ୍ତି ।

# ମସଲାରେ ତ୍ୱଚାର ଯତ୍ନ

**ସୁନ୍ଦର, ଚିକ୍କଣ ଓ ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାଁନ୍ତି । ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରସାଧନରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ଅବଶ୍ୟ ଏଥିରୁ ତ୍ୱଚାକୁ ସ୍ୱଳ୍ପ ସମୟ ପାଇଁ ଅନେକ ଫାଇଦା ମିଳିଥାଏ; କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ନଥାଏ । ତେଣୁ ଚାହିଁଲେ ରୋଷେଇ ଘରେ ଥିବା ମସଲାକୁ ଉପଯୋଗ କରି ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେଇପାରିବେ ।**



### ମେଥି

ଏହା ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିବା ସହ ଚର୍ମକୁ ଟାଇଟ୍ ରଖିଥାଏ । ଏହାଦ୍ୱାରା ଦାଗ, କୁଞ୍ଚନ ସମସ୍ୟା କମ୍ ହୋଇଥାଏ । ତେଣୁ ମେଥିଦାନାକୁ ଟୋନର୍ ଭାବେ ବ୍ୟବହାର କରିବାକୁ ଚାହଁଥିଲେ, ଗୋଟିଏ କପ୍‌ରେ ଅଳ୍ପ ପାଣି ନେଇ ସେଥିରେ ଏକ ଚାମଚ ମେଥିଦାନା ପକାଇ ଭିଜାଇ ରଖନ୍ତୁ । ସକାଳେ ଏହି ପାଣିକୁ ଛାଣି ଏକ ସ୍ପ୍ରେ ବୋତଲରେ ରଖନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିପାରିବେ । ଚାହିଁଲେ ଏଥିରୁ ଫେସ୍‌ମାସ୍କ ପ୍ରସ୍ତୁତ କରି ଲଗାଇପାରିବେ ।

### ଅଳେଇଚ

ତ୍ୱଚାକୁ ପ୍ରାକୃତିକ ଉପାୟରେ ସଫା ତଥା ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ , ଅଳେଇଚ ବ୍ୟବହାର କରିପାରିବେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସତେଜ ରଖିଥାଏ । ଏହାକୁ ବ୍ୟବହାର କଲେ ତ୍ୱଚା ସଫା ଓ ଉଜ୍ଜ୍ୱଳ ଦିଶିଥାଏ । ଏଥିପାଇଁ କଞ୍ଚାକ୍ଷୀରରେ ଏକ ଚାମଚ ଗୁଜୁରାତି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ସପ୍ତାହକୁ ଏହା ଦୁଇଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ ।

### ଜୁଆଣୀ

ଏହା ତ୍ୱଚାରେ ଥିବା ବ୍ଲାକ୍‌ହେଡ୍‌ସ ଦୂର କରି ତ୍ୱଚାକୁ ଡିଟକ୍ସ କରିଥାଏ । ଏଥିପାଇଁ ଜୁଆଣୀ ଷ୍ଟିମ୍ ନେଇପାରିବେ । ଏହାଦ୍ୱାରା ପୋର୍ସଗୁଡ଼ିକ ଖୋଲିଯାଏ, ଓ ବ୍ଲାକ୍‌ହେଡ୍‌ସ ସହଜରେ ଦୂର ହୋଇଥାଏ । ଏଥିସହ ଏହି ଷ୍ଟିମ୍ ନେବା ଦ୍ୱାରା ତ୍ୱଚା ଭିତରୁ ସଫା ହୋଇଥାଏ । ଏଥିପାଇଁ ଏକ ଚାମଚ ଜୁଆଣୀକୁ ପାଣିରେ ପକାଇ ଫୁଟାନ୍ତୁ । ଏହାକୁ ମୁହଁରେ ଷ୍ଟିମ୍ ଦେଇ ୫ ମିନିଟ୍ ରଖି ଦିଅନ୍ତୁ ।





# ମୁଗଡାଲି ଢୋକ୍‌ଲା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମୁଗ ଡାଲି - ୨୦୦ ଗ୍ରାମ୍, ସୁଜି - ଏକ କପ୍, ଦହି - ଏକ କପ୍, ଅଦା - ଏକ ଇଞ୍ଚ, କଞ୍ଚାଲଙ୍କା - ଦୁଇଟି, ହଳଦିଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲେମ୍ବୁ - ଛୋଟ ଖଣ୍ଡେ, ଇନୋ - ଏକ ପ୍ୟାକେଟ୍, ଭୃସଙ୍ଗପତ୍ର - ଅଳ୍ପ, ହେଙ୍ଗୁ - ଅଧା ଚାମଚ, ରାଶି- ଏକ ଚାମଚ, ସୋରିଶ- ଏକ ଚାମଚ, ଚିନି- ଅଧା ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ପାଣି ନେଇ ସେଥିରେ ମୁଗଡାଲି ପକାଇ ୩-୪ ଘଣ୍ଟା ବତୁରାଇ ରଖନ୍ତୁ । ଏହାପରେ ଏକ ପାତ୍ରରେ ଏକ କପ୍ ସୁଜି ଓ ଅଧା କପ୍ ଦହି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ବତୁରା ମୁଗ ଡାଲି, କଞ୍ଚାଲଙ୍କା , ଅଦା, ହଳଦୀ, ଲୁଣ , ଗୋଳେଇ ରଖିଥିବା ସୁଜି ସହ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ଇନୋ ପକାଇ ଗୋଳାନ୍ତୁ । ପରେ ଏହାକୁ ଏକ ଥାଳିରେ ଭଲ ଭାବେ ଖେଳାଇ ଦିଅନ୍ତୁ । ଏକ ହାଣ୍ଡିରେ ଅଳ୍ପ ପାଣିଦେଇ ଗୋଟିଏ ପାତ୍ରରେ ଏହି ଗୋଳାକୁ ରଖି ବାମ୍ପ ଦିଅନ୍ତୁ । ୩୦ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଗୋଟିଏ ଡଙ୍କିରେ ତେଲ ନେଇ ସେଥିରେ ସୋରିଷ, ରାଶି, ହେଙ୍ଗୁ, ଭୃସଙ୍ଗପତ୍ର, ଲେମ୍ବୁ, ଚିନି ଦେଇ ଛୁଙ୍କ ଦିଅନ୍ତୁ । ଏହି ଛୁଙ୍କକୁ ପ୍ରସ୍ତୁତ କରି ରଖିଥିବା ଢୋକ୍‌ଲା ଉପରେ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମୁଗଡାଲି ଢୋକ୍‌ଲା' ।



# ମଇଳା ପାନିଆ ବ୍ୟବହାର କରୁଥିଲେ

**ସାଧାରଣତଃ ମହିଳାମାନେ ଦୀର୍ଘ ସମୟ ଧରି ଗୋଟିଏ ପାନିଆରେ କେଶ କୁଣ୍ଡାଇଥାନ୍ତି । ହେଲେ ଏହା ସଫା ପ୍ରତି ଧ୍ୟାନ ବିଶେଷ ଧ୍ୟାନ ଦିଅନ୍ତିନି । ମଇଳା ପାନିଆ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହା ଅନେକ କେଶଜନିତ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଏହାକୁ ଦୁଇ, ତିନି ସପ୍ତାହରେ ସଫା କରିବା ଆବଶ୍ୟକ ।**




- ଅପରିଷ୍କାର ପାନିଆ ବ୍ୟବହାର କଲେ ଏହାଦ୍ୱାରା କେଶମୂଳ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ କେଶଝଡ଼ା, ଦୋମୁହାଁ ଓ ରୂପି ଭଳି ଅନେକ ସମସ୍ୟା ହୋଇଥାଏ ।
- ଏହା କେଶକୁ ଖୁବ୍ ଜଲ୍‌ଦି ଚିପ୍‌ଚିପା କରିଥାଏ । ଏଥିପାଇଁ ବାରମ୍ବାର କେଶ ସାମ୍ପୁ କରିବାକୁ ପଡ଼ିଥାଏ । କେବଳ ସେତିକି ନୁହେଁ, ଏହା କେଶର ଉଜ୍ଜ୍ୱଳତାକୁ ହ୍ରାସ କରିଥାଏ । କେଶର ପ୍ରାକୃତିକ ଚମକ ହଜିଯାଏ ।
- ଅପରିଷ୍କାର ପାନିଆରେ ବ୍ୟାକ୍ଟେରିଆ ଜମି ରହିଥାନ୍ତି ।ଏହାଦ୍ୱାରା କେଶ ଦୁର୍ଗନ୍ଧ ହୋଇଥାଏ । କେଶଝଡ଼ା ସମସ୍ୟା ମଧ୍ୟ ଦେଖାଯାଏ ।

# ହେୟାର୍ ଏକ୍ସଟେନ୍‌ସନ୍

**ଅଧିକାଂଶ ମହିଳା ଲମ୍ବା,ଘନ କେଶ ଚାହାଁନ୍ତି । ଏହା ଆକର୍ଷଣୀୟ ଦିଶିବା ସହ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ହେଲେ ଧୂଳି, ପ୍ରଦୂଷଣ, ବ୍ୟସ୍ତଜୀବନଶୈଳୀ ଯୋଗୁଁ ଏବେ କେଶଝଡ଼ା ମୁଖ୍ୟ ସମସ୍ୟା ପାଲଟିଛି । ଏହାଦ୍ୱାରା କେଶ ପତଳା ହୋଇଯାଏ । ଏପରି ସ୍ଥଳେ ହେୟାର୍ ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ, ଲମ୍ବା କରିପାରିବେ ।**

### ହେୟାର ଏକ୍ସଟେନସନ କ'ଣ


ଏହା ଉଭୟ ଅସଲି ଓ କୃତ୍ରିମ କେଶକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । କେଶ ପତଳା ଓ ଛୋଟ ଥିଲେ , ଏହି ହେୟାର ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ ଓ ଲମ୍ବା କରିପାରିବେ । ଏହାକୁ ମଡେଲ, ସିନେତାରକାଠୁ ନେଇ ସାଧାରଣ ଯୁବତୀ ବ୍ୟବହାର କରୁଛନ୍ତି ।

### ହେୟାର ଟୋପର୍ସ

ଏହା ହେୟାର ୱିଗ୍‌ର ଏକ ଛୋଟ ଅଂଶ ଭାବେ ଜଣାଯାଏ । କେଶର ମଝି ଅଂଶ ଝଡ଼ି ପତଳା ହୋଇଯାଇଥିଲେ, ଏହାକୁ ଲଗାଇ କେଶକୁ ଘନ ଆକାର ଦେଇପାରିବେ । ଏହା କେଶର ମଝିଅଂଶକୁ କଭର କରିଥାଏ । ଏଥିରେ କ୍ଲିପ୍ ଲାଗିଥାଏ । ଏହାକୁ କେଶରେ ଲଗାଇ ଫିକ୍ସ କରିପାରିବେ । ଏହା ଉଭୟ ସିଧା ଓ କୁଞ୍ଚ କେଶରେ ଲଗାଇପାରିବେ ।

### ହେଲୋ ହେୟାର

ଏହା ଏକ ପ୍ରକାର ହେୟାର୍ ଏକ୍ସଟେନ୍‌ସନ୍ । ଏହାକୁ ବିନା କ୍ଲିପ୍, ଅଠାରେ ସହଜରେ ଲଗାଯାଇପାରିବେ । ଏହାର ଉପରଭାଗରେ ପତଳା ରବର ଥାଏ । ଏହା ଦେଖିବାକୁ ଲମ୍ବା ରହିଥାଏ । ଏହାକୁ ଲଗାଇବାକୁ ମାତ୍ର ଏକ ମିନିଟ୍ ସମୟ ଲାଗିଥାଏ । ଏଥିରେ କ୍ଲିପ୍, ଅଠା ଆଦି ବ୍ୟବହୃତ ନ ହେବାରୁ ଏହା କେଶକୁ କୌଣସି କ୍ଷତି ପହଞ୍ଚାଏନି । କେଶର ଆବଶ୍ୟକତା ଅନୁଯାୟୀ ଏପରି ଅନେକ ଏକ୍ସଟେନ୍‌ସନ୍ ରହିଛି ।



## ଏସିଆ କପ୍

# ୟୁଏଇ ବିପକ୍ଷରେ ଭାରତର ଦମ୍‌ଦାର ବିଜୟ

ଦୁବାଇ, ୧୦।୯ (ଏଜେନ୍ସି):

ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଭାରତ ପ୍ରଥମ ମ୍ୟାଚରେ ୯୩ ବଲ୍ ଓ ୯ ୱିକେଟ ବଳକା ଥାଇ ବଡ଼ ବ୍ୟବଧାନରେ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ମାତ୍ ଦେଇଛି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।


କୁଲଦୀପଙ୍କୁ ବଧାଇ ଜଣାଉଛନ୍ତି ସୂର୍ଯ୍ୟ କୁମାର

### କୁଲଦୀପଙ୍କ ସ୍ପିନ ଯାଦୁରେ ୟୁଏଇ ଧରାଶାୟୀ

ବୁଧବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଏହି ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପାଇଁ ଦୁଇ ଓପନର୍ ଅଧିନାୟକ ମହମ୍ମଦ ୱାସିମ ଓ ଆଲିସାନ ଶରଫୁ ପ୍ରଥମ ୱିକେଟ୍‌ରେ ୨୬ ରନ ଉଠାଇଥିଲେ। ତେବେ ୪ର୍ଥ ଓଭରର ୪ର୍ଥ ବଲ୍‌ରେ ବୁମ୍ରାଙ୍କ ଏକ ଚମତ୍କାର ୟର୍କରକୁ ଖେଳି ନ ପାରି ଆଲିସାନ ୨୨ ରନରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଏହାପରେ ୟୁଏଇର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ବ୍ୟାଟର୍‌ମାନେ କୁଲଦୀପଙ୍କ ସ୍ପିନ ଯାଦୁ ଓ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଶିଭମ ଦୁବେଙ୍କ ବଲ୍‌କୁ ସାମ୍ନା କରି ନ ଥିଲେ। ଫଳରେ ଘରୋଇ ଦଳ ୧୩.୧ ଓଭରରେ ମାତ୍ର ୫୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ଅଧିନାୟକ ୱାସିମ (୧୯ ରନ) ଓ ଆଲିସାନ (୨୨ ରନ) କେବଳ ଦୁଇଅଙ୍କବିଶିଷ୍ଟ ସ୍କୋର ଛୁଇଁପାରିଥିଲେ। ଏକଦା ୟୁଏଇ ଏକ ୱିକେଟ୍‌ରେ ୨୬ ରନ କରିଥିବାବେଳେ ଆଉ ୩୧ ରନରେ ୯ ଟି ଯାକ ୱିକେଟ ହରାଇଥିଲା। ଭାରତ ପକ୍ଷରୁ କୁଲଦୀପ (୨.୧-୦-୭-୪) ଓ ଶିଭମ (୨-୦-୪-୩) ମିଳିତ ଭାବେ ୨୫ ବଲ୍ ବୋଲିଂ କରି ୧୧ ରନ ବ୍ୟୟରେ ୭ ଟି ୱିକେଟ୍ ନେଇଥିଲେ। ଯଶପ୍ରୀତ୍ ବୁମ୍ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ଏଥିସହ ଟି-୨୦ରେ ଭାରତ ବିପକ୍ଷରେ ସବୁଠୁ କମ୍ ରନରେ ଅଲ୍‌ଆଉଟ୍ ହେବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୩ରେ ଭାରତ ବିପକ୍ଷ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୬୬ ରନରେ ଅଲ୍‌ଆଉଟ୍ ହୋଇଥିଲା।

ଜବାବରେ ୫୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୪.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୧୬ ବଲରେ ୩୦ ରନ କରି ଆଉଟ୍ ହୋଇଥିଲେ। ଶୁବମନ ଗିଲ୍ ୯ ବଲରେ ୨୦ ଓ ଅଧିନାୟକ ଯାଦବ ୨ ବଲରେ ୭ ରନ କରି ଅପରାଜିତ ରହିଥିଲେ। ଶ୍ରେଷ୍ଠ ଖେଳାଳି କୁଲଦୀପଙ୍କୁ ୫ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪.୪୦ ଲକ୍ଷ) ପୁରସ୍କାର ଦିଆଯାଇଥିଲା। ସେହିଭଳି ମ୍ୟାଚର ବିଜୟୀ ଦଳକୁ ୧୫ ହଜାର ଡଲାର (୧୩ ଲକ୍ଷ ୨୦ ହଜାର ଟଙ୍କା) ପୁରସ୍କାର ପ୍ରଦାନ କରାଯାଇଥିଲା।

**ଆଜିର ମ୍ୟାଚ୍**

| | |
|---|---|
| ବାଂଲାଦେଶ-ହଂକଂ | |
| ଭେନ୍ୟୁ : | ଆବୁଧାବି |
| ଖେଳ ଆରମ୍ଭ : | ରାତି ୮ଟା |
| ପ୍ରସାରଣ : | ସୋନି ସ୍ପୋର୍ଟ୍ସ ନେଟୱର୍କ |

### ସଂକ୍ଷିପ୍ତ ସ୍କୋର

ୟୁଏଇ ପାଳି: ୫୭/୧୦, ୧୩.୧ ଓଭର (ଆଲିସାନ ଶରାଫୁ-୨୨, ମହମ୍ମଦ ୱାସିମ- ୧୯, କୁଲଦୀପ୍- ୪/୭, ଶିଭମ- ୩/୪)।

ଭାରତ ପାଳି: ୬୦/୧, ୪.୩ ଓଭର (ଅଭିଷେକ ଶର୍ମା- ୩୦, ଶୁବମନ ଗିଲ୍- ଅପରାଜିତ ୨୦, ସୂର୍ଯ୍ୟକୁମାର ଯାଦବ- ଅପରାଜିତ ୭, ଜୁନେଦ ସିଦ୍ଧିକ- ୧/୧୬)।

## ୟୁଏଇ ଦଳରେ ୬ ଭାରତୀୟ ବଂଶୋଦ୍ଭବ

ଚଳିତ ଏସିଆ କପ୍‌ରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ପରାସ୍ତ କରିଛି। ଏହି ମ୍ୟାଚ୍ ଖେଳିଥିବା ୟୁଏଇ ଦଳରେ ଅଧାରୁ ଅଧିକ ଖେଳାଳି ଭାରତୀୟ ବଂଶୋଦ୍ଭବ ବୋଲି ଖୁବ୍ କମ୍ ପ୍ରଶଂସକ ଜାଣିଥିବେ। ୟୁଏଇ ଦଳରେ ସାମିଲ ହୋଇଥିବା ଏହି ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ହେଲେ ସିମରନଜିତ୍ ସିଂହ, ହର୍ଶିତ କୌଶିକ, ଧ୍ରୁବ ପରାସର, ଆଲିସାନ ଶରାଫୁ, ଅର୍ଯ୍ୟାଂଶ ଶର୍ମା ଓ ରାହୁଲ ଚୋପ୍ରା। ଆର୍ଯ୍ୟାଂଶ ଓ ରାହୁଲ ୱିକେଟକିପର ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ନିଜ ପରିବାର ସହ ୟୁଏଇରେ ଅବସ୍ଥାପିତ ଓ ନିଜ ପ୍ରଦର୍ଶନ ଓ ଦକ୍ଷତା ବଳରେ ସେଠାରେ ଜାତୀୟ ଦଳରେ ସ୍ଥାନ ହାସଲ କରିଛନ୍ତି।


## ସୂର୍ଯ୍ୟକୁମାରଙ୍କ ରେକର୍ଡ ଭାଙ୍ଗିଲେ ଓମାରଜାଇ



ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ୯୪ ରନର ବୃହତ୍ ବ୍ୟବଧାନରେ ହଂକଂକୁ ପରାସ୍ତ କରିଥିଲା। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଆଫଗାନିସ୍ତାନ ଅଲ୍‌ରାଉଣ୍ଡ ଅଜମାତୁଲ୍ଲା ଓମାରଜାଇ ୨୧ ବଲରେ ୫୩ ରନର ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ। ଏସିଆ କପ୍ ଇତିହାସରେ ଏହା ଦ୍ରୁତତମ ଅର୍ଦ୍ଧଶତକ ହେବାର ରେକର୍ଡ ହୋଇଛି। ପୂର୍ବରୁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ୨୦୨୨ ସଂସ୍କରଣରେ ହଂକଂ ବିପକ୍ଷରେ ୨୨ ବଲରେ ଅର୍ଦ୍ଧଶତକ ପୂରଣ କରି ରେକର୍ଡର ଅଧିକାରୀ ରହିଥିଲେ।

## ମହିଳା ଦିନିକିଆ ବିଶ୍ୱକପ୍

# ଚାମାରିଙ୍କ ନେତୃତ୍ୱରେ ଖେଳିବ ଶ୍ରୀଲଙ୍କା



କଲମ୍ବୋ, ୧୦।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏଥିଲାଗି ବୁଧବାର ସହ-ଆୟୋଜକ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଭେଟେରାନ ଅଲ୍‌ରାଉଣ୍ଡର ଚାମାରି ଆଟ୍ଟାପାଟୁଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱରେ ଭାର ଦିଆଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଆୟୋଜକ ଭାରତ ସହ ଖେଳି ଶ୍ରୀଲଙ୍କା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଗୌହାଟୀରେ ଖେଳାଯିବ।

ଘୋଷିତ ଶ୍ରୀଲଙ୍କା ଦଳ: ଚାମାରି ଆଟ୍ଟାପାଟୁ (ଅଧିନାୟିକା), ହାସିନି ପେରେରା, ଭିସ୍ମି ଗୁଣରତ୍ନେ, ହର୍ଷିତା ସମରବିକ୍ରମା, କାଭିଶା ଦିଲହାରି, ନୀଲକ୍ଷୀ ଡି ସିଲ୍‌ଭା, ଅନୁଷ୍କା ସଞ୍ଜୀବନୀ, ଇମେଶା ଦୁଲାନି, ଦେୱାମି ବିହଙ୍ଗା, ପିଉମି ୱାଥସାଲ୍, ଇନୋକା ରଣୱିରା, ସୁଗନ୍ଧିକା କୁମାରୀ, ଉଦେଶିକା ପ୍ରବୋଧିନୀ, ମାଲକି ମାଦରା ଓ ଅଚିନି କୁଲସୋରିୟା।

## ପୁଣିଥରେ ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଚଳିତ ବର୍ଷ ଜାରି ରହିଛି। ପୁଣିଥରେ ସିନ୍ଧୁ ଚଳିତ ସିଜନରେ ଏକ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ହଂକଂ ଓପନ୍ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୧୫, ୧୬-୨୧, ୧୯-୨୧ ଗେମରେ ବିଶ୍ୱ ମାନ୍ୟତାର ୨୭ତମ ସ୍ଥାନରେ ରହିଥିବା ଡେନମାର୍କର ଲିନ କ୍ରିଷ୍ଟୋଫରସେନଙ୍କ ନିକଟରୁ ହାରିଯାଇଛନ୍ତି। ଫଳରେ ୧୪ତମ ମାନ୍ୟତା ସିନ୍ଧୁ ଚଳିତ ବର୍ଷ ୬ଷ୍ଠଥର ଲାଗି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଲିନ୍‌ଙ୍କ ବିପକ୍ଷରେ ୬ଷ୍ଠ ମୁକାବିଲାରୁ ସିନ୍ଧୁ ପ୍ରଥମ ପରାଜୟବରଣ କରିଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ୨୨-୨୦, ୧୬-୨୧, ୨୧-୧୫ ଗେମରେ ଚାଇନିଜ ତାଇପେଇର ୱାଙ୍ଗ ଜୁ ୱି'ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ଏଚଏସ୍ ପ୍ରଣୟ ଓ କିରନ ଜର୍ଜ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

## ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍

# ଭାରତର ପ୍ରଥମ ପଦକ ନିଶ୍ଚିତ କଲେ ନୂପୁର



ଲଣ୍ଡନ, ୧୦।୯ (ଏଜେନ୍ସି): ଲିଭର୍‌ପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ପଦକ ନିଶ୍ଚିତ କରିଛି। ମହିଳା ୮୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ନୂପୁର ଶିଓରାନ ୪-୧ରେ ଉଜବେକିସ୍ତାନର ଓଲଟିନୀ ସୋତିମବୋଏଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ପହଞ୍ଚି ନୂପୁର କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ନୂପୁର ବିଶ୍ୱ ବକ୍ସିଂ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବୁଧବାର ରାତିରେ ଦୁଇଥରର ବିଶ୍ୱ ଚାମ୍ପିଅନ ଭାରତର ନିଖିତ ଜରିନ ତୁର୍କିର କାକିରୋଗଲୁଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଲା ଇକ୍ୱେଡର



ତାରକ୍ୱି, ୧୦।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବୁଧବାର ସ୍ଥାନୀୟ ମୌନମେଣ୍ଟାଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ଇକ୍ୱେଡର ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମରେ ଘରୋଇ ଇକ୍ୱେଡରକୁ ଏକ ପେନାଲ୍ଟି ମିଳିଥିଲା। ଏହି ଫ୍ରି କିକ୍‌ର ଭରପୁର ଫାଇଦା ଉଠାଇ ଭାଲେନସିଆ ଏନ୍ନର ଘରୋଇ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ଏହାପରେ ବଳକା ୪୫ ମିନିଟ୍‌ରେ ଆର୍ଜେଣ୍ଟିନା ଗୋଲକୁ ଶୁଝାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆର୍ଜେଣ୍ଟିନାର ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚରେ ଖେଳୁ ନ ଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ପୂର୍ବରୁ ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆର୍ଜେଣ୍ଟିନା ବର୍ତ୍ତମାନ ୧୮ ମ୍ୟାଚ୍ ଖେଳି ୧୨ ବିଜୟ, ୪ ପରାଜୟ ଓ ୨ଟି ଡ୍ର ସହ ୩୮ ପଏଣ୍ଟ ସହ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍‌ରେ ସ୍ଥାନ ସୁରକ୍ଷିତ କରିନେଇଛି।

# ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନ; ଓଡ଼ିଶାକୁ ୯ ପଦକ

ଭୁବନେଶ୍ୱର, ୧୦।୯ (ସମିସ): ଲକ୍ଷ୍ନୌରେ ଶେଷ ହୋଇଥିବା ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୯ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ସୌମ୍ୟରଞ୍ଜନ ମହାକୁଲ ଏବଂ ରାଣୀ ଗୌଡ଼ା ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ପାଇଛନ୍ତି। ସୌମ୍ୟରଞ୍ଜନ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ରୌପ୍ୟ ଓ ୧୯ ବର୍ଷରୁ କମ୍ ବିଭାଗରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ରାଣୀ ୧୯ ବର୍ଷରୁ କମ୍ ବାଳିକା ଓ ୟୁଥ୍ ବର୍ଗରେ ଏହି ସଫଳତା ପାଇଥିଲେ। ଏହାବାଦ୍ ବିଭାସିନ୍ଧୁ ବାରିକ ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥୀ କରି ୧୯ ବର୍ଷରୁ କମ୍ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ବିଭାସିନ୍ଧୁ ମଧ୍ୟ ଏହି ବୟସବର୍ଗର ବାଳକ ଫାଇନାଲରେ ହାରି ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଆକାଶ ରଞ୍ଜନ ମୁଣ୍ଡା ଓ ଅଜୟ କୁମାର ପ୍ରଧାନ ଗୋଟିଏ ଲେଖାଏ କାଂସ୍ୟ ପଦକ ଜିତିଛନ୍ତି। ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରା ଓଡ଼ିଶା ଦଳର ପ୍ରଶିକ୍ଷକ ଭାବେ ଦଳ ସହ ଗସ୍ତ କରିଥିଲେ।




## ମହିଳା ଏସିଆ କପ୍ ହକି: ଦ.କୋରିଆ ୨-୪ ଗୋଲ୍‌ରେ ପରାସ୍ତ

# ସୁପର୍-୪ରେ ଭାରତର ବିଜୟ ଅଭିଯାନ

ହାଙ୍ଗଝୋଉ, ୧୦।୯ (ଏଜେନ୍ସି):

ଚାଇନାରେ ଚାଲିଥିବା ମହିଳା ଏସିଆ କପ୍ ହକି ୧୧ତମ ସଂସ୍କରଣର ସୁପର୍-୪ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ମହିଳା ଦଳ ୪-୨ ଗୋଲ୍‌ରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ବୈଷ୍ଣବୀ ବିଥାଲ, ସଙ୍ଗୀତା କୁମାରୀ, ଲାଲରେମସିଆମି ଓ ଋତୁଜା ଦାଦାସୋ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ଏଥିସହ ୩ ପଏଣ୍ଟ ପାଇ ୪ ଦଳୀୟ ଟେବଲ ତାଲିକାର ଶୀର୍ଷରେ ରହିଛି। ସୁପର୍-୪ରେ ଭାରତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ଯଥାକ୍ରମେ ଗୁରୁବାର ଚୀନ ଓ ଶନିବାର ଜାପାନ ବିପକ୍ଷରେ ଖେଳିବ। ରବିବାର ସୁପର୍-୪'ର ଦୁଇ ଶୀର୍ଷ ଦଳ ମଧ୍ୟରେ ଫାଇନାଲ ଖେଳାଯିବ।



ସୁପର୍-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ବୁଧବାର ଅପରାହ୍ନରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ବୈଷ୍ଣବୀ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରରେ ଏହି ଅଗ୍ରଣୀକୁ ଭାରତ ବଜାୟ ରଖିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୩୩ତମ ମିନିଟରେ ଫିଲ୍ଡ ଗୋଲ୍ ଜରିଆରେ ସଙ୍ଗୀତା କୁମାରୀ ଭାରତକୁ ୨-୦ରେ ଆଗୁଆ କରାଇଥିଲେ। ସେହି ସମାନ ମିନିଟ୍‌ରେ କିନ୍ତୁ ଦକ୍ଷିଣ କୋରିଆ କାଉଣ୍ଟର ଆଟାକ୍ କରି ଗୋଟିଏ ଗୋଲ୍ ଶୁଝିଦେଇଥିଲା। କିମ୍ ୟୁଜିନ ପେନାଲ୍ଟି କର୍ଣ୍ଣରରୁ ଏହି ଗୋଲ୍‌ଟି ଦେଇଥିଲେ। ଏହାପରେ ୪୦ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ୍ ବଳରେ ଭାରତ ଅଗ୍ରଣୀକୁ ୩-୧କୁ ବୃଦ୍ଧି କରାଇଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ୫୩ତମ ମିନିଟ୍‌ରେ କିମ୍ କୋରିଆ ପାଇଁ ୨ୟ ଗୋଲ୍ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଶେଷ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଋତୁଜା ଏହାକୁ ଗୋଲରେ ରୂପାନ୍ତରିତ କରି ଭାରତକୁ ୪-୨ ଗୋଲରେ ବିଜୟୀ କରାଇଥିଲେ।

## କେଭିଏଲ୍‌ରେ ଭାଗନେବେ ୭୬ଟି ଦଳ

କଟକ,୧୦।୯ (ସମିସ): ଖୁବଶୀଘ୍ର କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ଆରମ୍ଭ ହେବ। ଏଥିନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେବେ। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ମୁକାବିଲା ହେବ। ଏଥିରେ ଚାମ୍ପିଅନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଆସାମ ଯାତ୍ରା କରିବ। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଗେଷ୍ଟହାଉସ୍‌ରେ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲ୍ଲାର ନାରଙ୍ଗବସ୍ତରେ ଆୟୋଜନ ହେବ। ନାରଙ୍ଗବସ୍ତ ଇନଚାର୍ଜ ସୁଶାନ୍ତ ମାଝୀ ଉପସ୍ଥିତ ରହି ଲିଗ୍‌କୁ ସଫଳ କରିବା ଦିଗରେ ମତବ୍ୟକ୍ତ କରିଥିଲେ। ପରେ ଯାଜପୁରରେ, ଅନୁଗୋଳରେ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ସବୁ ଖେଳାଯିବ। ଦିବ୍ୟବ୍ରତ ପଣ୍ଡା, ଆଇନଜୀବୀ ବସନ୍ତ ଦାସ ପ୍ରମୁଖ ଲିଗ୍ ପରିଚାଳନାରେ ସହଯୋଗ କରିବେ।

ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ପ୍ରଶିକ୍ଷଣ ଶିବିର ଆୟୋଜନ ବାବଦରେ ଆଲୋଚନା କରାଯାଇଥିଲା। ଜାତୀୟସ୍ତରର ପ୍ରଶିକ୍ଷକଙ୍କୁ ନେଇ ଗ୍ରାମାଞ୍ଚଳରେ ନିଃଶୁଳ୍କ ପ୍ରଶିକ୍ଷଣ ଶିବିର କରାଯିବ। ବୈଠକରେ କେଭିଡିସିର କଟକ ଜିଲ୍ଲା ଇନଚାର୍ଜ ଅମର ଭଞ୍ଜ, ଢେଙ୍କାନାଳ ଇନଚାର୍ଜ ରାକେଶ ପ୍ରଧାନ, ଜାତୀୟସ୍ତରର ଖେଳାଳି ମହମ୍ମଦ ଓବେଦୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ। ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ବୈଠକ ପରିଚାଳନା କରିଥିଲେ।

## ଆଜିଠୁ ଦୁଲୀପ୍ ଟ୍ରଫି ଫାଇନାଲ

ବେଙ୍ଗାଲୁରୁ, ୧୦।୯ (ଏଜେନ୍ସି): ବିସିସିଆଇର ୨୦୨୫-୨୬ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିର ଫାଇନାଲ ମ୍ୟାଚ୍ ଗୁରୁବାରରୁ ଆରମ୍ଭ ହେବ। ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ପୂର୍ବରୁ ସେମିଫାଇନାଲରେ ଉତ୍ତରାଞ୍ଚଳ ବିପକ୍ଷରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ପାଳି ଅଗ୍ରଣୀ ରହି ଫାଇନାଲରେ ପହଞ୍ଚିଛନ୍ତି। ଭାରତର ପ୍ରମୁଖ ଖେଳାଳି ବର୍ତ୍ତମାନ ଏସିଆ କପ୍ ଏବଂ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ସିରିଜରେ ବ୍ୟସ୍ତ ରହିଥିବାରୁ ଦୁଲୀପ୍ ଟ୍ରଫି ଫାଇନାଲରେ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ଇଣ୍ଡିଆ-ଏ ଦଳରେ ସାମିଲ ହୋଇଥିବାରୁ ଏନ୍. ଜଗଦୀଶନ ଓ ଦେବଦତ୍ତ ପାଡିକଲ ଫାଇନାଲ ଲଢ଼େଇରେ ଦକ୍ଷିଣାଞ୍ଚଳ ପକ୍ଷରୁ ଖେଳିବେ ନାହିଁ। ତେଣୁ ଫାଇନାଲ ଲାଗି ଦକ୍ଷିଣାଞ୍ଚଳ ଦଳରେ କର୍ଣ୍ଣାଟକର ଆର. ସ୍ମରଣ ଓ ତାମିଲନାଡୁର ଆନ୍ଦ୍ରେ ସିଦ୍ଧାର୍ଥଙ୍କୁ ସାମିଲ କରାଯାଇଛି। ସେହିଭଳି କେନ୍ଦ୍ରାଞ୍ଚଳ ଦଳରେ ୪ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ନଚିକେତ ଭୁତେ, କୁମାର କାର୍ତ୍ତିକେୟ, କୁଲଦୀପ ସେନ ଓ କୁକନା ଅଜୟ ସିଂ। ଯଶ ଠାକୁର ହର୍ଷ ଦୁବେ, ଖଲିଲ ଅହମ୍ମଦ ଓ ମାନବ ସୁତାରଙ୍କ ସ୍ଥାନରେ ଏମାନେ ଖେଳିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS